READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

୭୦ତମ ରାଜଧାନୀ ପ୍ରତିଷ୍ଠା ଦିବସ



୧୩ଜଣଙ୍କୁ 'ରାଜଧାନୀ ଗୌରବ' ସମ୍ମାନ

ବର୍ଷ-୨ ସଂଖ୍ୟା-୧୪ ୧୬ ଏପ୍ରିଲ - ୨୨ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-14 16th APRIL - 22th APRIL, 2018 BHUBANESWAR ₹ 5/- (8 Pages)

## ମହାନଦୀ ପ୍ରସଙ୍ଗରେ ମାରାଥନ ଆଲୋଚନା

# ଆଗକୁ ପାନୀୟ ଜଳ ସମସ୍ୟା

**ଭୁବନେଶ୍ୱର :** ମହାନଦୀ ପ୍ରସଙ୍ଗକୁ ନେଇ ବିଧାନସଭାରେ ମାରାଥନ୍ ଆଲୋଚନା ହୋଇଥିଲା। ପ୍ରଶ୍ନକାଳକୁ ବାତିଲ କରି ଆରମ୍ଭ କରାଯାଇଥିବା ଏହି ଆଲୋଚନାରେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଲୋଚନା ପରିଶେଷରେ ଗୃହର ଉଦ୍‌ବେଗ କେନ୍ଦ୍ର ସରକାରଙ୍କୁ ଜଣାଇ ଦିଆଯିବ ବୋଲି ବାଚସ୍ପତି ପ୍ରଦୀପ କୁମାର ଅମାତ କହିଛନ୍ତି। ଆଲୋଚନା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂଆ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ରହିତାଦେଶ ସତ୍ତ୍ୱେ ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ପୁଣି ଏକ ନୂଆ ପ୍ରକଳ୍ପ ପାଇଁ ଟେଣ୍ଡର୍ ଆହ୍ୱାନ କରିଥିବା ଆଲୋଚନାର ଉତ୍ତର ଦେବା ବେଳେ ଏହା କହିଥିଲେ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଛତିଶଗଡ଼ର ମହାମୋଲାଶିର୍‌ପୁର ଠାରେ ଏକ ନୂତନ ବ୍ୟାରେଜ୍ ନିର୍ମାଣ ପାଇଁ ଏହି ଟେଣ୍ଡର୍ ଡକାଯାଇଛି। ନଦୀରେ ଜଳ କମିବା କାରଣରୁ ଭୁବନେଶ୍ୱରରେ ଆଗକୁ



ପାନୀୟ ଜଳ ସମସ୍ୟା ସୃଷ୍ଟି ହେବ ବୋଲି ସେ ଚେତାବନୀ ଦେଇଥିଲେ। ଆଫ୍ରିକୀୟ ଦେଶଗୁଡ଼ିକ ଭଳି ରାସନକାର୍ଡ ଯୋଗେ ଡେ' ଜିରୋ ବା ରାସନ୍ କାର୍ଡରେ ପାଣିଯୋଗାଇବା ଭଳି ପରିସ୍ଥିତି ଉପୁଜିବ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ମହାନଦୀ ଟ୍ରିବ୍ୟୁନାଲ୍ ଗଠନ କରିଥିଲେ ସୁଦ୍ଧା ଏହାର ଟର୍ମ ଅଫ୍ ରେଫରେନ୍ସ ସ୍ପଷ୍ଟ କରିନାହାନ୍ତି। ଏହି କାରଣରୁ ଟ୍ରିବ୍ୟୁନାଲ୍‌ର କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ ବୋଲି କୁହାଯାଇଛି। ତେବେ ଗତ ଶୁକ୍ରବାର ଆଲୋଚନା ଶେଷରେ ଏନେଇ ଗୃହରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ପାଇଁ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଦେଇଥିବା ପ୍ରସ୍ତାବକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏ ବିଷୟରେ ଆଲୋଚନା କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଆଲୋଚନା ଆରମ୍ଭ କରି ସରକାରୀ ମୁଖ୍ୟ ସଚେତକ କହିଥିଲେ ଯେ ମହାନଦୀର ଅଧିକାଂଶ ଭାଗ ଆମ ରାଜ୍ୟରେ ପ୍ରବାହିତ ହେଉଥିଲେ ସୁଦ୍ଧା ଛତିଶଗଡ଼ ସରକାର ଓଡ଼ିଶାକୁ ନଜଣାଇ ଏକତରଫା ଭାବରେ ବନ୍ଧ ନିର୍ମାଣ କରିଚାଲିଛନ୍ତି। ସେପଟେ ସୁପ୍ରିମକୋର୍ଟ ଏକମାସ ମଧ୍ୟରେ ଟ୍ରିବ୍ୟୁନାଲ୍ ଗଠନ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଛତିଶଗଡ଼ ସରକାରଙ୍କୁ ସାହାଯ୍ୟ କରିବାକୁ ଯାଇ କେନ୍ଦ୍ର ଏହାର ଟର୍ମ ଅଫ୍ ରେଫରେନ୍ସ ରାଜ୍ୟ ସରକାରଙ୍କୁ ଜଣାଉନାହାନ୍ତି। ➤ ପୃ-୬

## ଟିଓଆର୍‌କୁ ଓଡ଼ିଶାର ବିରୋଧ

# ୯୦% ପାଣ୍ଠି ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦାବି

**ଭୁବନେଶ୍ୱର :** ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପଞ୍ଚଦଶ ଅର୍ଥ କମିଶନ୍‌ଙ୍କ ପାଇଁ ଉଦ୍ଦିଷ୍ଟ ଟର୍ମସ୍ ଅଫ୍ ରେଫରେନ୍ସ (ଟିଓଆର୍)କୁ ବିରୋଧ କରିବା ପରେ ଓଡ଼ିଶା ମଧ୍ୟ ଏହାକୁ ନେଇ ଆପତ୍ତି ଉଠାଇଛି। କେନ୍ଦ୍ରୀୟ ଟିକସରେ ରାଜ୍ୟକୁ ଅନୁଦାନ ଆବଣ୍ଟନବେଳେ ୧୯୭୧ ଜନଗଣନା ପରିବର୍ତ୍ତେ ୨୦୧୧ ମସିହା ଜନଗଣନାକୁ ଆଧାର କରିବା ପାଇଁ ଟର୍ମସ୍ ଅଫ୍ ରେଫରେନ୍ସରେ ଉଲ୍ଲେଖ କରାଯାଇ ଥିବାରୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହିତ ପଞ୍ଚଦଶ ଅର୍ଥ କମିଶନଙ୍କ କାର୍ଯ୍ୟରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଓ ତାଙ୍କୁ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ ନିମନ୍ତେ ବାଧ୍ୟ କରିବାକୁ ଟର୍ମସ୍ ଅଫ୍ ରେଫରେନ୍ସରେ ସଙ୍କେତ ଦିଆଯିବା କଥାକୁ ମଧ୍ୟ ଓଡ଼ିଶା ବିରୋଧ କରିଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ଅନୁଦାନ ଆବଣ୍ଟନ ବେଳେ ଓଡ଼ିଶାକୁ ଉତ୍ତର-ପୂର୍ବାଞ୍ଚଳ ଓ ହିମାଳୟ ରାଜ୍ୟଗୁଡ଼ିକ ଭଳି ୯୦% ପାଣ୍ଠି ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ପଞ୍ଚଦଶ ଅର୍ଥ କମିଶନ୍‌ଙ୍କ ପାଇଁ କେନ୍ଦ୍ର ସରକାର ଜାରି କରିଥିବା ଟର୍ମସ୍ ଅଫ୍ ରେଫରେନ୍ସକୁ ନେଇ ଦକ୍ଷିଣ



ଭାରତୀୟ ରାଜ୍ୟଗୁଡ଼ିକ ତୀବ୍ର ବିରୋଧ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ପ୍ରସଙ୍ଗରେ ତୁରନ୍ତ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଟିଓଆର୍‌ରେ କେନ୍ଦ୍ରୀୟ ଟିକସରୁ ରାଜ୍ୟଗୁଡ଼ିକୁ ପାଣ୍ଠି ପ୍ରଦାନବେଳେ ୨୦୧୧ ଜନଗଣନାକୁ ➤ ପୃ-୬

# ଏବେ କ୍ରୋମାଇଟ୍ ଖଣିର ପାଳି

## ଶତ ପ୍ରତିଶତ ଜୋରିମାନା ଆଦାୟ ନିଷ୍ପତ୍ତି

**ଭୁବନେଶ୍ୱର :** ପରିବେଶ ଅନୁମତି ନଥାଇ ବେଆଇନ ଭାବେ ଖନନ କରିଥିବା କ୍ରୋମାଇଟ୍ ଖଣି ଲିଜ୍‌ଧାରୀଙ୍କୁ ଓଡ଼ିଶା ସରକାର ୩୨୫୦କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ଜାରି କରିଛନ୍ତି। ସମସ୍ତ ଖିଲାପୀ ଲିଜ୍‌ଧାରୀଙ୍କୁ ମେ' ୧୦ ତାରିଖ ସୁଦ୍ଧା ଜୋରିମାନା ଅର୍ଥ ପଇଠ କରିବାକୁ ଏହି ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ସୁପ୍ରିମ୍‌କୋର୍ଟଙ୍କ ୨୦୧୭ ଅଗଷ୍ଟ ୨ତାରିଖ ରାୟ ଆଧାରରେ ରାଜ୍ୟ ସରକାର ଆବଶ୍ୟକ ଆଇନଗତ ଅନୁମତି ନଥାଇ ଖଣି ଖନନ କରିଥିବା କମ୍ପାନୀଗୁଡ଼ିକଠାରୁ ଶତ ପ୍ରତିଶତ ଜୋରିମାନା ଆଦାୟ ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସମେତ ବହୁ ଘରୋଇ ଖଣି ଲିଜ୍‌ଧାରୀ କମ୍ପାନୀଙ୍କୁ ଏହି ଡିମାଣ୍ଡ୍ ନୋଟିସ୍ ପଠାଯାଇଛି। ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଓଏମ୍‌ସିକୁ ସର୍ବାଧିକ ପ୍ରାୟ ୧୬୦୦କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ପଠାଯାଇଥିବାବେଳେ ବାଲେଶ୍ୱର ଆଲଏଜ୍‌କୁ ୩୯୦ କୋଟି ଟଙ୍କା, ସରକାରୀ ଉଦ୍ୟୋଗ ଇଡ୍‌କଲ୍‌କୁ ୩୮୦ କୋଟି ଟଙ୍କା, ଟାଟା ଷ୍ଟିଲ୍‌କୁ ୨୭୦ କୋଟି ଟଙ୍କା, ଜିନ୍ଦଲ ଷ୍ଟେନ୍‌ଲେସ୍ ଲିଃକୁ ୧୨୦ କୋଟି ଟଙ୍କା, ଫ୍ୟାକର୍‌କୁ ୨୦୦ କୋଟି ଟଙ୍କା, ବିସି ମହାନ୍ତି ଖଣିକୁ ୧୧୮ କୋଟି ଟଙ୍କା, ମିଶ୍ରିଲାଲ ମାଇନ୍ସକୁ ୩୫ କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ଜାରି ହୋଇଛି। ସେହିପରି ବିଜେଡିରୁ ନିଲମ୍ବିତ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପରିବାରର ମାଲିକାନାରେ ଥିବା ଇମ୍ପା କମ୍ପାନୀକୁ ପ୍ରାୟ ୧୪୦ କୋଟି ଟଙ୍କାର ଡିମାଣ୍ଡ ନୋଟିସ୍ ପଠାଯାଇଛି। ଏସଂପର୍କରେ ସଂପୃକ୍ତ କ୍ରୋମାଇଟ୍ ଖଣି ଲିଜ୍‌ଧାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ପରିବେଶ ଅନୁମତି ନଥାଇ କୋଇଲା ଖନନ ➤ ପୃ-୬

## ଅନୁସୂଚିତ ଜାତି-ଜନଜାତି ଆଇନ୍ ପ୍ରସଙ୍ଗ

# ସୁପ୍ରିମ୍‌କୋର୍ଟ-କେନ୍ଦ୍ର ସରକାର ମୁହାଁମୁହିଁ

**ନୂଆଦିଲ୍ଲୀ :** ଅନୁସୂଚିତ ଜାତି-ଜନଜାତି ଆଇନ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ରାୟ ଦେଶର 'ବଡ଼ କ୍ଷତି' କରିଛି ଏବଂ ଜନସାଧାରଣଙ୍କ ମଧ୍ୟରେ ସଦ୍‌ଭାବ ନଷ୍ଟ କରିଛି। ଏହା ମଧ୍ୟ ଆଇନର ଗୁରୁତ୍ୱ ହ୍ରାସ କରିଛି ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ରୋକ୍‌ଠୋକ୍ ଜଣାଇଛନ୍ତି। ତେଣୁ ତୁରନ୍ତ ଏହାର ସମୀକ୍ଷା କରାଯାଇ ଏହି ରାୟକୁ ପ୍ରତ୍ୟାହାର କରାଯିବାକୁ କେନ୍ଦ୍ର ଦାବି କରିଛି। ଅନୁସୂଚିତ ଜାତି-ଜନଜାତି ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଗତ ମାର୍ଚ୍ଚ ୨୦ରେ ଦେଇଥିବା ରାୟକୁ ବିରୋଧ କରି ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହେବାର ୧୦ ଦିନ ପରେ କେନ୍ଦ୍ର ପକ୍ଷରୁ ରାୟକୁ ଦୃଢ଼ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତଙ୍କୁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ



ନ୍ୟାୟପାଳିକା ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣ ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥା ନେଇ ହେଜାଇ ଦିଆଯାଇଛି। ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଲ ଲିଖିତ ଭାବେ କୋର୍ଟଙ୍କୁ ଜଣାଇଛନ୍ତି, ଏହି ରାୟ ୧୯୮୯ର ଅନୁସୂଚିତ ଜାତି-ଜନଜାତି (ନିର୍ଯାତନା ନିରୋଧ) ଆଇନର ଗୁରୁତ୍ୱ ହ୍ରାସ କରିଛି। ଏହା ଦ୍ୱାରା ଦେଶର ବିରାଟ କ୍ଷତି ହୋଇଛି। ତେଣୁ ଅନୁଚ୍ଛେଦ ୮୩(୩)-(୫)ର ସମୀକ୍ଷା ଆବଶ୍ୟକ। ଯଦ୍ୱାରା ରାୟ ନେଇ ଆଉ କୌଣସି ଭୁଲ ବୁଝାମଣା ରହିବ ନାହିଁ କିମ୍ବା ଏହି ଆଇନକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜିବ ନାହିଁ। ସରକାର ଆହୁରି କହିଛନ୍ତି, ଏହି ରାୟ ଦ୍ୱାରା ସୃଷ୍ଟି ହୋଇଥିବା ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ଏହାର ସମୀକ୍ଷା କରାଯାଉ। ଏଥି ସହ ମାନ୍ୟବର କୋର୍ଟ ତାଙ୍କର ନିର୍ଦ୍ଦେଶ ପ୍ରତ୍ୟାହାର କରନ୍ତୁ। କେନ୍ଦ୍ର ପକ୍ଷରୁ ଆହୁରି ଦର୍ଶାଯାଇଛି, କୋର୍ଟ କେବଳ ବିବାଦର ସମାଧାନ କରିବେ ନାହିଁ ଏବଂ କେତେକ ନିର୍ଦ୍ଦେଶ ମଧ୍ୟ ଦେଇପାରିବେ ବୋଲି ରୁଲିଂରେ କୁହାଯାଇଛି। କିନ୍ତୁ କୋର୍ଟଙ୍କୁ ତାଙ୍କର ସୀମା ➤ ପୃ-୬

## ଡବ୍ଲ୍ୟୁସିଏଲ୍‌କୁ ନବୀନଙ୍କ ତୀବ୍ର ବିରୋଧ



**ଭୁବନେଶ୍ୱର :** ଓଡ଼ିଶାର ୪ଟି କୋଇଲା ଖଣିର ଆବଣ୍ଟନ ଓ୍ୱେଷ୍ଟର୍ଣ୍ଣ କୋଲ୍‌ଫିଲ୍‌ଡସ୍ ଲିଃ ସପକ୍ଷରେ କରିବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୀବ୍ର ବିରୋଧ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ବିଧିବଦ୍ଧ ଆପତ୍ତି ଜଣାଇବା ସହ ଓ୍ୱେଷ୍ଟର୍ଣ୍ଣ କୋଲ୍‌ଫିଲ୍‌ଡସ୍ ଲିଃ(ଡବ୍ଲ୍ୟୁସିଏଲ୍)

### ପୀୟୂଷ ଗୋଏଲଙ୍କୁ ଚିଠି

ପରିବର୍ତ୍ତେ ମହାନଦୀ କୋଲ୍‌ଫିଲ୍‌ଡସ୍ ଲିଃ(ଏମ୍‌ସିଏଲ୍)କୁ ଏହି ଖଣିଗୁଡ଼ିକୁ ଆବଣ୍ଟନ କରିବା ପାଇଁ ଦାବି କରିଛନ୍ତି। କେନ୍ଦ୍ର କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ, ଓଡ଼ିଶାର ୪ଟି କୋଇଲା ଖଣି ଯଥା ରାମ୍ପିଆ, ଡିପ୍‌ସାଇଡ୍ ରାମ୍ପିଆ, ଘୋର୍ଗାପାଲ୍ଲୀ ଓ ଘୋର୍ଗାପାଲ୍ଲୀ ଡିପ୍ ଏକ୍ସଟେନ୍‌ସନ୍ ଖଣିକୁ ଡବ୍ଲ୍ୟୁସିଏଲ୍‌କୁ ଆବଣ୍ଟନ ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ସିଆଇଏଲ୍‌ର ସବ୍‌ସିଡି ସଂସ୍ଥା ଏମ୍‌ସିଏଲ୍ କାର୍ଯ୍ୟ କରୁଥିବାବେଳେ ମହାରାଷ୍ଟ୍ରର ନାଗପୁରରେ ମୁଖ୍ୟାଳୟ ଥିବା ଡବ୍ଲ୍ୟୁସିଏଲ୍‌କୁ କୋଇଲା ଖଣି ଆବଣ୍ଟନ କରିବା ଉଚିତ୍ ହୋଇନାହିଁ। ବିଶେଷକରି କୋଇଲା ଖଣି ଖନନ ନିମନ୍ତେ ପ୍ରଭାବିତ ହେବାକୁ ଥିବା ପରିବାରର ବିସ୍ଥାପନ ଓ ପୁନଃଥଇଥାନ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ସ୍ଥାନୀୟ ପ୍ରଶାସନ ସହ ➤ ପୃ-୬

## ବକ୍ରବାଣୀ



ଥୋକେ କରନ୍ତି ବିଲୁଆ ବିଚାର
ନୂଆ ଦଳଟେ ଗଢ଼ିବେ ଏଥର
ବିଶ୍ୱାଳ ଭାଇନା ବସି ଭାବନ୍ତି
ଆମ ଭାଲୁଭାଇନା ଷଣ୍ଢ ପୁରାନ୍ତି
ମୁଖିଆ ପଦକୁ ସଭିଁଙ୍କ ଆଶା
ଛିଡୁନି ତାଙ୍କର ଗଣିତ କଷା
ସବୁ ପଦବୀଠୁ ସେଇଟା ବଡ
ମିଳିଗଲେ ସତେ ଜିଣିବେ ଗଡ
ପୋଲ ପଇସାକୁ ଖଣି ପଇସା
ମିଶାଇ କରିବେ ନୂଆ ବେଉସା
ବୁଢ଼ା ଟୋକା ମିଶି ଦିହେଁ ରହିବେ
ଶିଳ ଶିଳପୁଆ କିଣି ଆଣିବେ
ନୂଆ କାଉଣ୍ଟର ସେଠି ଖୋଲିବେ
କେଦାର ଗଉରୀ ନାଁ ରଖିବେ
ମାଡିଚାଲ ନାରା ଆଉ ଦେବେନି
୧୦ ଜନପଥକୁ ବେଶି ଯିବେନି
ଭବନ ଦଖଲ କରିବେ ସିଏ
ଠିଆ କରେଇବେ ହୋଟେଲଟିଏ
ପୁରୁଣା ଦଳଟା ଲୋପ ପାଇବ
ରାଜୀବ ନନ୍ଦନ ବସି କାନ୍ଦିବ।
—— ଟୁଟୁ

## ଏଡିଜେ କୋର୍ଟଙ୍କ ଐତିହାସିକ ରାୟ

# ୯ ଜଣଙ୍କୁ ଫାଶୀ ଦଣ୍ଡାଦେଶ

**ଗୁଣପୁର :** ବହୁ ପ୍ରତୀକ୍ଷିତ ଗୁଣପୁର ବ୍ଲକ ଟଲଣା ପଞ୍ଚାୟତର ଜିତୁଙ୍ଗ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୩ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ପୋଡିଦେବା ମାମଲାରେ ରାୟ ପ୍ରକାଶ ପାଇଛି। ଗତ ଶୁକ୍ରବାର ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟ ଏକ ଐତିହାସିକ ରାୟ ଶୁଣାଇଛନ୍ତି। ମାମଲାର ଶୁଣାଣି କରି କୋର୍ଟ ୯ଜଣ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ଅପରପକ୍ଷେ ଦୋଷୀ



ସାବ୍ୟସ୍ତ ହୋଇଥିବା ଅନ୍ୟ ଜଣେ ନାବାଳକର ଶୁଣାଣି ବ୍ରହ୍ମପୁର ଜୁଭେନାଇଲ୍ କୋର୍ଟରେ ହେବ ବୋଲି ସୂଚନା ମିଳିଛି। ଫାଶୀ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଅଛନ୍ତି, ମାଲକୁ ଶବର, ଉବରୁ ଶବର, ଲକି ଶବର, ଅଜିନ୍ତ ଶବର, ଜୟନ୍ତ ଶବର, ମଡନ୍ତୁ ଶବର, ଡେଙ୍ଗୁନୁ ଶବର, ଭୁବନ ଶବର ଓ ଜଲଶା ଶବର। ସୂଚନାଥାଉ କି, ଗତ ୨୦୧୬ ମସିହା ସେପ୍ଟେମ୍ବର ମାସ ୯ ତାରିଖ ଦିନ ରାୟଗଡ଼ା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ କିତୁଙ୍ଗ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଆସିନ ଶବର, ତାଙ୍କ ପତ୍ନୀ ଆମ୍ନେଲୁ ଶବର ଓ ବଡ଼ ଝିଅ ଆସମାନୀ ଶବରକୁ ଅତ୍ୟନ୍ତ ➤ ପୃ-୬

# ଜଗମୋହନ ଖୋଲ : ହାଇକୋର୍ଟ

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାର ଶୁଣାଣି ବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ପକ୍ଷରୁ ଆସନ୍ତା ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଜଗମୋହନକୁ ବନ୍ଦ ରଖିବା ପାଇଁ କରାଯାଇଥିବା ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରି ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଭିନୀଥ୍ ଶରଣ ଓ ଜଷ୍ଟିସ୍ ଡ. ବିଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଆବେଦନକୁ ଖାରଜ କରି ଦେବା ସହ ଆସନ୍ତା ୧୬ ତାରିଖ ସୁଦ୍ଧା ଜଗମୋହନକୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସକଙ୍କ ପକ୍ଷରୁ କୁହାଯାଇଥିଲା ଯେ ଆସନ୍ତା ଅକ୍ଷୟ ତୃତୀୟାରେ ରଥ ଅନୁକୂଳ, ଚନ୍ଦନଯାତ୍ରା ଓ ଦୈନନ୍ଦିନ ନୀତିକାନ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ରହିଛି। ଏସବୁ ନୀତିକାନ୍ତି ବେଳେ ଶ୍ରୀଜଗନ୍ନାଥଙ୍କ ଚନ୍ଦନଲାଗି, ଅଳତାଲାଗି, ଶ୍ରୀଜିଉଙ୍କ ଚନ୍ଦନ ବିଜେ, ଏହା ପରଦିନ ସ୍ନାନ ପୂର୍ଣ୍ଣିମା, ଶ୍ରୀଜିଉଙ୍କ ଅଣସର, ଏହା ପରେ ନେତ୍ର ଉତ୍ସବ, ଘୋଷଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ଆଦି କାର୍ଯ୍ୟକ୍ରମ ରହୁଥିବାରୁ ଏହି ସମୟରେ ଜଗମୋହନ ଖୋଲାଯାଇପାରିବ ନାହିଁ। ତେବେ ଚଳିତ ବର୍ଷର





ଘୋଷଯାତ୍ରା ଶେଷ ପରେ ଜୁଲାଇ ୨୫ ତାରିଖ ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦର୍ଶାଯାଇଥିଲା। ଅଦାଲତ ମାମଲାର ଶୁଣାଣି କରି ଏପରି ସତ୍ୟପାଠକୁ ଖାରଜ କରି ଦେଇଥିଲେ। ଏଥିସହ ନୀତି ପ୍ରଶାସକଙ୍କୁ ବ୍ୟକ୍ତିଗତ ହାଜିରା ହେବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସକ ପ୍ରଦୀପ କୁମାର ଦାସ ହାଜର ହୋଇ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତା ୧୬ରୁ ଜଗମୋହନ ଖୋଲିବ ବୋଲି ଜଣାଇଥିଲେ। ଅଦାଲତ ମାମଲାର ଶୁଣାଣି ବେଳେ ଶ୍ରୀମନ୍ଦିର ଗର୍ଭଗୃହକୁ ନୀତିକାନ୍ତି କରୁଥିବା ସେବକଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ବନ୍ଦ କରିବା ଲାଗି ଜଷ୍ଟିସ୍ ବିପି ଦାସ ମନ୍ଦିର ସଂସ୍କାର କମିଶନ୍ ଦେଇଥିବା ପ୍ରସ୍ତାବକୁ ଲାଗୁ କରିବା ପାଇଁ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗମୋହନ ଖୋଲିବା ସମ୍ପର୍କରେ ଅଦାଲତଙ୍କ ଆଦେଶ କିପରି ଭାବେ ପାଳନ ହୋଇଛି, ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଗତ ୫ ତାରିଖରେ ହାଇକୋର୍ଟ ଜଗମୋହନ ମରାମତି ସମ୍ପର୍କିତ ମାମଲାର ଶୁଣାଣି କରି କେତେ ତାରିଖ ସୁଦ୍ଧା ଜଗମୋହନ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲିବ ସେ ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରଦାନ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ କହିଥିଲେ ଯେ ନାଟ ମଣ୍ଡପର ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରିବା ଜରୁରୀ।

**ବୃଷ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ। ବିବାହ ଆଶାୟୀମାନେ ବିଫଳତା ହେବେ।

**ମିଥୁନ** ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**ସିଂହ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**କନ୍ୟା** ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।

**ତୁଳା** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**ବିଛା** ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ନୂତନ ଯାନ କ୍ରୟ କରିପାରନ୍ତି। ବ୍ୟବସାୟରେ ଅଧିକ ଲାଭବାନ ହେବେ।

**ଧନୁ** ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ।

**କୁମ୍ଭ** ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ର ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ।

**ମୀନ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବନ୍ଧୁମିଳନ ଘଟିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# 'ବିଶ୍ୱ ଶକ୍ତି ଚାହିଦା ଦିଗରେ ମୁଖ୍ୟ ଚାଳକ ହେବ ଭାରତ'

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୬ତମ ଆନ୍ତର୍ଜାତିକ ଏନର୍ଜି ଫୋରମ୍ ମନ୍ତ୍ରୀସ୍ତରୀୟ ବୈଠକକୁ ନୂଆଦିଲ୍ଲୀରେ ଉଦ୍‌ଘାଟନ କରିଛନ୍ତି। ୪୨ଟି ଶକ୍ତି ଉତ୍ପାଦନ ଓ ବ୍ୟବହାରକାରୀ ଦେଶର ଶକ୍ତି ମନ୍ତ୍ରୀ, ଆନ୍ତର୍ଜାତିକ ସଂଗଠନର ମୁଖ୍ୟ ତଥା ଏହି କ୍ଷେତ୍ରର ନେତୃବର୍ଗଙ୍କୁ ଏହି ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତର ଶକ୍ତି ବ୍ୟବହାର ୪.୨ ପ୍ରତିଶତ ହାରରେ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ବଢିବ। ଭାରତ ଆଗାମୀ ଦିନରେ ବିଶ୍ୱ ଶକ୍ତି ଚାହିଦା ଦିଗରେ ମୁଖ୍ୟ ଚାଳକ ହେବ ବୋଲ ବୋଲି ସେ କହିଛନ୍ତି। ସମ୍ପୂର୍ଣ୍ଣ ବିଶ୍ୱରେ ବିଭିନ୍ନ ଦେଶମାନଙ୍କର ଶକ୍ତି ଯୋଗାଣ ଓ ବ୍ୟବହାରର ପ୍ରକ୍ରିୟା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦିଗରେ ସବୁ ଦେଶମାନଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶକ୍ତିର ମୂଲ୍ୟ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବା ସହିତ ଉତ୍ପାଦକ ଓ ଗ୍ରାହକ ଉଭୟଙ୍କର ବିକାଶକୁ ସୁନିଶ୍ଚିତ ହେବା ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଶକ୍ତି ଉତ୍ପାଦନକାରୀ ଓ ବ୍ୟବହାରକାରୀଙ୍କ ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଚିରସ୍ଥାୟୀ ବିକାଶ ହେବା ସହିତ ସମନ୍ୱିତ ବିକାଶ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ବୈଠକରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀ ପ୍ରଧାନ ବିଭିନ୍ନ ଦେଶର ମନ୍ତ୍ରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।




### କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

# କାମ୍ପା ପାଣ୍ଠି ଅନ୍ୟତ୍ର ବ୍ୟବହାର ମନା

**ନୂଆଦିଲ୍ଲୀ :** କମ୍ପେନ୍‌ସେଟରୀ ଆଫରେଷ୍ଟେସନ୍ ଫଣ୍ଡ୍‌ସ ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ୍ ପ୍ଲାନିଂ ଅଥରିଟି (କାମ୍ପା) ପକ୍ଷରୁ ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ହିତରେ ବିନିଯୋଗ ହେବାକୁ ଥିବା ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠି ଅନ୍ୟତ୍ର ବିନିଯୋଗ ହେବାନେଇ ସୁପ୍ରିମକୋର୍ଟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସରକାର କାର୍ଯ୍ୟପାଳିକା ଉପରେ ବିଶ୍ୱାସ କଲାବେଳେ ସମ୍ପୃକ୍ତ କର୍ତ୍ତୃପକ୍ଷ କିଛି କରୁନାହାନ୍ତି ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଏଭଳି ପ୍ରତିକୂଳ ମନ୍ତବ୍ୟ ଦେଇଛନ୍ତି। ଜଷ୍ଟିସ୍ ମଦନ ବି ଲୋକୁର୍ ଓ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ, ପରିବେଶର ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପାଣ୍ଠି ସୃଷ୍ଟି କରାଯାଇ ବିପୁଳ ଅର୍ଥ ସଂଗ୍ରହ କରାଯାଇଥିଲା। ଏହି ଅର୍ଥ କେବଳ ପରିବେଶ ସୁରକ୍ଷା ଏବଂ ଜନସାଧାରଣଙ୍କ ହିତରେ ଲାଗିବା ପାଇଁ ଉଦ୍ଦିଷ୍ଟ ଥିଲା। ଖଣ୍ଡପୀଠ କହିଛନ୍ତି, ଯେଉଁଥିପାଇଁ ଏହି ପାଣ୍ଠି ଉଦ୍ଦିଷ୍ଟ, ସେଥିରେ ତାହା ବିନିଯୋଗ କରାନଯାଇ ଅନ୍ୟତ୍ର ବିନିଯୋଗ କରାଗଲା। କୋର୍ଟ ଏଥିରେ କ'ଣ ବା କରିପାରିବେ? ଆମେ କାର୍ଯ୍ୟପାଳିକା ଉପରେ ବିଶ୍ୱାସ କଲୁ, କିନ୍ତୁ ସେମାନେ କହିଲେ, ଆମେ ଯାହା ଚାହିଁବୁ ତାହା କରିବୁ। କମ୍ପେନ୍‌ସେଟରୀ ଆଫରେଷ୍ଟେସନ୍ ଫଣ୍ଡ୍‌ସ ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ୍ ପ୍ଲାନିଂ ଅଥରିଟି (କାମ୍ପା)ରେ ପ୍ରଥମେ ୧୧,୭୦୦ କୋଟି ଟଙ୍କାର ପାଣ୍ଠି ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ପାଣ୍ଠି ସୃଷ୍ଟି କରାଯାଇ ଥିଲା। ଏହିଭଳି ଭାବରେ ଗଠିତ ବିଭିନ୍ନ ପାଣ୍ଠିଗୁଡ଼ିକର ସମୁଦାୟ ପରିମାଣ ଏବେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହେବ। ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ସଲିସିଟର୍ ଜେନେରାଲ ଏଏନ୍‌ଏସ୍ ନାଦକର୍ଣ୍ଣି ହାଜର ହୋଇ ଖଣ୍ଡପୀଠଙ୍କୁ କହିଲେ, ଏହି ପାଣ୍ଠି କେଉଁଠି ଓ କିପରି ବିନିଯୋଗ ହେବା ଉଚିତ ତାହା କୋର୍ଟ କେନ୍ଦ୍ର ସରକାରଙ୍କୁ କହିବା ଉଚିତ। ଏହାକୁ ପ୍ରଶାସନିକ କିମ୍ବା ପୌର କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବନାହିଁ। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ କହିଥିଲେ ଯେ, ପ୍ରାୟ ୯୦ ହଜାର କୋଟିରୁ ୧ ଲକ୍ଷ କୋଟି ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ବିଭିନ୍ନ ହେଡ୍‌ରେ ରହିଛି। ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଜମା ଅର୍ଥରାଶିକୁ ଏକତ୍ର କରିବା ପାଇଁ ଖଣ୍ଡପୀଠ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠ ଉପରେ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ମୁଖ୍ୟ ଶାସନ ସଚିବ ଦର୍ଶାଇଥିଲେ ଯେ, ଏହି ଅର୍ଥ ରାସ୍ତା ନିର୍ମାଣ, ବସ୍‌ଷ୍ଟାଣ୍ଡ୍‌ର ପୁନଃନିର୍ମାଣ ଏବଂ କଲେଜଗୁଡ଼ିକରେ ବିଜ୍ଞାନାଗାର ପ୍ରତିଷ୍ଠାରେ ବିନିଯୋଗ ହୋଇଛି। ଏହା ଉପରେ ଖଣ୍ଡପୀଠ କହିଥିଲେ, ଏହି ଅର୍ଥ ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। କେବଳ ସେହି ଦିଗରେ ବିନିଯୋଗ ହେବା ଦରକାର। କିନ୍ତୁ ଏହାକୁ ନିଜର ଶାସନ ପରିଚାଳନାରେ ବିନିଯୋଗ କରାଯାଇ ପାରିବ ନାହିଁ। ଖଣ୍ଡପୀଠ ଆହୁରି କହିଥିଲେ, ରାସ୍ତା ନିର୍ମାଣ, ବିଜୁଳିବତି ଲଗାଇବା ରାଜ୍ୟ ସରକାରଙ୍କ କାର୍ଯ୍ୟ। ଏଥିରେ ଏହି ଅର୍ଥ ବିନିଯୋଗ ପାଇଁ ଅନୁମତି ଦିଆଯିବ ନାହିଁ। ଏହା ଜନସାଧାରଣଙ୍କ ହିତ ପାଇଁ। କିନ୍ତୁ ସରକାରଙ୍କ ହିତ ପାଇଁ ନୁହେଁ। ଏହି ମାମଲାରେ କୋର୍ଟଙ୍କୁ ଆମିକସ୍ କ୍ୟୁରି ଭାବରେ ସହାୟତା କରୁଥିବା ଜଣେ ଓକିଲ କହିଲେ, ଏହି ପାଣ୍ଠରେ ସଂଗ୍ରହ ହୋଇଥିବା ଅର୍ଥ ଓଡ଼ିଶାରେ ଆଦିବାସୀଙ୍କ କଲ୍ୟାଣରେ ବିନିଯୋଗ ହେବା ପାଇଁ ଉଦ୍ଦିଷ୍ଟ ଥିଲା। ଏ ସମ୍ପର୍କରେ ଅଧିକ ମତାମତ ରଖିବା ପାଇଁ ରାଜ୍ୟ ସରକାରଙ୍କ ଓକିଲ ୩ ସପ୍ତାହ ମାଗିବାରୁ ଖଣ୍ଡପୀଠ ସେଥିପାଇଁ ଅନୁମତି ଦେଇଛନ୍ତି ଏବଂ ଆସନ୍ତା ଶୁଣାଣି ସମୟରେ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେ' ୯ ତାରିଖରେ ଏ ସମ୍ପର୍କରେ ପରବର୍ତ୍ତୀ ଶୁଣାଣି କରାଯିବ।

## ଦୁଷ୍କର୍ମକାରୀଙ୍କୁ ଫାଶୀଦଣ୍ଡ ଦିଆଯାଉ : ମାନେକା

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀର କଠୁଆ ଜିଲ୍ଲାରେ ଜଣେ ୮ ବର୍ଷୀୟ ଯାଯାବର ମୁସଲିମ୍ ସଂପ୍ରଦାୟର ନାବାଳିକାଙ୍କୁ ଭୟଙ୍କର ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧି ଶିଶୁ ଦୁଷ୍କର୍ମକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବା ସପକ୍ଷରେ ମତ ରଖିଛନ୍ତି। ଶ୍ରୀମତୀ ଗାନ୍ଧି କହିଛନ୍ତି ଆମ ମନ୍ତ୍ରଣାଳୟ ସୋମବାର ଦିନ ପୋକ୍ସୋ ଆକ୍ଟରେ ସଂଶୋଧନ କରିବା ପାଇଁ କ୍ୟାବିନେଟ୍‌ରେ ପ୍ରସ୍ତାବ ଆଗତ କରିବ। କଠୁଆରେ ଯେଉଁ ଘଟଣା ଘଟିଲା, ତାହା ମୋତେ ଆନ୍ଦୋଳିତ କରିଛି। ଏବେ ନିକଟରେ ଘଟିଥିବା ଅଧିକାଂଶ ଦୁଷ୍କର୍ମ ଶିଶୁ ମାନଙ୍କ ସହ ହେଉଛି। ମୁଁ ଏବଂ ମନ୍ତ୍ରଣାଳୟ ମିଳିତ ଭାବେ ୧୨ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ସହ ଦୁଷ୍କର୍ମ କରୁଥିବା ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା ପାଇଁ ଏକ ଆଇନ୍ ପ୍ରଣୟନ କରିବାକୁ ଚାହୁଁଛୁ। ଏନେଇ ଏକ ପ୍ରସ୍ତାବ କ୍ୟାବିନେଟ୍‌ରେ ଉପସ୍ଥାନ କରାଯିବ।

## ଆଇଆର୍‌ଏନ୍‌ଏସ୍‌ଏସ୍-୨ର ସଫଳ ପରୀକ୍ଷା

**ଶ୍ରୀହରିକୋଟା :** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆଜି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଆଇଆର୍‌ଏନ୍‌ଏସ୍‌ଏସ୍-୨ ନାଭିଗେସନ୍ ସ୍ୟାଟେଲାଇଟ୍ ଉତ୍କ୍ଷେପଣ କରିଛି। ଏହି ଉତ୍କ୍ଷେପଣ ସଫଳ ହୋଇଛି। ଏ ପ୍ରକାର ଉପଗ୍ରହ ସମୂହର ଏହା ହେଉଛି ଅଷ୍ଟମ ଉପଗ୍ରହ। ପିଏସ୍‌ଏଲ୍‌ଭି - ସି୪୧ / ଆଇଆର୍‌ଏନ୍‌ଏସ୍‌ଏସ୍-୨ ମିଶନ୍ ଭୋର ୪.୦୪ ସମୟରେ ସତୀଶ ଧାବନ୍ ସ୍ପେଶସେଣ୍ଟର୍‌ର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ଉତ୍କ୍ଷେପଣ କରାଯାଇଥିଲା। ଏହି ସ୍ୟାଟେଲାଇଟ୍‌ର ଲଞ୍ଚ୍ ସଫଳ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଠାରୁ ଉତ୍କ୍ଷେପଣର ୧୯ ମିନିଟ୍ ପରେ ପିଏସ୍‌ଏଲ୍‌ଭି ଏହି ସ୍ୟାଟେଲାଇଟ୍‌କୁ କକ୍ଷପଥରେ ପହଞ୍ଚାଇ ଦେଇଥିଲା। ୧୪୨୫ କିଗ୍ରା ଓଜନର ଏହି ସ୍ୟାଟେଲାଇଟ୍ ଇସ୍ରୋ ସହଯୋଗରେ ବେଙ୍ଗାଲୁରୁ ସ୍ଥିତ ଆଲ୍‌ଫା ଡିଜାଇନ୍ ଟେକ୍ନୋଲୋଜିଜ୍ ଦ୍ୱାରା ନିର୍ମିତ ହୋଇଛି। ଘରୋଇ ଶିଳ୍ପସଂସ୍ଥାର ପୂର୍ଣ୍ଣ ସହଯୋଗରେ ନିର୍ମାଣ ହେବାରେ ଏହା ହେଉଛି ୨ୟ ସ୍ୟାଟେଲାଇଟ୍। ଗତ ବର୍ଷ ଅଗଷ୍ଟ ମାସରେ ଏ ପ୍ରକାର ପ୍ରଥମ ସ୍ୟାଟେଲାଇଟ୍ ଆଇଆର୍‌ଏନ୍‌ଏସ୍‌ଏସ୍ -୧ଏଚ୍ ମହାକାଶକୁ ପଠାଯିବାରେ ବିଫଳ ହୋଇଥିଲା। କିନ୍ତୁ ଉତ୍କ୍ଷେପଣ ସଫଳ ହୋଇଛି ବୋଲି ଇସ୍ରୋର ଅଧ୍ୟକ୍ଷ ବର୍ଣ୍ଣନା କରି ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନ୍ୟାଭିଗେସନ୍ ସ୍ୟାଟେଲାଇଟ୍ ଲକ୍ଷ୍ୟ ହାସଲରେ ନିଶ୍ଚିତ ରୂପେ ସହାୟକ ହେବ। ଏହି ନ୍ୟାଭିଗେସନ୍ ସ୍ୟାଟେଲାଇଟ୍ ସିଷ୍ଟମ୍‌କୁ 'ନ୍ୟାଭ୍‌ଆଇସି' ମଧ୍ୟ କୁହାଯାଏ। ଏହା ଉଭୟ ସାମରିକ ଓ ସାଧାରଣ କାର୍ଯ୍ୟରେ ଲାଗିବ। ଆଇଆର୍‌ଏନ୍‌ଏସ୍‌ଏସ୍-୨ ଏବେ ଆଇଆର୍-ଏନ୍‌ଏସ୍‌ଏସ୍-୧ଏର ସ୍ଥାନ ନେବ।

# ଫେସ୍‌ବୁକ ଡାଟା ଲିକ୍ ମାମଲା : କ୍ଷମା ମାଗିଲେ ଜୁକର୍‌ବର୍ଗ

**ୱାଶିଂଟନ୍ :** ଫେସ୍‌ବୁକ୍ ସିଇଓ ମାର୍କ ଜୁକର୍‌ବର୍ଗ ସୋଶାଲ୍ ନେଟ୍‌ୱାର୍କର ଦୁରୂପଯୋଗ ଓ ଡାଟା ଲିକ୍ ମାମଲାରେ ଆମେରିକାର ସିନେଟ୍ କମିଟି ଆଗରେ ହାଜର ହୋଇ କ୍ଷମା ମାଗିଛନ୍ତି। ଫେସ୍‌ବୁକ୍ ଜରିଆରେ ହୋଇଥିବା ଅସୁବିଧାକୁ ସେ ସ୍ୱୀକାର କରି ଭାରତରେ ହେବାକୁ ଥିବା ଆଗାମୀ ନିର୍ବାଚନରେ ନିରପେକ୍ଷତା ଅବଲମ୍ବନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଲୋକଙ୍କ ବିଶ୍ୱାସଭାଜନ ହେବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଭାରତ ସମେତ ହଙ୍ଗେରୀ ଓ ବ୍ରାଜିଲ୍‌ରେ ଆଗକୁ ନିର୍ବାଚନ ଥିବାରୁ ଏହି ନିର୍ବାଚନଗୁଡ଼ିକରେ ତାଙ୍କ କମ୍ପାନୀ ଡାଟା ସୁରକ୍ଷା ସୁନିଶ୍ଚିତ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବ୍ରିଟିଶ୍ ଫାର୍ମ କେମ୍ବ୍ରିଜ୍ ଆନାଲିଟିକା ଲକ୍ଷ ଲକ୍ଷ ଫେସ୍‌ବୁକ୍ ୟୁଜର୍ସଙ୍କ ଡାଟା ହାଇଜାକ୍ କରିବା ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ଜୁକର୍‌ବର୍ଗ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଡାଟା ମାଇନିଂ ଫାର୍ମ ଆମେରିକା ରାଷ୍ଟ୍ରପତି ନିର୍ବାଚନ ବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଚାର ସହ ସମ୍ପୃକ୍ତ ଥିଲା ଏବଂ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ୮୭ ନିୟୁତ ୟୁଜର୍ସଙ୍କ ବ୍ୟକ୍ତିଗତ ତଥ୍ୟ ଯୋଗାଡ଼ କରିଥିଲା। ଆମେରିକା ସିନେଟ୍‌ର ଜୁଡିସିଆରୀ ଓ କମର୍ସ ମିଳିତ କମିଟି ଆଗରେ ପ୍ରାୟ ୫ ଘଣ୍ଟା କାଳ ହାଜର ହେବା ଅବସରରେ ଜୁକର୍‌ବର୍ଗ କହିଛନ୍ତି, ଆମର ଦାୟିତ୍ୱ କେବଳ ଟୁଲ୍ ପ୍ରସ୍ତୁତ କରିବା ନୁହେଁ, ଏହା ମଧ୍ୟ ସୁନିଶ୍ଚିତ କରିବାକୁ ହେବ ଯେ, ଭଲ ପାଇଁ ଏହାର ବ୍ୟବହାର ହେଉ। ଆମେ ଟୁଲ୍‌ର ଭୁଲ ପନ୍ଥାରେ ବ୍ୟବହାରକୁ ରୋକି ପାରିନାହୁଁ, ଏହା ସ୍ପଷ୍ଟ। ଫେକ୍ ନ୍ୟୁଜ୍, ଘୃଣାସୂଚକ ବକ୍ତବ୍ୟ, ନିର୍ବାଚନରେ ବିଦେଶୀ ହସ୍ତକ୍ଷେପ ଆଦି ରୋକିବାରେ ଆମେ ଯଥେଷ୍ଟ ପଦକ୍ଷେପ ନେଇପାରି ନାହୁଁ। ମୁଁ ମୋର ଦାୟିତ୍ୱ ଭଲ ଭାବରେ ନିର୍ବାହ କରିପାରି ନାହିଁ। ଏହା ସବୁଠାରୁ ବଡ଼ ଭୁଲ। ଏଥିପାଇଁ ମୁଁ କ୍ଷମା ମାଗୁଛି। ମୁଁ ଫେସ୍‌ବୁକ୍ ଆରମ୍ଭ କରିଥିଲି। ଏହାକୁ ମଧ୍ୟ ମୁଁ ପରିଚାଳନା କରୁଛି। ଏଥିରେ ଯାହା କିଛି ହେଉଛି, ସେଥିପାଇଁ ମୁଁ ମଧ ଦାୟୀ। ଫେକ୍ ଆକାଉଣ୍ଟ୍ ଚିହ୍ନଟ ପାଇଁ ଆମେ ନୂଆ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଟୁଲ୍ସ ନିୟୋଜିତ କରିଛୁ ବୋଲି ସେ କହିଛନ୍ତି।

## ଭାରତ ସୀମାରେ ଆଧୁନିକ ଉପକରଣ ଖଞ୍ଜୁଛି ଚୀନ୍

**ନୂଆଦିଲ୍ଲୀ :** ଭାରତ ସୀମାରେ ଚୀନ୍ ତା'ର ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିଛି। ଭାରତ ପଟୁ ସମ୍ଭାବ୍ୟ ବିପଦର ଅଶଙ୍କା କରି ମୁକାବିଲା ଲାଗି ଚୀନ୍ ପକ୍ଷରୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ସହାୟତା ନିଆଯାଇଛି। ଚୀନ୍ ସମ୍ବାଦପତ୍ର 'ଗ୍ଲୋବାଲ୍ ଟାଇମ୍ସ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଚୀନ୍ ସେନା ଏକ ଉପଗ୍ରହ ଭିତ୍ତିକ ସତର୍କ ବ୍ୟବସ୍ଥା (ସ୍ୟାଟେଲାଇଟ୍ ୱାର୍ଣ୍ଣିଙ୍ଗ୍ ସିଷ୍ଟମ୍) ସ୍ଥାପନ ଲାଗି ଯୋଜନା ଚାଲିଛି। ଏହା ଦ୍ୱାରା ଭାରତ ପକ୍ଷରୁ ହେବାକୁ ଥିବା ଯେକୌଣସି କାର୍ଯ୍ୟକଳାପକୁ ଆଗୁଆ ଜାଣିପାରିବ ଚୀନ୍ ସେନା। ଦୁର୍ଗମ ଅଞ୍ଚଳରେ ପାଟ୍ରୋଲିଙ୍ଗ୍ କାର୍ଯ୍ୟ କଷ୍ଟକର ହୋଇଥିବାରୁ ସେଠାରେ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ ହେବ। କେବଳ ସେତିକି ନୁହେଁ, ଭାରତ - ଚୀନ୍ ସୀମାରେ ଅବସ୍ଥିତ ତିବ୍ବତ୍ ଉପତ୍ୟକାରେ ପାଙ୍ଗଙ୍ଗ୍ ହ୍ରଦରେ ଚୀନ୍ ପକ୍ଷରୁ ଦ୍ରୁତଗାମୀ ପାଟ୍ରୋଲିଙ୍ଗ୍ ବୋଟ୍ ମୁତୟନ କରାଯାଇଛି। ବରଫ କାଟି ଏହା ଆଗକୁ ବଢ଼ିପାରିବ। ଏହି ବୋଟ୍ ଘଣ୍ଟା ପ୍ରତି ୪୦ କି.ମି. ବେଗରେ ଯାଇପାରିବ। ଅନ୍ୟ ପକ୍ଷରେ ମିଆଁମାର ଓ ପାକିସ୍ତାନକୁ ଲାଗିଥିବା ସୀମାରେ ମଧ୍ୟ ଚୀନ୍ ସେନା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ଏଥିସହିତ ସୀମାନ୍ତ ଅଞ୍ଚଳରେ ସାମରିକ ଭିତ୍ତିଭୂମିକୁ ସୁଦୃଢ଼ କରୁଛି ଚୀନ୍। ଭାରତ ସହିତ ଚୀନ୍‌ର ସୀମା ବିବାଦ ଦିନକୁ ଦିନ ବଢୁଥିବାରୁ ବେଜିଂ ଏଭଳି ପଦକ୍ଷେପ ନେଉଛି।

# ସୁପ୍ରିମକୋର୍ଟରେ କଠୁଆ ମାମଲା

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀର କଠୁଆ ଗଣଦୁଷ୍କର୍ମ ଓ ହତ୍ୟା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ଏହି ଅମାନୁଷିକ କାର୍ଯ୍ୟରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମାମଲାର ଶୁଣାଣି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ବେଳେ ପୁଲିସ୍‌କୁ ବିରୋଧ କରୁଥିବା ଜମ୍ମୁ-କଶ୍ମୀର ବାର କାଉନସିଲ୍‌କୁ ନୋଟିସ୍ ଜାରି କରି ଜବାବ ତଲବ କରିଛନ୍ତି। ଏହାବାଦ୍ କଠୁଆ ଜିଲ୍ଲା ବାର୍ ଆସୋସିଏସନ୍ ଓ ଜମ୍ମୁ-କଶ୍ମୀର ହାଇକୋର୍ଟ ବାର ଆସୋସିଏସନ୍ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ଏବଂ ଚାର୍ଜଶିଟ୍ ଦାଖଲ ବେଳେ ବିରୋଧ ପ୍ରଦର୍ଶନ ଯୋଗୁ ସର୍ବୋଚ୍ଚ ଅଦାଲତ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଜଣେ ଓକିଲଙ୍କୁ ଏହି ଦୁଇ ଆସୋସିଏନ୍ ବିରୋଧ କରିଥିବାରୁ ଏହାର କାରଣ ଜଣାଇବାକୁ ସର୍ବୋଚ୍ଚ ଅଦଲାତ ନୋଟିସ୍ ମଧ କରିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଖଣ୍ଡପୀଠ ସମସ୍ତ ପକ୍ଷଙ୍କୁ ନୋଟିସ୍ କରି ଆସନ୍ତା ୧୯ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି। ଖଣ୍ଡପୀଠ ମାମଲାକୁ ଅତ୍ୟନ୍ତ ସ୍ପର୍ଶକାତର ବୋଲି ଅବିହିତ କରି କହିଛନ୍ତି ଚାର୍ଜଶିଟ୍ ଦାଖଲକୁ ବିରୋଧ କରିବା ଓ ପୀଡ଼ିତାଙ୍କ ଓକିଲଙ୍କୁ କାର୍ଯ୍ୟରୁ ନିବୃତ୍ତ ରଖିବା ଉଭୟ ଆଇନ୍ ଓ ନୈତିକତା ଦୃଷ୍ଟିରୁ ଅସଙ୍ଗତ। ଖଣ୍ଡପୀଠ ଆହୁରି କହିଛନ୍ତି ସମସ୍ତ କୋର୍ଟରେ ସବୁ ପକ୍ଷଙ୍କୁ ଓକିଲ ନିଯୁକ୍ତ କରିବାର ଅଧିକାର ରହିଛି। ତାହାକୁ ଯଦି କେହି ବିରୋଧ କରନ୍ତି, ତେବେ ଏହା ନ୍ୟାୟ ପ୍ରଦାନରେ ଅନ୍ତରାୟ ସୃଷ୍ଟି କରେ। ଖଣ୍ଡପୀଠ ନିଜ ଆଡୁ ଏହି ମାମଲାକୁ ଶୁଣାଣି ପାଇଁ ଧାର୍ଯ୍ୟ କରିବା ପୂର୍ବରୁ ଆଜି ସୁପ୍ରିମକୋର୍ଟରେ କାର୍ଯ୍ୟରତ କିଛି ଓକିଲମାନେ ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଏମ୍ ଖାନୱାଲିକର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ୍ ବେଞ୍ଚ୍ ପାଖରେ ପହଞ୍ଚିଥିଲେ। ସେମାନେଦ କଠୁଆ ମାମଲାକୁ ନିଜ ଆଡୁ ଶୁଣାଣି କରିବାକୁ ବେଞ୍ଚ୍‌କୁ ନିବେଦନ କରିଥିଲେ। ଏହାପରେ କୋର୍ଟ କଠୁଆ ମାମଲାର ଶୁଣାଣି କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଜାନୁଆରୀ ୧୦ରେ କଠୁଆ ଜିଲ୍ଲାର ଯାଯାବର ମୁସଲିମ୍ ସଂପ୍ରଦାୟର ୮ ବର୍ଷୀୟ ନାବାଳିକା ଅସିଫାଙ୍କୁ ଅପହରଣ କରାଯାଇଥିଲା। ଏହାପରେ ତାଙ୍କୁ ପଣବନ୍ଦୀ କରି ଅତ୍ୟନ୍ତ ଭୟଙ୍କର ଭାବେ ଗଣଦୁଷ୍କର୍ମ ଓ ପରେ ହତ୍ୟା କରାଯାଇଥିଲା।

# ସାଉଦି ନଜରରେ ଭାରତୀୟ ଅର୍ଥନୈତିକ ବିକାଶ

**ନୂଆଦିଲ୍ଲୀ :** ଭାରତୀୟ ଆର୍ଥିକ ବିକାଶ ଉପରେ ସାଉଦି ନଜର୍ ଅବିଶୋଧିତ ତୈଳ ବ୍ୟାରେଲ ପିଛା ୭୦ ଡଲାର ଛୁଇଁବା ସବୁ ସମୟରେ ଏକ ଧମକ ସଦୃଶ ପ୍ରମାଣିତ ହୋଇଥିବା ବେଳେ ବିଶ୍ୱରେ ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ତୈଳ ବଜାରରେ ୩୦୦୦ କୋଟି ଡଲାର ମୂଲ୍ୟର ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବା ଯୋଜନା ଆରମ୍ଭ କରିଛି। କିଛି ଦିନ ତଳେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ମତ ରଖିଥିଲେ ଏହି ଅବିଶୋଧିତ ତୈଳର ମୂଲ୍ୟ ଯଦି ବ୍ୟାରେଲ ପିଛା ୫୦ ଡଲାରକୁ ଖସେ, ତେବେ ଯାଇ ଆର୍ଥିକ ସ୍ଥିତିକୁ ପରିଚାଳନା କରିବା ସହଜ ହୋଇପାରିବ। ସାଉଦି ଆରବ ନିଜର ପ୍ରକଳ୍ପକୁ ବାସ୍ତବ ରୂପ ଦେବା ପାଇଁ ଅବିଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ ଡଲାର କରିବାକୁ ଚାହୁଁଛି। ଅନ୍ୟ ପକ୍ଷରେ ଭାରତର ପଶ୍ଚିମ ଉପକୂଳରେ ଏକ ବିଶୋଧନାଗାରରେ ପୁଞ୍ଜିନିବେଶ ପାଇଁ ମଧ ସାଉଦି ଭାରତ ସହିତ ଏକ ଚୁକ୍ତି କରିବ। ଏହା ପଛରେ ରହସ୍ୟ ହେଉଛି ଅବିଶୋଧିତ ତୈଳ ଉତ୍ସରୁ ଆସିବା ପରେ ଏଠାରେ ସେସବୁକୁ ଉପଯୋଗ ହୋଇପାରିବ। ମୋଦି ସରକାର କ୍ଷମତାକୁ ଆସିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତୈଳ କ୍ଷେତ୍ରରେ ସବୁଠାରୁ ବୃହତ ବିଭ୍ରାଟର ଫାଇଦା ନେଇ ଆସୁଥିଲା। କିନ୍ତୁ ୨୦୧୯ରେ ସାଧାରଣ ନିର୍ବାଚନ ଥିବାରୁ ଏହାକୁ ସୁଧାରିବାର ପ୍ରୟାସ ଆରମ୍ଭ ହୋଇଛି। ଏପରିକି ତୈଳ ଦ୍ରବ୍ୟ ସବୁକୁ ଜିଏସ୍‌ଟିରେ ସାମିଲ କରାଯାଉ ବୋଲି ଶ୍ରୀ ପ୍ରଧାନ ଦାବି କରି ଆସୁଛନ୍ତି। ବିଶ୍ୱର ସର୍ବବୃହତ ଅବିଶୋଧିତ ତୈଳ ରପ୍ତାନୀକାରୀ ସାଉଦି ଆରବ, ବର୍ତ୍ତମାନ ଏହାର ରାଷ୍ଟ୍ରାୟତ୍ତ ଉତ୍ପାଦନକାରୀ ସଂସ୍ଥାର ତୈଳକୁ ଘରୋଇ ସଂସ୍ଥା ସହିତ ଯୋଡ଼ିବା ଆରମ୍ଭ କରିଛି। ମଙ୍ଗଳବାର ଦିନ ଶ୍ରୀ ପ୍ରଧାନ କହିଥିଲେ, ଆମେ ଦରଦାମ ସମ୍ବେଦନଶୀଳ ଗ୍ରାହକ, ଭାରତୀୟ ଗ୍ରାହକଙ୍କ ଦୃଷ୍ଟିକୋଣରୁ ଅବିଶୋଧିତ ତୈଳ ଦର ବ୍ୟାରେଲ ପିଛା ୫୦ ଡଲାର ଦର ରହିଲେ ଖୁସି ହେବୁ। ସାଉଦି ଆରବ ଅଏଲ୍ କୋ ବା ଆରାମ୍‌କୋ ଭାରତରେ ଦୈନିକ ୧୨ ଲକ୍ଷ ବ୍ୟାରେଲ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ତୈଳ ବିଶୋଧନାଗାର ପ୍ରତିଷ୍ଠାରେ ହାତ ମିଶାଇବ ଯାହାକି ଭାରତର ପଶ୍ଚିମ ଉପକୂଳରେ ପ୍ରତିଷ୍ଠା ହେବ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୬ ଏପ୍ରିଲ - ୨୨ ଏପ୍ରିଲ, ୨୦୧୮
ପରିକ୍ରମା

# କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ : ଧର୍ମେନ୍ଦ୍ର

**କୋରାପୁଟ :** କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିନିକିଆ କୋଟିଆ ଗସ୍ତରେ ଆସି ସ୍ଥାନୀୟ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। କୋଟିଆର ସାମଗ୍ରୀକ ବିକାଶ ପାଇଁ ସେ ଦେଇଛନ୍ତି ପ୍ରତିଶ୍ରୁତି। ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ର ପ୍ରଶାସନ ଅନୁପ୍ରବେଶ କରି ଲୋକଙ୍କ ମନରେ ଯେଉଁ ଆତଙ୍କ ଖେଳାଇଛି,ତାହା ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କୋଟିଆ ଓଡ଼ିଶାର,ଓଡିଶାରେ ରହିବ ବୋଲି ସେ ଦୃଢୋକ୍ତ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ହାଲ୍ ହେଲିପ୍ୟାଡରେ ଅବତରଣ କରିବା ପରେ କୋରାପୁଟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ କୁମାର ପ୍ରଧାନ, କୋରାପୁଟ ଉପଜିଲ୍ଲାପାଳ କୃତ୍ତିବାସ ରାଉତ, ଅତିରିକ୍ତ ଏସ୍‌ପି ଭିଆର ରାଓ, କୋରାପୁଟ ଏସ୍‌ଡିପିଓ ବଳଭଦ୍ର ଦୀପ, ସୁନାବେଡା ଏସ୍‌ଡିପିଓ ନରହରି ନାୟକ, ହାଲ୍ ନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ବିଜେପି ନେତା ତଥା ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ବିଜେପି ଜିଲ୍ଲା ସଭାପତି ବିଜୟ ମିଶ୍ରଙ୍କ



ସମେତ ଶତାଧିକ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ସୁନାବେଡାରୁ ସଡ଼କ ପଥରେ ସେ କୋଟିଆ ଯାଇଥିଲେ। କେନ୍ଦ୍ରମନ୍ତ୍ରୀ କୋଟିଆ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ପଞ୍ଚାୟତ କାର୍ଯ୍ୟାଳୟ, ସ୍ଥାନୀୟ ବିଦ୍ୟାଳୟ ବୁଲି ଦେଖିବା ସହ ଗ୍ରାମ ପରିକ୍ରମା ପରେ ଗାଁ ମଣ୍ଡପରେ ବିଜେପି ନେତା ଜୟରାମ ପାଙ୍ଗିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟର ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡା, ଜିଲ୍ଲାପରିଷଦ ସଦସ୍ୟ ଡୁମୁରି ଖିଲ, ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଅକ୍ଷୟ କୁମାର ସାହୁ, ଅନୁପ ପାତ୍ର, ବଳରାମ ବାରିକ, ସଞ୍ଜୀବ କୁମାର, ଦେବେନ୍ଦ୍ର ବାହିନୀପତି, ଜୟରାମ ଗରଡା ପ୍ରମୁଖ କୋଟିଆର ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ୧୮୯୦ରେ ପଟ୍ଟାଙ୍ଗି- ତାଡିବାଲ୍‌ସା ରାସ୍ତା ନିର୍ମାଣ ହୋଇଛି। ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହେବା ଦିନରୁ କୋଟିଆ ଓଡ଼ିଶା ମାନଚିତ୍ରରେ ରହିଥିବା ୧୯୪୫ର ମାନଚିତ୍ରକୁ ପୂର୍ବତନ ଜିଲ୍ଲାପାଳ କେନ୍ଦ୍ରମନ୍ତ୍ରୀଙ୍କୁ ଦେଖାଇଥିଲେ। ବିବାଦୀୟ କୋଟିଆକୁ ଆଜିଯାଏ କୌଣସି ମନ୍ତ୍ରୀ ପାଦ ପକାଇନଥିବାବେଳେ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ମନ୍ତ୍ରୀ କୋଟିଆ ଗସ୍ତ କରିଥିବାରୁ ସେମାନେ ଗର୍ବିତ ବୋଲି କୋଟିଆ ଯୁବ ବିକାଶ ନେତା ରଞ୍ଜିତ ପାଙ୍ଗି କହିବା ସହ ୩୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ କୋଟିଆ ଲୋକଙ୍କୁ କହିଥିଲେ, କୋଟିଆ ଓଡିଶାର। ଏହାକୁ କେହି ଛଡେଇ ନେଇ ପାରିବେ ନାହିଁ। କୋଟିଆର ବିକାଶ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା କରିଛନ୍ତି, କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହଯୋଗ କରିବା ସହ କୋଟିଆ ବିକାଶ ଯୁବ ସଙ୍ଗଠନ ଦେଇଥିବା ଦାବିଗୁଡିକ ମଧ୍ୟରୁ ଯେଉଁଗୁଡିକ କେନ୍ଦ୍ର ସରକାର ଅଧୀନରେ ଆସୁଛି, ସେଗୁଡିକର କାର୍ଯ୍ୟକାରୀତା ପାଇଁ ସେ ବିଭାଗୀୟ ମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଥିବାରୁ ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋଟିଆବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## କୁନ୍ଦୁଲି ନାବାଳିକା ମାମଲା

# ସିବିଆଇ ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ :** କୁନ୍ଦୁଲି ନାବାଳିକା ଗଣଦୁଷ୍କର୍ମ ମାମଲାରେ ହାଇକୋର୍ଟ ସିବିଆଇ ଓ ରାଜ୍ୟ ସରକାରଙ୍କୁ ବୁଧବାର ନୋଟିସ୍ ଜାରି କରିଛନ୍ତି। ପୀଡ଼ିତାଙ୍କ ଭାଇ ଓ ଉତ୍କଳ ଭାରତର ସଭାପତି ଖାରବେଳ ସ୍ୱାଇଁଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ନୋଟିସ୍ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ବିନୀତ୍ ଶରନ୍ ଓ ଜଷ୍ଟିସ୍ ବି.ଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇର ନିର୍ଦ୍ଦେଶକ, ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରମୁଖଙ୍କୁ ନୋଟିସ୍ ଜାରି କରି ଆସନ୍ତା ମେ' ୩ ତାରିଖ ପୂର୍ବରୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଅକ୍ଟୋବର ୧୦ ତାରିଖରେ ଛାତ୍ରୀ ଜଣଙ୍କ ଘରକୁ ଫେରୁଥିବାବେଳେ ତାଙ୍କୁ କୋରାପୁଟର ପଟ୍ଟାଙ୍ଗୀ ଥାନା ଅଧୀନ ମାଳିମରା ଘାଟ ନିକଟରେ ୪ ଜଣ ଯବାନ୍ ଜଙ୍ଗଲ ଭିତରକୁ ଟେକି ନେଇ ବଳାତ୍କାର କରିଥିବା ପଟ୍ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଜଣଙ୍କ ଘୁଷୁରି ଘୁଷୁରି ରାସ୍ତା ଉପରକୁ ଆସି ଘଟଣା ସମ୍ପର୍କରେ ସୂଚନା ଦେବା ପରେ ତାଙ୍କୁ ପଥଚାରୀମାନେ ଚିକିତ୍ସା ନିମନ୍ତେ ନିକଟସ୍ଥ ପଟ୍ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କୁ ଧର୍ଷଣ କରାଯାଇନାହିଁ ବୋଲି ବାରମ୍ବାର ଗଣମାଧ୍ୟମରେ ପୁଲିସ ଅଧିକାରୀମାନେ କହିଥିଲେ। ଅନ୍ୟପକ୍ଷରେ ପୀଡ଼ିତା ମାନସିକସ୍ତରରେ ଭାଙ୍ଗି ପଡ଼ି ଶେଷରେ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଥିଲା। ଅଭିଯୋଗରେ କୁହାଯାଇଛି ଯେ ଏହି ଘଟଣାକୁ ଚପାଇ ଦେବାକୁ ପୀଡ଼ିତାଙ୍କୁ ଲାଞ୍ଚ ଦେବା ପାଇଁ ଉଦ୍ୟମ କରାଯାଇଥିଲା। ଏଥିରେ ବିଫଳ ହେବା ପରେ ପୀଡ଼ିତାଙ୍କୁ ବିଭିନ୍ନ ପ୍ରକାରର ମାନସିକ ନିର୍ଯାତନା ମଧ୍ୟ ଦିଆଗଲା। ଏପରିକି ତାଙ୍କୁ ଜୀବନରୁ ମାରି ଦେବାକୁ ପ୍ରଚେଷ୍ଟା କରାଯାଇଥିଲା। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ଆତ୍ମହତ୍ୟା ପରେ ରାଜ୍ୟ ମାନବାଧିକାର ଆୟୁକ୍ତରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିଲା। ଏତଦ୍‌ବ୍ୟତୀତ ସିବିଆଇ ଅଥବା ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ମାମଲାର ତଦନ୍ତ କରିବାକୁ ଓଡ଼ିଶା ହାଇକୋର୍ଟରେ ପୃଥକ୍ ପୃଥକ୍ ଭାବେ ମାମଲା ରୁଜୁ ହୋଇଥିଲା।

# ୪୩ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର :** 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ଅଡ଼ା ପଞ୍ଚାୟତ, ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲ୍ଲୀ, ବୌଦ୍ଧ ଜିଲ୍ଲାର ବାଉଁସୁଣୀ ଓ ପୁରୀ ଜିଲ୍ଲାର ବଳଙ୍ଗା ପଞ୍ଚାୟତ ପାଇଁ ୧ କୋଟି ୫୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ୪୩ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗ୍ରାମ ବିକାଶ କାର୍ଯ୍ୟକ୍ରମରେ ସଫଳତା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିବା ସହ ମଞ୍ଜୁର ହୋଇଥିବା ପ୍ରକଳ୍ପର କାର୍ଯ୍ୟକୁ ଶୀଘ୍ର ଏବଂ ଭଲ ଭାବରେ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଡ଼ା ପଞ୍ଚାୟତରେ ୩୭ ଲକ୍ଷ ଟଙ୍କାରେ ୮ଟି, ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲ୍ଲୀ ପଞ୍ଚାୟତରେ ୪୦ ଲକ୍ଷ ଟଙ୍କାରେ ୧୦ଟି, ପୁରୀ ଜିଲ୍ଲାର ବଳଙ୍ଗା ପଞ୍ଚାୟତରେ ୪୦ ଲକ୍ଷ ଟଙ୍କାରେ ୧୬ଟି ଓ ବୌଦ୍ଧ ଜିଲ୍ଲାର ବାଉଁସୁଣୀ ପଞ୍ଚାୟତରେ ୪୦ ଲକ୍ଷ ଟଙ୍କାରେ ୯ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ପ୍ରଥମେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସେମାନଙ୍କ ଗାଁର ବିକାଶ ଯୋଜନା ସମ୍ପର୍କରେ ଉପସ୍ଥାପନା କରିବା ପାଇଁ କହିଥିଲେ।

## ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

# କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ସହଯୋଗ କର

**ଭୁବନେଶ୍ୱର :** କୋଣାର୍କରେ ଥିବା ରାଜ୍ୟ ସରକାରଙ୍କର ସ୍ଥାପତ୍ୟ ପ୍ରଶିକ୍ଷଣ କେନ୍ଦ୍ରକୁ ଏକ ଆନ୍ତର୍ଜାତିକସ୍ତରର ସ୍ଥାପତ୍ୟ ଦକ୍ଷତା ବିକାଶ କେନ୍ଦ୍ରରେ ପରିଣତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ଏହି ସ୍ଥାପତ୍ୟ ପ୍ରଶିକ୍ଷଣ କେନ୍ଦ୍ରର ବିକାଶ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଏହି ପ୍ରକଳ୍ପ ସଫଳ ହେଲେ ପଥର କାରିଗରଙ୍କର କେବଳ ଦକ୍ଷତାରେ ବୃଦ୍ଧି ଘଟିବ ନାହିଁ, ବରଂ ନୂଆ ପିଢ଼ିକୁ ଓଡ଼ିଶାର ପୁରାତନ ଐତିହ୍ୟ ଓ ପଥର ଖୋଦେଇ କଳା ବୃତ୍ତି ପ୍ରତି ଆକର୍ଷିତ କରିବ। ଏହି ଆନ୍ତର୍ଜାତିକ ମାନର ଅନୁଷ୍ଠାନ ଓଡ଼ିଶାର ପଥରରେ କଥା କହିବା ଭଳି ସୁକ୍ଷ୍ମ କାରୁକାର୍ଯ୍ୟର ନୈପୁଣ୍ୟକୁ ବିଲୁପ୍ତ ହେବାକୁ ନ ଦେଇ ଆଗକୁ ବଢ଼ାଇବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ତୈଳ ନିଗମ କୋଣାର୍କରେ ଯାତ୍ରୀ ସୁବିଧା ପାଇଁ ଅର୍ଥ ବିନିଯୋଗ କରିଛି। ୟୁନେସ୍କୋ ମାନ୍ୟତାପ୍ରାପ୍ତ ଏହି ପର୍ଯ୍ୟଟନ ସ୍ଥଳୀ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ପାଇଁ ଜୀବନ ଜୀବିକା ଓ ରୋଜଗାରର ପନ୍ଥା ଯୋଗାଇ ଆସୁଛି। ଆନ୍ତର୍ଜାତିକ ମାନର ପର୍ଯ୍ୟଟନ ସୁବିଧା ଯୋଗାଇ ଦିଆଯିବା ଦ୍ୱାରା ଏହି ପର୍ଯ୍ୟଟନ ସ୍ଥଳୀ ପ୍ରତି ଆହୁରି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବେ। ଓଡ଼ିଶାର ମନ୍ଦିର ସମୂହ ରାଜ୍ୟର ପୁରାତନ ସଂସ୍କୃତି, ପରମ୍ପରାର ଜୀବନ୍ତ ପ୍ରତିନିଧି ଓ ଓଡ଼ିଆ ସ୍ଥପତିଙ୍କ ପ୍ରତିଭାର ସୂକ୍ଷ୍ମ ପରିଚୟ। ସେହି ପରମ୍ପରାକୁ ଓଡ଼ିଶାର ଶିଳ୍ପୀକୁଳ ଏବେ ବି ବଞ୍ଚାଇ ରଖିଥିବା ବେଳେ ଆଧୁନିକ ଓ ସମୟ ଉପଯୋଗୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ସ୍ଥାପତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ତା'ର ଲକ୍ଷ୍ୟ ସାଧନରେ ସଫଳ ହେଲେ ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶା ଲାଭବାନ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

# 'ଶିଳ୍ପ ବିକାଶକୁ ଗତିରୋଧ କରିବା ପାଇଁ କୁଚକ୍ରାନ୍ତ ଚାଲିଛି'

**ଭୁବନେଶ୍ୱର :** ନଭେମ୍ବର ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମରେ ସହଯୋଗୀ ହେବା ପାଇଁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଅନିଚ୍ଛା ପ୍ରକାଶ କରିବା ପଛରେ ବଡ଼ଧରଣର ଷଡ଼ଯନ୍ତ୍ର ରହିଛି। ସମଗ୍ର ଦେଶରେ ବ୍ୟବସାୟିକ ଓ ଶିଳ୍ପ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ମାଧ୍ୟମରେ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାର ଲକ୍ଷ୍ୟ ରଖି କାର୍ଯ୍ୟରେ ବିଶ୍ୱାସ କରୁଥିବା 'ସିଆଇଆଇ' ଅପ୍ରତ୍ୟାଶିତ ଭାବେ ଓଡ଼ିଶା ପ୍ରତି ଏଭଳି ନକରାତ୍ମକ ଆଭିମୁଖ୍ୟ ପୋଷଣ କରିବାକୁ ବିଜୁ ଜନତା ଦଳ ରାଜ୍ୟ ସଂପାଦକ ବିଜୟ ନାୟକ ତୀବ୍ର ନିନ୍ଦା କରିଛନ୍ତି।

ଶ୍ରୀ ନାୟକ କହିଛନ୍ତି ଯେ ସିଆଇଆଇ ପୂର୍ବାଞ୍ଚଳ ଜୋନ୍ ସଭାପତି ଭାବେ ଓରଟେଲ୍ ପରିଚାଳନା ନିର୍ଦ୍ଦେଶିକା ଜାଗିମଙ୍ଗତ୍ ପଣ୍ଡା ଦାୟିତ୍ୱ ନେବା ପରେ ସିଆଇଆଇର ଓଡ଼ିଶା ପ୍ରତି ଆଭିମୁଖ୍ୟରେ ଏକ ନକରାତ୍ମକ ପରିବର୍ତ୍ତନ ଆସିଛି। ଓଡ଼ିଶାର ସ୍ୱାର୍ଥ, ଓଡ଼ିଶାବାସୀଙ୍କ ବିକାଶ ଓ ଆଶୀର୍ବାଦର ଲୋକଦେଖାଣିଆ କଥା କହୁଥିବା ଶ୍ରୀମତୀ ପଣ୍ଡାଙ୍କ ସ୍ୱାମୀ ସାଂସଦ ବୈଜୟନ୍ତ ପଣ୍ଡା ଏବେ କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରର କିଛି ଓଡ଼ିଶା ବିରୋଧୀ ନେତାଙ୍କ ସହଯୋଗରେ ସାଂସଦ ଶ୍ରୀ ପଣ୍ଡା ଓ ତାଙ୍କ ପତ୍ନୀ ଓଡ଼ିଶା ବିରୋଧରେ ଏଭଳି କୁଚକ୍ରାନ୍ତ କରିବାରେ ସକ୍ଷମ ହୋଇଛନ୍ତି। ସାଂସଦ ଶ୍ରୀ ପଣ୍ଡା ଭୁଲିଯିବା ଅନୁଚିତ୍ ଯେ, ବିଜେଡି ସରକାର କ୍ଷମତାକୁ ଆସିବା ପରେ ହିଁ ଓଡ଼ିଶାରେ ଶିଳ୍ପ ନିମନ୍ତେ ଅନୁକୂଳ ପରିବେଶ ପ୍ରସ୍ତୁତ ହୋଇଛି, ଯାହାର ଫାଇଦା ମଧ୍ୟ ସାଂସଦ ଶ୍ରୀ ପଣ୍ଡାଙ୍କ ପରିବାରର ବ୍ୟବସାୟିକ ସଂସ୍ଥା ନେଇଛି। ଏବେ ସେହି ପଣ୍ଡା ଦମ୍ପତି ଓଡ଼ିଶାର ବିକାଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିବନ୍ଧକ ସାଜି ଓ କୁଚକ୍ରାନ୍ତ କରି ନିଜର ଓଡ଼ିଶା ବିରୋଧୀ ଆଭିମୁଖ୍ୟକୁ ପରୋକ୍ଷରେ ପ୍ରମାଣିତ କରାଇଛନ୍ତି। କେନ୍ଦ୍ର ସରକାର ଓ ପଣ୍ଡା ଦମ୍ପତିଙ୍କ ଏହି ଓଡ଼ିଶା ବିରୋଧୀ କୁଚକ୍ରାନ୍ତକୁ ବୁଝିବା ପରେ ଏବେ ସିଆଇଆଇରୁ ଅନେକ ଶିଳ୍ପଦ୍ୟୋଗୀଙ୍କ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। ରାଜ୍ୟରେ ପୁଞ୍ଜିନିବେଶ ଓ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ୨୦୧୬ ମସିହାରୁ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜନ ହୋଇଆସୁଛି। ୨୦୧୬ ମସିହାରେ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ସହଯୋଗୀ ଭାରତୀୟ ଶିଳ୍ପ ମହାସଂଘ ସାମିଲ ହୋଇଥିଲା। ସିଆଇଆଇ ଭଳି ସଂସ୍ଥାରେ ରାଜ୍ୟର ପ୍ରମୁଖ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାମାନେ ସଦସ୍ୟ ରହିଥିବାରୁ ଓଡ଼ିଶା ସରକାର ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ ବ୍ୟବସାୟିକ ଓ ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି ଦିଗରେ ଗୁରୁତ୍ୱ ଦେଉଛନ୍ତି। ଏହି 'ମେକ୍ ଇନ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ୨୦୧୮ ନଭେମ୍ବର ୧୧ରେ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତବର୍ଷ ନଭେମ୍ବର ୧୬ତାରିଖରେ ଘୋଷଣା କରିଥିଲେ। ସିଆଇଆଇ ମଧ୍ୟ ସେତେବେଳେ ଏହି କାର୍ଯ୍ୟକ୍ରମର ତାରିଖକୁ ନେଇ ଆପତ୍ତି ଉଠାଇ ନଥିଲା। କିନ୍ତୁ ଏପ୍ରିଲ ୪ତାରିଖରେ ରାଜ୍ୟ ଶିଳ୍ପ ସଚିବଙ୍କୁ ଚିଠି ଲେଖି ଅନ୍ୟ କାର୍ଯ୍ୟ ଥିବାରୁ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମରେ ସହଯୋଗୀ ହୋଇପାରିବ ନାହିଁ ସିଆଇଆଇ ପକ୍ଷରୁ କୁହାଯାଇଛି। ସିଆଇଆଇର ଏଭଳି ପଦକ୍ଷେପ ରାଜ୍ୟସ୍ୱାର୍ଥ ବିରୋଧୀ ବୋଲି ଶ୍ରୀ ନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

# 'ଚିଟ୍‌ଫଣ୍ଡ ଠକଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯାଉ'

**ରାୟଗଡା :** ଚିଟଫଣ୍ଡ ସଂସ୍ଥାକୁ କଷ୍ଟାର୍ଜିତ ସଂଚୟ ଟଙ୍କା ଦେଇ ଠକାମିର ଶିକାର ହୋଇଥିବା ଗରିବ ଜମାକାରୀଙ୍କୁ ନ୍ୟାୟ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ଦେଖାନ୍ତୁ। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚ ପକ୍ଷରୁ ଆୟୋଜିତ ଗଣସତ୍ୟାଗ୍ରହରେ ଯୋଗଦେଇ ଏହା କହିଥିଲେ ମିଳିତ ମଞ୍ଚର ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ। ଗତ ୧୧ ତାରିଖରେ କୋରାପୁଟ ଛକଠାରୁ ଜମାକାରୀଙ୍କ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ୫ ହଜାରରରୁ ଉର୍ଦ୍ଧ୍ୱ ଜମାକାରୀ ସାମିଲ ହୋଇଥିଲେ। ଜମାକାରୀଙ୍କୁ ଉଦ୍‌ବୋଧନ ଦେଇ ସାଂସଦ ଶ୍ରୀ ପଟ୍ଟନାୟକ କହିଥିଲେ, ଆଇନର ଗଳା ବାଟ ଦେଇ ଠକ ସଂସ୍ଥା ଯେଉଁଳି ଗରିବ



ଲୋକଙ୍କଠାରୁ କୋଟି କୋଟି ଟଙ୍କା ହଡପ କରିନେଇଥିଲେ, ଏହାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କଡା ଆଇନ କରିବାର ଆବଶ୍ୟକତା ରହିଛି। ଭବିଷ୍ୟତରେ ଯେମିତି ଲୋକେ ଠକାମିର ଶିକାର ନହେବେ ସେଥିପାଇଁ ଠକ ସଂସ୍ଥାର ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବା ଉଚିତ୍। ଠକ ସଂସ୍ଥାଗୁଡିକର ସଂପତି ବାଜ୍ୟାପ୍ତି କରି କ୍ଷତିଗ୍ରସ୍ତ ଜମାକାରୀଙ୍କ ଟଙ୍କା ଫେରାଇବା ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଥିଲେ।

# ଅପରାଧୀମାନଙ୍କୁ ସୁରକ୍ଷା ଯୋଗାଉଛନ୍ତି ମୁଖ୍ୟମନ୍ତ୍ରୀ : ବିଜେପି

**ଭୁବନେଶ୍ୱର :** ଅପରାଧୀମାନଙ୍କ ପାଇଁ ଚରାଭୁଇଁ ଓଡିଶା ପାଲଟି ଥିବାବେଳେ ଠିକଣା ସାଜିଛି ବିଜେଡି। ଆଉ ଏହି ଅପରାଧିମାନଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି ଖୋଦ୍ ନିଜେ ରାଜ୍ୟ ଗୃହ ବିଭାଗ ମୁଖିଆ ତଥା ମୁଖ୍ୟମନ୍ତ୍ରୀ। ସୁରକ୍ଷା ବଳୟ ଭିତରେ ରହି ଏହି ଅପାରାଧିମାନେ ନିଜ ନିଜ ବ୍ୟବସାୟୀକ କାୟା ବିସ୍ତାର କରି ଚାଲୁଥିବାବେଳେ ଶାସକ ବିଜେଡି ନିଜର ହୀନ ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ବିଭିନ୍ନ ସମୟରେ ଏହି ଅପରାଧିମାନଙ୍କୁ ବ୍ୟବହାର କରୁଛି। ଆଗାମୀ ଦିନରେ ରାଜ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନମାନଙ୍କରେ ଏହି ଅପରାଧିମାନଙ୍କୁ ବ୍ୟବହାର କରି ହିଂସା ମାଧ୍ୟମରେ ନିର୍ବାଚନ ବୈତରଣୀ ପାର ହେବାକୁ ଶାସକ ବିଜେଡି ହୀନ ଚକ୍ରାନ୍ତ କରୁଛି। ଏହି କାରଣରୁ ଆଜି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟର ମାଁ ଓ ଭଉଣୀଠୁ ଆରମ୍ଭ କରି ସାଧାରଣ ଜନତା ଆଜି ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଶାସକ ବିଜେଡିର ଅପରାଧୀକରଣ ଏବଂ ଅପାରଧୀମାନଙ୍କୁ ସୁରକ୍ଷା ପ୍ରଦାନ କାରଣରୁ ଏଭଳି ସଂଗୀନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ସଜ୍ଜନ ଶର୍ମା ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଯେଉଁ ବ୍ୟକ୍ତି ବିଶେଷମାନେ ଶାସକ ବିଜେଡିରେ ସାମିଲ ହୋଇଛନ୍ତି, ସେମାନଙ୍କ ଅପରାଧିକ ପୃଷ୍ଠଭୂମି ରହିଛି। ବରିଷ୍ଠ ମନ୍ତ୍ରୀ, ଦଳୀୟ ବିଧାୟକ ଏବଂ ନେତୃବୃନ୍ଦଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହି ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତି ବିଶେଷଙ୍କୁ ବିଜେଡିରେ ସାମିଲ କରାଇଛନ୍ତି। ନିଜ ଲୋକପ୍ରିୟତାର ହ୍ରାସକୁ ନେଇ ଚିନ୍ତିତ ଏବଂ ବିବ୍ରତ ହୋଇ ପଡିଥିବା ମୁଖ୍ୟମନ୍ତ୍ରୀ ବର୍ତମାନ ଯାହାକୁ ପାରୁଛନ୍ତି ସେମାନଙ୍କୁ ବିଜେଡିରେ ସାମିଲ କରାଉଛନ୍ତି। ଗୃହ ବିଭାଗର ମୁଖିଆ ତଥା ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ଏଭଳି ଘଟିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ନିନ୍ଦନୀୟ ବୋଲି ଶ୍ରୀ ଶର୍ମା ଅଭିଯୋଗ କରିଛନ୍ତି।

ଅତୀତରେ ସିସୋର ଚିଟଫଣ୍ଡ୍‌ର ମାଲିକ ପ୍ରଶାନ୍ତ ଦାଶଙ୍କ ସହ ଗୋଟିଏ ମଂଚରେ ଉପସ୍ଥିତ ରହି ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଲୁଟ୍ କରାଇବାରେ ସହାୟକ ହୋଇଥିଲେ। ଏପରିକି ଶାସକ ବିଜେଡିର ବହୁ ସାଂସଦ, ମନ୍ତ୍ରୀ, ବିଧାୟକ ଏବଂ ନେତୃବୃନ୍ଦଙ୍କ ଅପରାଧିମାନଙ୍କୁ ସୁରକ୍ଷା ଯୋଗାଇ ଦେବାର ଅନେକ ନଜିର ରହିଛି। ଦୋଷୀ ସାବ୍ୟସ୍ତ ହୋଇ ଏମାନଙ୍କ ମଧ୍ୟରୁ ବହୁତ ଜେଲରେ କିମ୍ବା ବେଲରେ ଅଛନ୍ତି। ତେଣୁ ଗତ କାଲିର ଘଟଣା ମୁଖ୍ୟମନ୍ତ୍ରୀ ଏବଂ ଶାସକ ବିଜେଡିର ଅପରାଧି ପୃଷ୍ଠଭୂମିକୁ ସ୍ପଷ୍ଟ ପ୍ରମାଣିତ କରିଛି ବୋଲି ଶ୍ରୀ ଶର୍ମା ଅଭିଯୋଗ କରିଛନ୍ତି।

# ଶସ୍ୟ ଋଣ ପ୍ରଦାନ କ୍ଷେତ୍ରରେ ସମବାୟ ବ୍ୟାଙ୍କ ଭଲ

**ଭୁବନେଶ୍ୱର :** ଶସ୍ୟ ଋଣ ପ୍ରଦାନ କ୍ଷେତ୍ରରେ ସମବାୟ ବ୍ୟାଙ୍କଗୁଡ଼ିକ ଉତ୍ତମ ପ୍ରଦର୍ଶନ କରୁଥିବା ବେଳେ ଜାତୀୟକରଣ ଓ ଘରୋଇ ବ୍ୟାଙ୍କମାନଙ୍କର ଶସ୍ୟ ଋଣ ଲଗାଣ ହାର ଅତ୍ୟନ୍ତ ନୈରାଶ୍ୟଜନକ। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାରେ ଦେଇଥିବା ଉତ୍ତରରୁ ଏହା ଜଣାପଡ଼ିଛି। ୨୦୧୭-୧୮ ଆର୍ଥିକ ବର୍ଷର ଜାନୁଆରୀ ଶେଷ ସୁଦ୍ଧା ସମବାୟ ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ୯,୫୮୮ କୋଟି ୯୩ ଲକ୍ଷ ଟଙ୍କାର ଜମା ସଂଗ୍ରହ କରିଥିବା ବଳେ ଋଣ ଦେଇଛନ୍ତି ୧୧,୧୯୭ କୋଟି ୫୯ ଲକ୍ଷ ଟଙ୍କା। ଏଥିମଧ୍ୟରୁ ଶସ୍ୟ ଋଣର ପରିମାଣ ହେଉଛି ୧୧,୦୦୫ କୋଟି ୮୦ ଲକ୍ଷ ଟଙ୍କା। ଏଠାରେ ଉଲ୍ଲେଖନୀୟ ଯେ ୨୦୧୧-୧୨ ବର୍ଷରେ ସମବାୟ ବ୍ୟାଙ୍କଗୁଡ଼ିକ ଆମ ରାଜ୍ୟରେ ୪,୬୮୩ କୋଟି ୯୯ ଲକ୍ଷ ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଋଣ ଖଟାଇଥିଲେ ୫,୩୭୪ କୋଟି ୯୫ ଲକ୍ଷ ଟଙ୍କା। ଏଥିମଧ୍ୟରୁ ଶସ୍ୟ ଋଣର ପରିମାଣ ଥିଲା ୪,୪୧୫ କୋଟି ୮୯ ଲକ୍ଷ ଟଙ୍କା। ୨୦୧୬-୧୭ ବର୍ଷରେ ସମବାୟ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ପରିମାଣ ୯,୧୨୧ କୋଟି ଟଙ୍କା ଥିବା ବେଳେ ଋଣ ପ୍ରଦାନ କରାଯାଇଥିଲା ୧୧,୪୨୩ କୋଟି ଟଙ୍କା। ଏଥିମଧ୍ୟରୁ ଶସ୍ୟ ଋଣର ପରିମାଣ ଥିଲା ୧୦,୨୦୪ କୋଟି ୮୧ କୋଟି ଟଙ୍କା। ଅନ୍ୟପକ୍ଷରେ ୨୦୧୭-୧୮ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶାରୁ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ୧,୯୮୨୩୬ କୋଟି ଟଙ୍କା ଜମା ସଂଗ୍ରହ କରିଥିବା ବେଳେ ଏମାନେ ଋଣ ପ୍ରଦାନ କରିଥିଲେ ମାତ୍ର ୭୬,୫୬୦ କୋଟି ୭୬ ଲକ୍ଷ ଟଙ୍କା। ଏଥିମଧ୍ୟରୁ କୃଷି ଋଣର ପରିମାଣ ଥିଲା ୧୩,୭୭୧ କୋଟି ୬୦ ଲକ୍ଷ ଟଙ୍କା। ଏହି ସମୟ ମଧ୍ୟରେ ଓଡ଼ିଶାରେ ଥିବା ଘରୋଇ ବ୍ୟାଙ୍କଗୁଡ଼ିକ ୪୦,୮୫୩ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଋଣ ଦେଇଛନ୍ତି ୩୦,୬୭୨ କୋଟି। ସେଥିମଧ୍ୟରୁ କୃଷି ଋଣ ପରିମାଣ ମାତ୍ର ୪,୦୫୬ କୋଟି ଟଙ୍କା। ସେହିପରି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଏହି ସମୟ ମଧ୍ୟରେ ୧୫,୯୫୧ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଋଣ ଖଟାଇଛନ୍ତି ୭,୬୮୩ କୋଟି। ଏଥିମଧ୍ୟରୁ କୃଷି ଋଣର ପରିମାଣ ମାତ୍ର ୩,୮୬୫ କୋଟି ଟଙ୍କା। ୨୦୧୬-୧୭ ଆର୍ଥିକ ବର୍ଷରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଓଡ଼ିଶାରୁ ୧,୯୩,୩୧୩ କୋଟି ୩୭ ଲକ୍ଷ ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଋଣ ଖଟାଇଛନ୍ତି ୭୪,୧୦୫ କୋଟି। ଏଥିରୁ କୃଷି ଋଣର ପରିମାଣ ଥିଲା ମାତ୍ର ୧୧,୫୧୬ କୋଟି ଟଙ୍କା। ଉକ୍ତ ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ୩୫,୪୭୭ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ୨୩,୮୫୦ କୋଟି ଟଙ୍କା ଋଣ ଆକାରରେ ପାଇଛନ୍ତି ଯେଉଁଥିରୁ କୃଷି ଋଣର ପରିମାଣ ମାତ୍ର ୩,୭୦୪ କୋଟି। ସେହିପରି ଉକ୍ତ ବର୍ଷରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ୧୫,୧୪୫ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ୭,୫୦୨ କୋଟି ଟଙ୍କାର ଋଣ ଦେଇଛନ୍ତି। ଏଥିମଧ୍ୟରୁ କୃଷି ଋଣର ପରିମାଣ ଥିଲା ମାତ୍ର ୩,୬୦୭ କୋଟି ଟଙ୍କା। ସରକାରଙ୍କର ପ୍ରଦତ୍ତ ଏହି ତଥ୍ୟରୁ ସମବାୟ ବ୍ୟାଙ୍କଗୁଡ଼ିକ ଜମା ତୁଳନାରେ ଢେର୍ ଅଧିକ ଅର୍ଥ ଶସ୍ୟ ଋଣ ଆକାରରେ ଖଟାଉଥିବା ବେଳେ ଜାତୀୟକରଣ ଓ ଅନ୍ୟ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ତୁଳନାରେ କୃଷି ଋଣର ଅନୁପାତ ଢେର୍ କମ୍। ଏ ପରିପ୍ରେକ୍ଷୀରେ ସମବାୟ ବ୍ୟାଙ୍କଗୁଡ଼ିକ କୃଷି ଲାଗି ଅଧିକ ଋଣ ପ୍ରଦାନ କରୁଥିବା ଦୃଷ୍ଟିରୁ ରାଜ୍ୟ ସରକାର ତାଙ୍କ ଟ୍ରେଜେରୀ କାରବାର ତଥା ସରକାରୀ ଆୟବ୍ୟୟ ପରିଚ୍ଳଳନାର ମୁଖ୍ୟାଂଶ ସମବାୟ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ କରାଇବା ପାଇଁ ବିଧାୟକ ଶ୍ରୀ ରାୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଅଦ୍ୟାବଧି ଏ ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

# ଯୁବଗୋଷ୍ଠୀଙ୍କ ସାମାଜିକ ମୂଲ୍ୟବୋଧ ବଢ଼ାଇବ ବିଜୁ ଯୁବ ବାହିନୀ

**ଭୁବନେଶ୍ୱର :** ପଞ୍ଚାୟତ ଓ ପୌରାଞ୍ଚଳ ସ୍ତରରେ ଓଡ଼ିଶାରେ ବିଜୁ ଯୁବ ବାହିନୀ ଗଠନ କରିବା ପାଇଁ ୩ ବର୍ଷରେ ରାଜ୍ୟ ସରକାର ୪୫୦ କୋଟି ୪୯ ଲକ୍ଷ ଟଙ୍କାର ବ୍ୟୟବରାଦ କରିଛନ୍ତି। ଏଯାବତ୍ ବିଜୁ ଯୁବ ବାହିନୀରେ ପ୍ରାୟ ୨ ଲକ୍ଷ ୯୨ ହଜାର ଯୁବକ ଯୁବତୀ ସାମିଲ ହେଲେଣି। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା। ସେ କହିଲେ ଯେ ବିଜୁ ଯୁବ ବାହିନୀ ଏକ ସୁଦୂର ପ୍ରସାରୀ ଯେଉଁଥିରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସାମାଜିକ ମୂଲ୍ୟବୋଧ ଓ ଦାୟିତ୍ୱବୋଧ ବୃଦ୍ଧି ସହିତ ସର୍ବସାଧାରଣଙ୍କ ହିତ ସାଧନ ନିମନ୍ତେ ଆବଶ୍ୟକୀୟ ନାଗରିକ ପ୍ରକ୍ରିୟା, ଗୋଷ୍ଠୀ ସେବା, ସ୍ୱେଚ୍ଛାସେବୀପଣ, ନେତୃତ୍ୱ ଇତ୍ୟାଦିର ବିକାଶ ନିମନ୍ତେ କାର୍ଯ୍ୟକ୍ରମ ପ୍ରଣୟନ କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ଓ ସହରାଞ୍ଚଳରେ ଯୁବକଯୁବତୀମାନଙ୍କୁ ବିଭିନ୍ନ ସମାଜସେବା କାର୍ଯ୍ୟ ନିମନ୍ତେ ଉତ୍ସାହିତ କରାଯିବ। ସେମାନଙ୍କ ମଧ୍ୟରେ କ୍ରୀଡ଼ା, କଳା ଆଦି ପ୍ରତିଭାର ବିକାଶ କରାଯିବ। ଏହିସବୁ କାର୍ଯ୍ୟକ୍ରମ ପରିଚ୍ଳଳନା ନିମନ୍ତେ ପ୍ରତ୍ୟେକ ଯୁବ ବାହିନୀକୁ ବାର୍ଷିକ ଦେଢ଼ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ। ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମରେ ୧୫ରୁ ୩୫ ବର୍ଷର ଯୁବକ ଯୁବତୀମାନଙ୍କୁ ସାମିଲ କରାଯାଉଛି। ପ୍ରତି ବାହିନୀରେ ମୋଟ୍ ସଦସ୍ୟଙ୍କର ଏକ ତୃତୀୟାଂଶ ମହିଳା ରହିବେ। ଏଥିରେ ସାମିଲ ହେବା ଲାଗି ଗତ ନଭେମ୍ବର ୨୩ ତାରିଖରେ ଅନ୍‌ଲାଇନ୍‌ରେ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା। ଚଳିତ ଏପ୍ରିଲ୍ ୫ ତାରିଖ ସୁଦ୍ଧା ମୋଟ୍ ୨,୯୧,୭୪୬ ଯୁବକଯୁବତୀଙ୍କୁ ଏହି କାର୍ଯ୍ୟକ୍ରମରେ ପଞ୍ଜିକୃତ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୫,୨୫୭, ବାଲେଶ୍ୱରରେ ୨୪,୨୩୮ ଓ କଟକରେ ୨୪,୨୫୮ ଜଣ ଯୁବକ ଯୁବତୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ବରଗଡ଼, ଭଦ୍ରକ, ବଲାଙ୍ଗୀର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ନୟାଗଡ଼, ପୁରୀ ଜିଲ୍ଲାରେ ୧୦ ହଜାରରୁ ୧୫ ହଜାର ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ପଞ୍ଜିକୃତ ହୋଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଏହାର ସଂଖ୍ୟା ୧୦ ହଜାରରୁ କମ୍ କରି ରହିଛି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ




ଭୁବନେଶ୍ୱର, ୧୬ ଏପ୍ରିଲ - ୨୨ ଏପ୍ରିଲ, ୨୦୧୮


# ସମୟ ଓ ସଂଶୟ

ଯାବତୀୟ ଦୁଃଖ ଯନ୍ତ୍ରଣା ଭିତରେ ମଣିଷ ଜୀବନ ପ୍ରତି ଅତ୍ୟନ୍ତ ମୋହାବିଷ୍ଟ। ଅସଂଖ୍ୟ ଯାତନା, ନିର୍ଯାତନା ଭୋଗକରି ସଂସାର ସୁଖ ପାଇବା ଆଶାରେ ତମାମ ଜୀବନକୁ ବାଜି ଲଗାଇବାକୁ କୁଣ୍ଠାବୋଧ ହୁଏନାହିଁ। ଅଭିଳଷିତ ସୁଖ, ପ୍ରାଚୁର୍ଯ୍ୟ ଓ ଆନନ୍ଦ ପାଇବାକୁ ଅଦମ୍ୟ ପ୍ରଚେଷ୍ଟା ଜରିରହେବ। କେବେ ସୁନ୍ଦର ଘର, ଉଚ୍ଚ ଶିକ୍ଷିତ ସନ୍ତାନ ଓ ଛୋଟିଆ ସାମ୍ରାଜ୍ୟଟିଏ ତିଆରି କରିବାର ନିଶା ମଣିଷକୁ ବେଳେବେଳେ ଅନ୍ଧ କରିପକାଏ। ଯେନତେନ ଉପାୟରେ ଅର୍ଥ ଉପାର୍ଜନ କରି ନିଜର ଭୋଗ ଲାଳସାକୁ ପରିତୃପ୍ତ କରିବା ବ୍ୟତିରେକ ସାଂପ୍ରତିକ ସମୟରେ ମଣିଷ ଅନ୍ୟକିଛି କଥା ଚିନ୍ତା କରିବା ଭଳି ମନେହେଉନାହିଁ। ବିଜ୍ଞାନୀ ବୁଦ୍ଧିର ପରାକ୍ରମ ଦେଖାଇବାକୁ ଯାଇ ବିଶ୍ୱର ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବା ପାଇଁ ଅନ୍ୟର ଜୀବନ ଗୌଣ ହୋଇଯାଉଛି। ଅଥଚ୍ ତୃତୀୟ ବିଶ୍ୱଯୁଦ୍ଧର ବିନାଶକାରୀ ଭୂମିକା କ'ଣ ରହିଛି ଏକଥା ଲଢ଼େଇ ପାଇଁ ପ୍ରସ୍ତୁତ ଥିବା ଦେଶମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ମନରେ ଶଙ୍କା ସୃଷ୍ଟି କରୁନାହିଁ। ତାହା ମଧ୍ୟରେ ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ, ଅଜଣାବ୍ୟାଧି ଭଳି ଅନେକ ସମସ୍ୟା ଭିତରେ ମଣିଷ ନିଜକୁ ଦୁର୍ଦ୍ଧର୍ଷ, ପରାକ୍ରମୀ ଓ ରାଷ୍ଟ୍ରାଧିପତି ହେବାର ସ୍ୱପ୍ନରେ ବୁଡି ରହିଛି। ହେଲେ ସ୍ୱପ୍ନ ଓ ବାସ୍ତବ ମଧ୍ୟରେ ଯେଉଁ ଅଗମ୍ୟ ଦୂରତା ରହିଛି ସେସବୁର ସମାଧାନ ଦିଗରେ ନିଜକୁ ନିୟୋଜିତ କରିବା ବା ଏ ଦିଗରେ ଆତ୍ମଚିନ୍ତନ କରିବାର ଅବକାଶ ପାଉନାହିଁ। ଯେଉଁଥିପାଇଁ ସମଗ୍ର ବିଶ୍ୱ ନୂତନ ବିଭୀଷିକା ପଥରେ ଅତିକ୍ରମ କରିଚାଲିଥିଲେ ବି ଏହାର ଅନ୍ତିମ ପରିଣତି କ'ଣ ଯେ ଘଟିବ ତାହା ଏବେଠାରୁ ଆକଳନ କରିବା କଷ୍ଟକର। ପରିସଂଖ୍ୟାନ ଅନୁସାରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି, ଅସଂଖ୍ୟ କଳକାରଖାନା ଏବଂ ପରମାଣୁ ପରୀକ୍ଷାର ଅବାଞ୍ଛିତ ଆବାହନ ଭିତରେ ପ୍ରାଣୀଜଗତର ସୁରକ୍ଷା ବଦଳରେ ବିଲୋପନ ଆଡକୁ ଅଗ୍ରସର ହେବା ଆଦୌ ଶୁଭଙ୍କର ମନେହେଉନାହିଁ। ପ୍ରାକୃତିକ ସମ୍ପଦର ଅବାରିତ ନଷ୍ଟଧାରା ଯୋଗୁଁ ଜଳବାୟୁ ସନ୍ତୁଳନ ହରେଇ ସାରିଲାଣି। ନିର୍ଦ୍ଧାରିତ ସମୟରେ ଷଡଋତୁର ଅନୁଭବ ଦୁଃସ୍ପ୍ରାପ୍ୟ ହେଉଥିଲେ ମଧ୍ୟ ଏହାର କାରଣ ଓ ନିରାକରଣ ଦିଗରେ ସଭ୍ୟ ମଣିଷ ଯେଉଁ ପରିମାଣରେ ସତର୍କ ରହିବା କଥା ତାହା ସମ୍ଭବ ହୋଇପାରୁନାହିଁ। ଅନ୍ୟତମ କାରଣ ଭାବେ ସଚେତନତା ଅଭାବରୁ ଅନେକ ପ୍ରାକୃତିକ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟାଙ୍କନ କରିନପାରି ଏହାକୁ ନଷ୍ଟ କରିଦେବା ଫଳରେ ପରିବେଶ ମଧ୍ୟ ନଷ୍ଟ ହୋଇଯାଉଛି। ମଣିଷ ଜୀବନର ମୂଲ୍ୟ ସବୁକ୍ଷେତ୍ରରେ ସମାନ ହୋଇଥିଲେ ବି ଏକଥାକୁ ସହଜରେ ଅନୁଭବ କରିବା ସମ୍ଭବପର ହେଉନଥିବାରୁ ବିଶ୍ୱକୁ ଧ୍ୱଂସ ପଥରେ ଆଗେଇ ଯିବାର ପ୍ରୋତ୍ସାହନ ମିଳୁଥିବା ଭଳି ପରିସ୍ଥିତି ଉପୁଜି ମାନବବାଦକୁ ଲୋପ କରିବା ଭଳି ଅବସ୍ଥା ସୃଷ୍ଟି ହେଲାଣି। ସର୍ଜନା ଓ ସଂହାର ଭିତରେ ତୀବ୍ର ଲଢ଼େଇ ଚାଲିବାର ଯେଉଁ ଦ୍ୱନ୍ଦ୍ୱ ଉପୁଜିଛି ସେଥିରୁ ମଣିଷ ସମାଜ ମୁକ୍ତିର ପଥ ନଖୋଜିଲେ ହୁଏତ ଭବିଷ୍ୟତରେ ଏ ସଭ୍ୟତା, ଏ ମଣିଷ ଆଉ ଦୁର୍ଲଭ ଜୀବନ ନେଇ ପୃଥିବୀ ପୃଷ୍ଠରେ କାଳାତିପାତ କରିବା ସମ୍ଭବ ହୋଇନପାରେ। ଭାଷାରେ ଭିନ୍ନତା ଥିଲେ ବି ଦେଶ-ଦେଶର ମଣିଷମାନଙ୍କ ମଧ୍ୟରେ ମୂଲ୍ୟବୋଧ ସମାନ ହେବାକଥା। କିନ୍ତୁ ଏଭଳି ପରିସ୍ଥିତି ଉପୁଜିଲାଣି ଯେ, କେହି କାହାକୁ ବିଶ୍ୱାସକୁ ନନେବା ଫଳରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ଆତଙ୍କରାଜ ଓ ଅବିଶ୍ୱସନୀୟତା ଭଳି ସାଂଘାତିକ ପରିସ୍ଥିତି ମାନବବାଦକୁ ଲୋପ କରିଦେବା କିଛି ଅସମୀଚିନ ମନେହୁଏନାହିଁ। ତେଣୁ ଏଭଳି ପରିସ୍ଥିତିରେ ଜଗତର କଲ୍ୟାଣ ହେବା ସହିତ ମଣିଷ ସମାଜ ତିଷ୍ଠି ରହିବା ପାଇଁ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି ତାହା ପ୍ରତିଷ୍ଠା ହୋଇ ନପାରିଲେ ଚତୁର ବିଜ୍ଞାନୀ ବୁଦ୍ଧିର ପରାଜୟ ଘଟିବା ସୁନିଶ୍ଚିତ। ବିଦ୍ୟା ଓ ବୁଦ୍ଧି ବଳରେ ମଙ୍ଗଳରେ ପହଞ୍ଚିବା ସହଜ ହେଉଥିଲେ ବି ଏହାର ଭବିଷ୍ୟତ କିଏ ଦେଖିଛି। ତେଣୁ ଯେଉଁ ଜଗତରେ ପ୍ରାଣୀମାନେ ଆତଯାତ ହେଉଛନ୍ତି, ଝରଣାଟିଏ କୁଳୁକୁଳୁ ତାନରେ ବୋହିଯାଉଛି, ବୃକ୍ଷ ଡାଳରେ ପକ୍ଷୀଟିଏ ଗୁଣୁଗୁଣୁ ତାନରେ ଗୀତ ଗାଇପାରୁଛି ସେସବୁ ସୁରକ୍ଷିତ ନ ରହିଲେ ଆମେ କେଉଁ ଭବିଷ୍ୟତର ସ୍ୱପ୍ନ ଦେଖୁଛେ ତାହା ଭାବିବା ସମୟ ପହଞ୍ଚି ଗଲାଣି।

ଶିକ୍ଷା ଉଚ୍ଚତମ ଶୃଙ୍ଗକୁ ସ୍ପର୍ଶ କରିଥିଲେ ବି ଚରିତ୍ରବତ୍ତାର ଅସଲ ଶିକ୍ଷା ଅଭାବରୁ ମଣିଷ-ମଣିଷ ଭିତରେ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରୁନାହିଁ। ଏମିତିବି ଦେଖାଯାଉଛି ଯେ, ସାମ୍ପ୍ରତିକ ସମୟରେ ପାଳିତ ପଶୁପକ୍ଷୀଙ୍କ ସହ ମଣିଷ ନିଜର ସମ୍ପର୍କ ଗଢୁଥିଲା ବେଳେ ଆତ୍ମୀୟ ସୋଦରଙ୍କ ସହ ସମ୍ପର୍କକୁ କ୍ଷୁଣ୍ଣ କରିଚାଲିଛି। ଏହାର କାରଣ କ'ଣ ହୋଇପାରେ? କେହି କେହି ଏସବୁ ଘଟଣାରେ ସ୍ୱାର୍ଥପରତା ଓ ହୀନମନ୍ୟତାକୁ ଦାୟୀ କରୁଥିଲା ବେଳେ ଆଉ କେହି ମଣିଷପଣିଆର ଅଭାବ ଯୋଗୁ ଆଜି ସାମାଜିକ ସ୍ଥିତି ବିଗିଡି ଚାଲିଛି ବୋଲି କହିଥାନ୍ତି। ତେବେ ଯାହା ହେଉନା କାହିଁକି ପାରସ୍ପରିକ ବୁଝାମଣା ଅଭାବରୁ ପରିବାରଠୁ ଆରମ୍ଭ କରି ଦେଶ-ଦେଶ ମଧ୍ୟରେ ବିଭେଦର ପ୍ରାଚୀର ଠିଆ ହେଉଛି। ଯେଉଁଥିପାଇଁ ଗୋଟିଏ ଦେଶର ନାଗରିକ ଅନ୍ୟ ଦେଶର ନାଗରିକମାନଙ୍କ ସହିତ ମନଖୋଲା କଥା ହେବା ଦୂରର କଥା ସାଧାରଣ ସମ୍ପର୍କଟିଏ ରଖିବାକୁ ମଧ୍ୟ ଭୟ କରୁଛନ୍ତି। ଏହି ଭୟ ନାମକ ମାରାତ୍ମକ ଶବ୍ଦଟିଏ କିଭଳି ଯେ ଉତ୍ପନ୍ନ ହେଉଛି ସେକଥା ଅନେକ ସଭ୍ୟ ଶିକ୍ଷିତ ରାଷ୍ଟ୍ର ବୁଝିପାରିଥିଲେ ବି ନିଜର ଅହଂକାରକୁ ସାବ୍ୟସ୍ତ କରିବାକୁ ଯାଇ ଏଥିରୁ ନିବୃତ ରହୁନାହାନ୍ତି। ପରିଣାମ ସ୍ୱରୂପ ଆତଙ୍କବାଦ, ମିଥ୍ୟା ଆରୋପ ଓ ଅନ୍ୟକୁ ପରାଜିତ କରିଦେବାର ଅଭିନବ ପରିକଳ୍ପନା ଆଜି ସାଂଘାତିକ ଅସ୍ତ୍ର ଭାବେ ମଣିଷ ସମାଜ ଆଗରେ ଠିଆ ହୋଇଛି। ଯାହାକୁ ଆୟୁଧ କରି ଜଣେ ଅନ୍ୟ ଜଣକର ବିନାଶ ପାଇଁ ଷଡଯନ୍ତ୍ର କରିବା ସହିତ ମାନବବାଦକୁ ହତ୍ୟା କରିବା ପାଇଁ ପଶ୍ଚାତପଦ ହେଉନାହିଁ। ଜଘନ୍ୟକାଣ୍ଡ ଘଟାଇବା ପରେ ମଣିଷ ମନରେ ଯେଉଁ ପଶ୍ଚାତାପ ବା ଅନୁଶୋଚନା ରହିବା କଥା ତାହା ମଧ୍ୟ ପରିଲକ୍ଷିତ ହେଉନଥିବାରୁ ଆଜିର ମଣିଷ ଯେ କେତେ ହିଂସ୍ର ତାହା ଅନୁଭବ କରିବାକୁ ବାକି ରହିନାହିଁ। ଗୋଟିଏପଟେ ଈଶ୍ୱରଙ୍କ ପ୍ରଦତ୍ତ ବିଶ୍ୱ ଅନ୍ୟପଟେ ମାନବକୃତ ବିନାଶକାରୀ ପ୍ରତିଦ୍ୱନ୍ଦ୍ୱିତା ଏକ ଆତଙ୍କର କଳା ବାଦଲକୁ ସୁରକ୍ଷିତ ରଖିବା ପାଇଁ ନିର୍ଲଜ ପରିକଳ୍ପନା ସମସ୍ତଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ। ଜନକଲ୍ୟାଣକାରୀ ଚିନ୍ତାଧାରା ମଣିଷକୁ ଉନ୍ନତ ଓ ମାର୍ଜିତ କରିଥାଏ। ଯେତେବେଳେ ସେହି ମଣିଷ ସ୍ୱାର୍ଥପର ଭାବେ କେବଳ ନିଜ କଥା ହିଁ ବିଚାରକୁ ନିଏ ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡେ। ଆଜିକାଲି ସେମିତି ଅସମ୍ଭାଳ ପରିସ୍ଥିତି ଦେଇ ମଣିଷକୁ ଗତି କରିବାକୁ ପଡୁଛି। କେତେକ ଚିନ୍ତାଶୀଳ ବ୍ୟକ୍ତି ଏହାକୁ ତନ୍ନତନ୍ନ କରି ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଜାଣିପାରୁଥିଲେ ସୁଦ୍ଧା ଏହାର ପ୍ରୟୋଗାତ୍ମକ ଦିଗ ପ୍ରତି ସେତେଟା ସଚେତନ ନଥିବାରୁ ପରିସ୍ଥିତିରେ ଉନ୍ନତି ଘଟିପାରୁନାହିଁ। ଅନ୍ୟର ତ୍ରୁଟି ଖୋଜିବା ଏକ ଅଦ୍‌ଭୁତ ମାନସିକତାକୁ ଜନ୍ମ ଦେଇଚାଲିଛି। ଯେଉଁ ମାନସିକତାରୁ ବର୍ତ୍ତିବା ଏତେଟା ସହଜ ନୁହେଁ। ପାଠଶାଳା ହେଉ କି ପାନ୍ଥଶାଳା ହେଉ ସବୁଠାରେ କେମିତି ଏକ ଅବିଶ୍ୱାସ୍ୟଭାବ ପ୍ରକଟ ହେଉଛି, ହେଲେ ଗଣିତ ଦୃଷ୍ଟିକୋଣରୁ ସମସ୍ତେ ନିଜକୁ ସଫଳ ଭାବୁଛନ୍ତି। ବାସ୍ତବରେ ଉଦାମତାକୁ ଭୁଲି ମାନବିକତାର ଦୃଷ୍ଟିଭଙ୍ଗୀରେ ଏସବୁ ବିଚାରକୁ ନେଲେ ଆଜିର ମଣିଷ ଯେଉଁ ଢଙ୍ଗରେ ବଞ୍ଚିବାକୁ ଚାହୁଁଛି ବା ବଢ଼ିବାକୁ ଚାହୁଁଛି ତାହା କେତେଦୂର ଗ୍ରହଣୀୟ ସମସ୍ତଙ୍କୁ ବିଚାର କରିବାକୁ ପଡିବ।

ମନ୍ତ୍ରୀକଥା

ତାରକ ମହାନ୍ତି



# କାନ୍ଦାହାର ଭାୟା କାଠମାଣ୍ଡୁ



ସୌମେନ୍ଦ୍ର ଜେନା

ଏପ୍ରିଲ ମାସ ୬-୮ ତିନିଦିନ ପାଇଁ ଭାରତ ଗସ୍ତରେ ନେପାଳ ପ୍ରଧାନମନ୍ତ୍ରୀ ଖଡ୍‌ଗ ପ୍ରସାଦ ଶର୍ମା ଓଲି ଆସିଥିଲେ । ନୂଆଦିଲ୍ଲୀଠାରେ ସେ ତାଙ୍କ ରହଣିକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ସାକ୍ଷାତ କରିବା ସହ କେବଳ ଆଗାମୀ ଦିନରେ ସହଯୋଗ ଆଲୋଚନା କରିଥିଲେ । ରେଳପଥ, ସଡକପଥ ଓ ନଦୀପଥ ଯୋଗାଯୋଗକୁ ସୁଦୃଢ କରିବା ସହ ନଦୀପଥରେ ଭାରତ ମହାସାଗର ସହ ଯୋଡି ହୋଇ ବାଣିଜ୍ୟ କରିବାକୁ ନେପାଳ ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିଲେ । ଏକ ସୀମାନ୍ତ ଚେକପୋଷ୍ଟକୁ ଦୁଇଦେଶର ନେତା ମିଳିତ ଭାବେ ନୂଆଦିଲ୍ଲୀଠାରୁ ଉଦ୍‌ଘାଟନ କରିଥିଲେ।

ଏଠାରେ କହିରଖିବା ଠିକ୍ ହେବ ଯେ ନେପାଳରେ ଗତ ଡିସେମ୍ବର ନିର୍ବାଚନ ପରେ ଓଲିଙ୍କ ଦଳ ସର୍ବାଧିକ ଆସନ ଲାଭ କରିବା ପରେ ସେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଓଲିଙ୍କ ପାଇଁ ହୋ ପ୍ରଥମ ଭାରତଗସ୍ତ । ଏହା ପୂର୍ବରୁ ସେ ପାକିସ୍ଥାନର ପ୍ରଧାନମନ୍ତ୍ରୀ ସାହିଦ ଆବାସୀଙ୍କୁ କାଠମାଣ୍ଡୁରେ ସାକ୍ଷାତ କରିଥିଲେ। କୋଡିଏ ବର୍ଷପରେ ଏହା ଥିଲା କୌଣସି ପାକ୍ ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଥମ ନେପାଳ ଗସ୍ତ । ଆବାସୀଙ୍କସହ ଆଇଏସ୍‌ଆଇର ଅଧିକାରୀମାନେ ମଧ୍ୟ ରହିଥିଲେ । ୨୦୧୭ରେ ନେପାଳରେ ନିଖୋଜ ହୋଇ ଯାଇଥିବା ଜଣେ ଆଇଏସ୍‌ଆଇର ଅଧିକାରୀ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଜାହିର ହୁସେନଙ୍କ ସଂପର୍କରେ ସେ ଓଲିଙ୍କ ସହ ଆଲୋଚନା କରିଥିଲେ । ଏଥିରୁ ନେପାଳରେ ଆଇଏସଆଇର ସକ୍ରୀୟତା ସଂପର୍କରେ ଜାଣିହେବ ୧୯୯୯ରେ ଆଇଏସଆଇ ଯୋଜନାରେ କାଠମାଣ୍ଡୁରୁ ଦିଲ୍ଲୀକୁ ଆସୁଥିବା ଭାରତର ବିମାନ ଆଇସି ୮୧୪କୁ ଆଫଗାନିସ୍ଥାନର କାନ୍ଦାହାରକୁ ନିଆଯାଇ ସେଠାକାର ତାଲିବାନ ସରକାରଙ୍କ ସହଯୋଗ କ୍ରମେ ଭାରତରେ ବନ୍ଦୀ ଥିବା ସନ୍ତ୍ରାସବାଦୀକୁ ଖଲାସ କରିବାପାଇଁ ଚାପ ପକାଯାଇଥିଲା ଫଳରେ ଭାରତ ସରକାର ଯାତ୍ରୀମାନଙ୍କ ଜୀବନରକ୍ଷା ପାଇଁ ବୁଝାମଣା କରିବାକୁ ବାଧ୍ୟ ହୋଇଥିଲେ । ଏବେ ସାମ୍ୟବାଦୀମାନଙ୍କ ସରକାର ଗଠନ ପରେ ନେପାଳରେ ସନ୍ତ୍ରାସୀ ବିଚାର ବ୍ୟାପକ ବଢିବାରେ ଲାଗିଛି । ମାଓବାଦୀମାନେ ଭାରତବିରୋଧୀ ପ୍ରଚାରରେ ଆଗୁଆ ଭୂମିକା ନେଇଛନ୍ତି । ଯେଉଁ ସମୟରେ ଆବାସୀ କାଠମାଣ୍ଡୁରେ ଥିଲେ ଠିକ୍ ସେହି ସମୟରେ ପାକ୍ ସେନା ମୁଖ୍ୟ କମର ଜାଭେଦ ବାଜୱା ମାଳଦ୍ୱୀପ ଗସ୍ତରେ ଥିଲେ । ୨୦୧୬ରୁ ପଠାନକୋଟ ଏବଂ ଉରି ଆକ୍ରମଣ ପରେ ସାର୍କ ବୈଠକକୁ ଭାରତ ବର୍ଜନ କରିବା ଯୋଗୁ ଆଜିଯାଏ ଏହି ବୈଠକ ହୋଇପାରିନାହିଁ । ତେଣୁ ଶ୍ରୀଲଙ୍କାର ରାଷ୍ଟ୍ରପତି ସିରିସେନାଙ୍କ ଇସଲାମାବାଦ ଗସ୍ତକାଳରେ ଭାରତ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଆବାସୀ କହିଥିଲେ । ଯେଉଁ ଦୁଇଟି ପଡୋଶୀ ଦେଶ ସହ ଏବେ ଚୀନ ଅଧିକ ସଂପର୍କ ଯୋଡିଛି ସେହି ଦୁଇ ଦେଶ ମାଧ୍ୟମରେ ପାକ୍ ପ୍ରଧାନମନ୍ତ୍ରୀ ଚାପ ରାଜନୀତି ଆରମ୍ଭ କରିଛନ୍ତି । ବୈଠକରେ ଏହା ନେଇ କେତେ ଦୂର ଆଲୋଚନା ହେଲା ସେ ନେଇ ସଫଳତା ବିଷୟ ଜଣାଯାଇ ନଥିଲେ ମଧ୍ୟ ଭାରତ - ନେପାଳ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦୁଇପକ୍ଷ ଆଗାମୀ ଦିନରେ ସହଯୋଗ ବୃଦ୍ଧି ପାଇଁ ରାଜି ହୋଇଛନ୍ତି । କିନ୍ତୁ ଏହା ସତ ଯେ ଓଲି ହେଉଛନ୍ତି ନେପାଳର ସବୁଠୁ ବଡ ଭାରତ ବିରୋଧୀ ଏବଂ ଚୀନାସମର୍ଥକ ରାଜନେତା । ଏହାପୂର୍ବରୁ ସେ ହଙ୍କର ସାଉଥ ଚାଇନା ମର୍ଣ୍ଣିଂ ଖବରକାଗଜକୁ ଭାରତ ବିରୋଧୀ ସାକ୍ଷାତକାର ନିକଟରେ ଦେଇଛନ୍ତି । ମଧେଶୀ ଆନ୍ଦୋଳନକୁ ଭାରତର ନେପାଳ ବିରୋଧୀ ଷଡଯନ୍ତ୍ର ଭାବେ ସମାଲୋଚନା କରି ସେ ଗତ ନଭେମ୍ବର - ଡିସେମ୍ବରରେ ଅନୁଷ୍ଠିତ ନିର୍ବାଚନରେ ବିଜୟୀ ହୋଇ ଆସିଛନ୍ତି । ଏପରିକି ଓଲି ନିର୍ବାଚନ ସମୟରେ ପ୍ରଖର ଭାରତ ବିରୋଧୀ ମନ୍ତବ୍ୟ ଦେଉଥିଲେ । ସେ ସମୟରେ ଗୁଜରାଟରେ ନିର୍ବାଚନ ହେଉଥିବା ହେତୁ ଭାରତ ସରକାର ଅଧିକ ସମୟ ନେପାଳ ପାଇଁ ଦେବା ସମ୍ଭବ ହୋଇନଥିଲା । ଯାହାଫଳରେ ସେଠାକାର ପ୍ରଭାବଶାଳୀ ଭାରତ ସମର୍ଥକ ଦଳ ନେପାଳୀ କଂଗ୍ରେସ ନିର୍ବାଚନରେ ଗୁରୁତର କ୍ଷତି ସହିଥିଲା । ସେମିତି ମଧେସୀ ଅଞ୍ଚଳରେ ସକ୍ରୀୟ ଥିବା ପ୍ରଚଣ୍ଡଙ୍କ ମଧେସୀ ଗୋଷ୍ଠୀଙ୍କ ଭାରତ ବିରୋଧୀ ପ୍ରଚାର ଯୋଗୁ ମୂଳ ମଧେସୀ ଦଳଗୁଡିକ ଅଧିକ ସଫଳତା ପାଇ ନଥିଲେ । ତେବେ ୨୦୦୮ରେ ପ୍ରଚଣ୍ଡ ନେପାଳର ପ୍ରଧାନମନ୍ତ୍ରୀ ହେବା ଆଗରୁ ଏକ ନେପାଳୀ ଟିଭିକୁ ସାକ୍ଷାତକାର ବେଳେ କହିଥିଲେ ଯେ ଭାରତକୁ ନିୟନ୍ତ୍ରଣରେ ରଖିବାପାଇଁ ନେପାଳପାଇଁ ଚୀନ ଆବଶ୍ୟକ । ଏଥିରୁ ପ୍ରଚଣ୍ଡଙ୍କ ମାନସିକତାକୁ ବୁଝିହେବ। ଏହା ସତ ଯେ ଦୀର୍ଘ ଦଶନ୍ଧି ଧରି ନେପାଳର ଶାସନଗତ ଅସ୍ଥିରତା ସୃଷ୍ଟି ପାଇଁ ଚୀନ ଉଭୟ ଅସ୍ତ୍ର ଓ ଅସ୍ତ୍ର ପ୍ରଦାନ କରିଆସିଛି । ଏହା ଛଡା ଓଲିଙ୍କ ପୂର୍ବଥରର ସରକାର ପତନ ହେବା ପଛରେ ସେ ଭାରତର ହାତଥିବା କଥା ବାରମ୍ବାର ଅଭିଯୋଗ କରି ଆସିଛନ୍ତି ।

ନେପାଳରେ ଏକ କମ୍ୟୁନିଷ୍ଟ ସରକାର ଗଠନ ପରେ ସେଠାକାର ପ୍ରଚାରତନ୍ତ୍ର ଓ ଗଣମାଧ୍ୟମ ଏବେ ପ୍ରଚଣ୍ଡ ଭାବେ ଭାରତ ବିରୋଧୀ ହୋଇଛି । ସାଧାରଣ ଲୋକେ ଭାରତ ସହ ସଂପର୍କ ଯୋଡି ରହିବାକୁ ଚାହୁଁଥିଲାବେଳେ ସରକାର ସେମାନଙ୍କୁ ଚୀନାମୁଖୀ କରାଇବାକୁ ଚାହୁଁଛି । ଠିକ୍ ସେମିତି ପାକିସ୍ଥାନର ଆଜିକାର ବାତାବରଣ ରହିଛି । ଏପରିକି ପାକ୍ ମଧ୍ୟରେ ଭାରତ ବିରୋଧୀ ବାତାବରଣ ସୃଷ୍ଟି କରିବାରେ ଚୀନ ଯେପରି ସକ୍ଷମ ହୋଇପାରିଛି ସେମିତି ନେପାଳରେ ଏବେ କାର୍ଯ୍ୟ ଚାଲୁ ରହିଛି । ଭିନ୍ନ ଭିନ୍ନ ସଂଗଠନଗୁଡିକୁ ଏଥିପାଇଁ ଅର୍ଥପ୍ରଦାନ କରାଯାଉଛି । ସେହି ସବୁ ଗୋଷ୍ଠିମାଧ୍ୟମରେ ଭାରତ-ବିରୋଧୀ ପ୍ରଚାରକୁ ଅଧିକ ବ୍ୟାପକ କରାଯାଉଛି ।

ଏକଥା ମଧ୍ୟ ସତ ଯେ ପାକିସ୍ଥାନରେ ସମସ୍ୟାସୃଷ୍ଟି ହେଲେ ଯେମିତି ସେଥିପାଇଁ ଭାରତ ଦାୟୀ ବୋଲି କୁହାଯାଇଥାଏ ଠିକ୍ ସେମିତି ନେପାଳର ସମସ୍ତ ସମସ୍ୟା ପଛରେ ଭାରତର ହାତଥିବା ସନ୍ଦେହ ସ୍ଥାନୀୟ ନେତାମାନେ ପ୍ରଚାର କରିଆସିଛନ୍ତି । ଅତୀତରେ ରାଜଶାସନ କାଳରେ ମଧ୍ୟ ଏହି ଧାରା କାଏମ୍ ରହିଥିଲା । ଏବେ ତାହା ଅତି ବ୍ୟାପକ ହୋଇଛି । କିନ୍ତୁ ନେପାଳ ମଧ୍ୟରେ ନେତାମାନେ ଏକ ଧାରଣା ସୃଷ୍ଟି କରିବାରେ ଚାହୁଁଛନ୍ତି ଯେ ନେପାଳ ଏକ ସ୍ୱାଧୀନ ରାଷ୍ଟ୍ର ହୋଇଥିବାରୁ ଭାରତ ଆମେରିକା, ଫ୍ରାନସ, ରୁଷିଆ ଆଦି ଦେଶକୁ ଯେପରି ସମ୍ମାନ ଜଣାଉଛି ସେମିତି ଅଥବା ସେହି ସ୍ତରରେ ନେପାଳକୁ ରଖାଯାଉ ।

ଭାରତ ସହ ସଂପର୍କରେଥିବା ଦେଶଗୁଡିକୁ ନିଜ ସପକ୍ଷରେ ନେବା ସହ ନେପାଳ ଓ ଭୁଟାନକୁ ଚୀନ ନିଜସପକ୍ଷରେ ନେବାଲାଗି ପ୍ରୟାସ ଜାରି ରଖିଛି । ଆଗାମୀ ଦିନରେ ନେପାଳ ମାଧ୍ୟମରେ କେତେକ ଅଞ୍ଚଳରେ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । ଅରୁଣାଚଳ ଦ୍ୱାହି ଦେଇ ସୀମାନ୍ତରେ ସମସ୍ୟା ସୃଷ୍ଟି ସହ ଭୁଟାନ ଉପରେ ଆକ୍ରମଣ ମଧ୍ୟ କରିପାରେ । ଏହି ଲକ୍ଷ୍ୟରେ ଚୀନ ପ୍ରଥମଥର ପାଇଁ ସାଗରମଥା ଅଭିଯାନ ମାଧ୍ୟମରେ ଚୀନ ନେପାଳ ମିଳିତ ସମରାଭ୍ୟାସ କରାଇଥିଲା । ଭାରତର ୨୨୦୦ କିଲୋମିଟର ବ୍ୟାପି ନେପାଳ-ଭାରତ ସୀମାରେ ଚୀନ ଏବଂ ପାକ୍‌ର ଗୋଇନ୍ଦା ସଂସ୍ଥା ଅଶେଷ କ୍ଷତି କରିବାକୁ ସହଜ ହେବ । ବନ୍ଧୁତାରୁ ଶତ୍ରୁତାର ସ୍ତରକୁ ଯାଉଥିବା ଦୁଇଦେଶର ସୀମାନ୍ତ ଆଗାମୀ ଦିନରେ ଅସ୍ଥିରତାର କାରଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନେପାଳ-ଭାରତ ସୀମାନ୍ତରେ ପାକ୍ ଗୁପ୍ତଚର ସଂସ୍ଥା ଆଇଏସଆଇର ସକ୍ରିୟତା ଏହାର ପ୍ରମାଣ । ଏହି ଅଞ୍ଚଳରେ କାର୍ଯ୍ୟରତ ପାକ୍ ଜେନେରାଲ ଜାହିର ହୁସେନଙ୍କ ଅପହରଣ ପଛରେ ଭାରତର ଗୁପ୍ତଚର ସଂସ୍ଥାର ହାତ ରହିଥିବା ପାକ୍ ଅଭିଯୋଗ କରୁଛି । କିନ୍ତୁ ଏନେଇ ନେପାଳ ସରକାର ସିଧାସଳଖ ଭାରତ ସରକାରଙ୍କ ସହ ଆଲୋଚନା କରିବାକୁ ସାହସ କରୁନାହାନ୍ତି । ଏହା ହେଲେ ସେଠାକାର ସରକାର ପାକ୍ ଗୁଇନ୍ଦାଙ୍କୁ ଭାରତ ବିରୋଧୀ କାର୍ଯ୍ୟପାଇଁ ସୁଯୋଗ ଦେଉଥିବା ପ୍ରମାଣିତ ହେବ ।

ଚଳିତବର୍ଷ ଭାରତ ସରକାର ନେପାଳକୁ ସହାୟତା ଅର୍ଥ ବାର୍ଷିକ ୩୭୫କୋଟିରୁ ବୃଦ୍ଧି କରି ୬୫୦ କୋଟି କରିଛନ୍ତି ସତ କିନ୍ତୁ ନେପାଳରେ ଭାରତ -ଆରମ୍ଭ କରିଥିବା ପ୍ରକଳ୍ପଗୁଡିକୁ ଏବେ ଚୀନ ହାତେଇବାରେ ଲାଗିଛି । ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ପକାଇଥିବା ନେପାଳର ଆର୍ମଡ ପୋଲିସ ଫୋର୍ସ ଏକାଡେମୀକୁ ଚୀନ ୩୫୦ ମିଲିଅନରେ ନିର୍ମାଣ କରୁଛି । ୮୦୦ମେଗାୱାଟର ବୁଦ୍ଧକୋଶୀ ଜଳବିଦ୍ୟୁତ ପ୍ରକଳ୍ପ ଚୀନ ହାତକୁ ଯିବାର ସମ୍ଭାବନା ରହିଛି । ପୋଖରା ହ୍ରଦ ନିକଟରେ ଚୀନ ପକ୍ଷରୁ ପର୍ଯ୍ୟଟନ ପାଇଁ ନିର୍ମାଣ ଜାରିଥିଲାବେଳେ ଭାରତ ସୀମାନ୍ତର ତରାଇ ଅଞ୍ଚଳରେ ୪୦ଟି କନ୍‌ଫୁସିଅସ କେନ୍ଦ୍ର ଖୋଲାଯାଇଛି । ଯେଉଁଠି ଚୀନା ଗୁପ୍ତଚର ବାହିନୀ ଧର୍ମଗୁରୁ ନାମରେ ସେଠାରେ ଅବସ୍ଥାନ କରି ଭାରତ ଉପରେ ଦୃଷ୍ଟି ରଖିବା ସହ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଏକ୍‌ଜିମ ବ୍ୟାଙ୍କ ଋଣରେ ନୂଆପୋଖରା ଭୈରୱା (ଲୁମ୍ବିନୀ) ଏବଂ ତ୍ରିଭୁବନ ଆନ୍ତର୍ଜାତିକ ବିମାନବନ୍ଦରକୁ ଚୀନ ଏବେ ନିର୍ମାଣ କରୁଛି । ନେପାଳର ସଡକ ଏବଂ ବିଦ୍ୟୁତ ପ୍ରକଳ୍ପ ପାଇଁ ୫.୩ ବିଲିଅନ ଡଲାର ଖର୍ଚ୍ଚ କରିବାକୁ ଚୀନ ପ୍ରତିଶ୍ରୁତି ଦେଇଛି ।

ପୂର୍ବରୁ ୨୦୧୫-୧୬ରେ ସରକାରରେ ଥିଲାବେଳେ ଓଲି ଚୀନ ସହ ଟ୍ରାନଜିଟ ଟ୍ରାନସପୋର୍ଟ ଏଗ୍ରିମେଣ୍ଟ କରାଇଥିଲେ। ତିବ୍ବତ ସହ ନେପାଳକୁ ଯୋଡି ଭାରତ ସହ ଥିବା ନିର୍ଭରଶୀଳତାକୁ ହ୍ରାସ କରାଇବା ତାହାର ମୁଖ୍ୟଲକ୍ଷ୍ୟ ରହିଥିଲା । ଆଗାମୀ ପାଞ୍ଚବର୍ଷ ପାଇଁ ନେପାଳର ବର୍ତ୍ତମାନ ସରକାର ସେହି ଆଭିମୁଖ୍ୟ ନେଇ କାର୍ଯ୍ୟ କରିବେ ।

ଏକଥା ସତ ଯେ ବିଗତ ୭୦ବର୍ଷରେ ଭାରତ ସରକାର ନେପାଳପାଇଁ ଯେଉଁ ସବୁ ପ୍ରକଳ୍ପ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ସମୟାନୁସାରେ ଶେଷ ନକରିବା ଯୋଗୁ ଦୀର୍ଘଦିନଧରି ଲୋକଙ୍କ ମନରେ ଅସନ୍ତୋଷ ରହିଆସିଥିଲା । ଭାରତରେ ୬୦ରୁ ଅଧିକବର୍ଷ କେବଳ କଂଗ୍ରେସ ସରକାର କେନ୍ଦ୍ରରେ ଥିଲେ ମଧ୍ୟ ନେପାଳ ସହ ରେଳପଥ, ସଡକପଥ ଓ ନଦୀପଥ ଯୋଜନାକୁ ନେଇ ସଫଳ ହୋଇନଥିଲେ । ଫଳରେ ଏଥିରୁ ଚୀନ ସରକାର ଲାଭ ଉଠାଇବାକୁ ସଫଳ ମଧ୍ୟ ହେଲେ । ଏହାଛଡା ମଧେସୀ ଆନ୍ଦୋଳନ କାଳରେ ବୈଦେଶିକ ବ୍ୟାପାର ବିଭାଗର ନେପାଳସ୍ଥିତ ରାଷ୍ଟ୍ରଦୂତଙ୍କ ଭୁଲମତ ଯୋଗୁ ଭାରତ ସରକାର ନୀରବ ରହିବା ଯୋଗୁ ନେପାଳରେ ଯେଉଁ ପରିସ୍ଥିତି ସୃଷ୍ଟି ହେଲା ସେଥିରେ ଚୀନ ସରକାର ପ୍ରବେଶ କରିବାକୁ ସୁବିଧାଲାଭ କଲେ । ନେପାଳ ପ୍ରଧାନମନ୍ତ୍ରୀ ଓଲି ଏବେ ବନ୍ଧୁତାର ଗୁଗ୍‌ଲି ପିଙ୍ଗୁଥିଲେ ମଧ୍ୟ ପାକ୍ ପରି ନେପାଳ ଆଉ ଏକ ଭାରତ ବିରୋଧୀ ସନ୍ତ୍ରାସୀ ରାଷ୍ଟ୍ର ହେବାର ଯଥେଷ୍ଟ ସମ୍ଭାବନା ରହିଛି । ନିକଟରେ ବିହାରର ବେତିଆ ଜିଲ୍ଲାରେ ଗିରଫ ହୋଇଥିବା ଆଇଏସଆଇର ଜଣେ ଗୁପ୍ତଚର ସ୍ୱୀକାର କରିଛି ଯେ ବିହାର ଏବଂ ଉତ୍ତର ପ୍ରଦେଶରେ ଆଇଏସଆଇ ଅଧିକ ସକ୍ରୀୟ ହୋଇଛି । ସେମାନେ ଏହି ବାଟରେ ଜାଲିନୋଟ ଭାରତକୁ ଆଣୁଛନ୍ତି । ତେବେ ଭାରତ ପାଇଁ ଚିନ୍ତାର କାରଣ ହେଲା ନେପାଳର ଅନେକ ମାଓବାଦୀ ସନ୍ତ୍ରାସୀ ଏବେ ବେରୋଜଗାର ଅବସ୍ଥାରେ ରହିଛନ୍ତି । ଏମାନଙ୍କୁ ଯଦି ଆଇଏସଆଇ ଅର୍ଥ ଦେଇ ସଂଗଠିତ କରେ ତେବେ ସେମାନେ କାଶ୍ମୀର ସୀମାପରି ଭାରତର ସୀମାନ୍ତକୁ ଅଶାନ୍ତ କରିବାକୁ ସକ୍ଷମ ହେବେ ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଆଗାମୀ ଦିନରେ ଭାରତ-ନେପାଳ ସୀମାନ୍ତକୁ ପାକ-ଭାରତ ସୀମାନ୍ତ ପରି ସତର୍କ ଦୃଷ୍ଟି ମଧ୍ୟରେ ରଖିବାକୁ ଭାରତ ସରକାର ପଦକ୍ଷେପ ନେବା ନିହାତି ଜରୁରୀ ହେଲାଣି । ନଚେତ୍ ପୁଣିଥରେ କାନ୍ଦାହାର ଭାୟା କାଠମାଣ୍ଡୁପରି ସନ୍ତ୍ରାସୀ କାର୍ଯ୍ୟ କରିବାକୁ ଅଧିକ ସମୟ ଲାଗିବ ନାହିଁ ।

*ଭାସ୍, ଭୁବନେଶ୍ୱର-୩*
*ମୋ-୯୮୫୩୩୩୫୦୭୮*

# ଆସ ଶିଖିବା ଓଡ଼ିଆ



ଶିବାଶୀଷ ମହାପାତ୍ର

ଗତ ଦୁଇଦିନ ତଳେ ଗଲା ପଣା ସଂକ୍ରାନ୍ତି। ପଣା ସଂକ୍ରାନ୍ତିକୁ ଓଡ଼ିଆ ନୂଆ ବରଷ। ସକାଳୁ ସକାଳୁ କେତେ ଅଭିନନ୍ଦନ ବାର୍ତ୍ତା ମିଳିଲା। ସତେ ଯେମିତି ଆମେ ଓଡ଼ିଶା ଆଉ ଓଡ଼ିଆ ଭାଷାକୁ ବହୁତ ଭଲ ପାଆନ୍ତି।ସତରେ କଣ ଆମେ ଓଡ଼ିଆ ଭାଷାକୁ ବହୁତ ଭଲ ପାଆନ୍ତି ? ନାଁ। କେବେ ନୁହେଁ। ସବୁ ଖାଲି ଲୋକ ଦେଖାଣିଆ। ମିଛି ମିଛିକା ଭାଷଣ ଦିଅନ୍ତି। ସତ କହିବାକୁ ଗଲେ ଆମେ ଓଡ଼ିଆ ଭାଷାକୁ ବହୁତ ଘୃଣା କରନ୍ତି। ଓଡ଼ିଆ କହୁଥିବା ଲୋକଙ୍କୁ ଆମେ ଗାଉଁଲିଆ ଭାବନ୍ତି। ସେମାନଙ୍କୁ ଦେଖିଲେ ଆମେ ଖଣ୍ଡି ଇଂରାଜୀ ଚୋବାନ୍ତି। ଅବଶ୍ୟ ସେ ଭାଷାରେ ଆମର ସେମିତି ବିଶେଷ କିଛି ଦକ୍ଷତା ନାହିଁ। ତଥାପି ସାହେବଗିରି ଦେଖେଇ ହୁଅନ୍ତି। କାହାର କଣ ଦକ୍ଷତା ଥିବ ମୁଁ ଜାଣିନି। ହେଲେ ଭୀମ ବଳ କୁନ୍ତିଙ୍କୁ ଜଣା ଭଳିଆ ମୁଁ ସବୁ ଜାଣିକି ବି ଦେଖେଇ ହୁଏ। ବି.ଜେ.ବି. କଲେଜରେ ପଢୁଥିଲା ବେଳେ କଲେଜ କ୍ୟାଣ୍ଟିନ ପିଲାଟାକୁ ବି ବେଳେ ବେଳେ ବରା ଦବାକୁ ଇଂରାଜୀରେ କହିଦିଏ। ସାଇନ୍ସ ପଢୁଥିବା ଝିଅଙ୍କୁ ଦେଖିଲେ ତ ଜମା ଓଡ଼ିଆ କହେନା। ବୟାନବେ ମସିହାର କଥା। ପାଠ ପଢ଼ା ଶେଷ ହେଲା ପରେ ମୁଁ ବମ୍ବେର ନରିମ୍ୟାନ ପଏଣ୍ଟରେ ଚାକିରୀ କରୁଥାଏ। ଇଂରାଜୀ ଦି ପଦ ଜାଣିଛି ବୋଲି ମନରେ ବହୁତ ଗର୍ବ। ହେଲେ ମୋର ସେ ଗର୍ବଟା ଭାଙ୍ଗି ଚୁରମାର ହେଇଗଲା ଯେତେବେଳେ ସେ ଠେଲାବାଲାଟା କଣ ଖାଇବ ବୋଲି ଇଂରାଜୀରେ ପଚାରିଦେଲା। ମୁଁ ସିନା ଏ ଫର ଆପୁଲ ବି ଫର ବୟ ଶିଖିଥିଲି ହେଲେ ମୋତେ କଣ ଚଣା କି ବୁଟ ତରକାରୀ ପରଟାର ଇଂରାଜୀ ଜଣା ଥିଲା ! ସଜନା ଛୁଇଁ ଆଚାର ବୋତଲଟାକୁ ଅନେଇ ଅନେଇ ଖାଇଦିଏ ସିନା କେବେ କଣ ଟିକିଏ ମାଗିପାରିଲି ! କିଛି ଦିନ ସେଠି କାମ କଲା ପରେ ମୋତେ ଲାଗିଲା ମୁଁ ଇଂରାଜୀରେ ପୁରା ପୋକ ହେଇଗଲି। ପୁଣି ମୋ ଇଂରାଜୀ ମାଡ଼ ଖାଇଲା ଯେବେ ମୁଁ ବିଦେଶ ଚାକିରୀରେ ଯୋଗଦେଲି। ସେଠି କୋର୍ଟ ଟାଇରେ ଯେତିକି ଝାଳ ନ ବୁହେ ତା'ଠାରୁ ଢେର ଅଧିକା ଝାଳ ବୁହେ ଯେବେ ମୁଁ କଉଁ ବିଦେଶି ହାବୁଡରେ ପଡିଯାଏ। ସେବେଠୁ ଶପଥ ନେଲି ଆଉ ଯେ ପୂର୍ବ ପୁରୁଷଙ୍କ ଭାଷା ମାୟାରେ ନ ପଡି ବରଂ ତାଙ୍କ ପୂର୍ବ ଭାଷା ମାନେ ଆମ ଓଡ଼ିଆ ଭାଷାକୁ ଆପଣେଇବା ଠିକ ହବ। ପୁଣି ଓଡ଼ିଆ ଶିଖିଲି। ତେୟାଅଶୀ ମସିହା ପରଠୁ ଏକ ପ୍ରକାର ଓଡ଼ିଆ ଛାଡି ଦେଇଥିଲି। କମର୍ସ ପାଠରେ ତ ଆଖୁ ଚାଷ ଠୁ ଗହମ ଚାଷ ସବୁ ଇଂରାଜୀରେ। ଯାହା ହଉ ମୁଁ ଏବେ ଖୁସି ଯେ ମୋର ଆଉ ଝାଳ ବାହାରୁନି। ଦି ପଦ ଓଡ଼ିଆରେ ମନ ଖୋଲିକି କହିପାରୁଛି। ଲେଖିପାରୁଛି। ସତରେ କେତେ ବଢିଆ ଆମ ଓଡ଼ିଆ ଭାଷା। କେତେ ମଠା ଭାଷା ଆମର। ଏଠି ସି ଫର କେତେବେଳେ କ ତ ପୁଣି କେତେବେଳେ କେ ଫର କ ଝାମେଲା ନାହିଁ। ଭାରୀ ସରଳିଆ ଭାଷାଟେ ଆମର। ଆମେ କଣ ସତରେ ଯେ ଭାଷାଟାକୁ ଭଲ ପାଆନ୍ତି ! ସତରେ କଣ ଆମେ ଯେ ଭାଷାର ଉନ୍ନତି ଚାହାଁନ୍ତି ! ଅନୁଭୂତିରୁ ଗୋଟିଏ କଥା ଆଜି ଲେଖିବି। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସେମାନ ବହୁତ ବର୍ଷ ତଳର କଥା। ଦିନେ ଭୁବନେଶର ରବିନ୍ଦ୍ରମଣ୍ଡପରେ ଭଦ୍ରିକିଆଙ୍କ ସମ୍ମିଳନୀ ହଉଥିଲା। ବହୁତ ଭଦ୍ରିକିଆ ଆସିଥିଲେ। ମନ୍ତ୍ରୀ ତନ୍ତ୍ରୀ ଯନ୍ତ୍ରୀ ଅଫିସର କିରାଣୀ ବ୍ୟବସାୟୀ ସବୁ ଆସିଥାଆନ୍ତି। ଆମ ଜିଲ୍ଲାର ଜଣେ ବହୁତ ବଡ଼ ଆଇଏସ ଅଫିସର ତଥା କବିଙ୍କ ଭାଷଣରୁ ସଭା କାର୍ଯ୍ୟ ଆରମ୍ଭ ହେଲା। ସମସ୍ତେ ଭାଷଣ ଦେଲେ। ଭଦ୍ରକର ଦୁଇ ଜଣ ବରପୁତ୍ରଙ୍କୁ ସମ୍ମାନିତ କରାଗଲା। ସେମାନେ ଥିଲେ ସ୍ୱର୍ଗତ ନିତ୍ୟାନନ୍ଦ ମହାପାତ୍ର ଓ ସ୍ୱର୍ଗତ ଶତ୍ରୁଘ୍ନ ନାଥ। ସେମାନଙ୍କ ବିଷୟରେ ସମସ୍ତ ବକ୍ତା ଭାଷଣ ଦେଲେ। ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସେ ଦୁଇ ଜଣଙ୍କ କେତେ ଅବଦାନ ସବୁ ଗୋଟି ଗୋଟି କରି ବୁଝେଇଲେ। ମୋତେ ଲାଗିଲା ଆମ ଭାଷା ତା'ର ପୁରୁଣା ଗୌରବ ଫେରିଆସିଲା। ସଭାରେ ଅତିଥି ହେଇ ଆସିଥିବା ଟୋକା ମନ୍ତ୍ରୀ ଜଣଙ୍କ ସେ ଦୁଇ ଜଣ ବରପୁତ୍ରଙ୍କ ବେକରେ ଲମ୍ବା ଲମ୍ବା ଦୁଇଟା ଗେଣ୍ଡୁ ମାଳ ପିନ୍ଧେଇ ସାଲ ଦି ଟା ଘୋଡ଼େଇ ଦେଲେ। ପାଦ ଛୁଇଁ ପ୍ରଣାମ ବି କଲେ। ସଭା ଶେଷ ହେଲା। ମନ୍ତ୍ରୀଙ୍କର ତ ସବୁବେଳେ ବହୁତ ପୋଗ୍ରାମ ଥାଏ। ସେ ଦିନ ରାତି ଆଠଟାରେ ଡିଏଭି ସ୍କୁଲର ଆନୁଆଲ ଡେ। ସେଠିକି ମନ୍ତ୍ରୀ ଯିବେ। ସେଠି ପୁଣି ଭାଷଣ ଦେବେ ଇଂରାଜୀ ଭାଷା ନ ଶିଖିଲେ ଆମ ଜାତି କେମିତି ପଛରେ ପଡ଼ିଛି। ସେ ତରତର ହେଇ ଗେଟ ପାଖକୁ ଚାଲିଲେ। ତାଙ୍କ ପଛରେ ସବୁ ଭଦ୍ରିକିଆ ଦଉଡିଲେ। ଗେଟ ପାଖରେ ସମସ୍ତଙ୍କ ଭିଡ଼। ଆୟୋଜକ ବାବୁମାନେ ବି ସେଇଠି। ମନ୍ତ୍ରୀ ମହାଶୟ ବି ଆୟୋଜକ ବାବୁମାନଙ୍କର ବହୁତ ପ୍ରଶଂସା କରୁଥାଆନ୍ତି। ସୁବିଧା ଦେଖି କେତେବେଳେ ଘର ଆଡ଼େ ଆସିବାକୁ କହିଲେ। ମୁଁ ପଛକୁ ବୁଲି ଦେଖିଲା ବେଳକୁ ସେ ବରପୁତ୍ର ଦୁଇ ଜଣ ପେଣ୍ଡାଲ ଉପରେ ଠିଆ ହେଇ ସାମ୍ନାକୁ ବିକଳରେ ଅନେଇଛନ୍ତି। ମୁହଁକୁ ହାଲୋଜେନ ଲାଇଟ ପଡିଥିବାରୁ ଆଉ ତଳକୁ ଓହ୍ଲାଇ ପାରୁନାହାଁନ୍ତି। ମୁଁ ଧାଇଁଲି ପେଣ୍ଡାଲ ଉପରକୁ। ସେ ଦୁଇ ଜଣଙ୍କୁ ଦି ହାତରେ ଧରି ତଳକୁ ଆଣିଲି। ବାହାରକୁ ଆସି ଦେଖେ ତ ଆଉ କିଛି ଶୁଣିବା ଅବସ୍ଥାରେ କେହି ନାହାଁନ୍ତି। ସମସ୍ତେ ନିଜ ନିଜ ଭିତରେ ଗପରେ ମାତିଛନ୍ତି। ସେ ଦୁଇ ଜଣଙ୍କୁ ଗାଡ଼ିରେ ବସେଇ ସେମାନଙ୍କ ଘରେ ଛାଡ଼ିଲି। ବାଟରେଉଥଙ୍ଗାରେ କହିଲି, ଯାହାହଉ ଆପଣମାନେ ଆଜି ଢେର ସମ୍ମାନ ପାଇଲେ। ମୋ କଥାରେ ଦୁହେଁ ହସିଦେଲେ। ମୁଁ ବି ହସିଲି।

*ଫୋନ୍ : ୯୦୯୦୦୧୦୧୩୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

(ଭାଗ-୧)

**(ପୂର୍ବ ପ୍ରକାଶ ଉତ୍ତାରୁ...)**

ଅପମାନିତ ହୋଇଛନ୍ତି ରାଜା ଗୋବିନ୍ଦ ! ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ଦାଣ୍ଡରେ ବସି ଭିକ୍ଷା ମାଗୁଥିବା ନିଷ୍ପେସିତ କୁଷ୍ଠାକ୍ରାନ୍ତ ଭିକାରୀମାନେ କେତେ ଭାଗ୍ୟବାନ, ଏହି ଉକ୍ତିର ସତ୍ୟତା ବୁଝିବାକୁ ହେଲେ ମହାକାଳଙ୍କ ଜନ୍ମ ଜନ୍ମାନ୍ତର ଚକ୍ର ଉପରେ ଲକ୍ଷ୍ୟ ରଖି ସାଧନା କରିବାକୁ ପଡ଼ିଥାଏ, ଯାହା ଶାନ୍ତ, ସରଳ, ନିଷ୍କପଟ ଯୁବରାଜଙ୍କ ଜୀବନରେ ଘଟିଛି।

ଦ୍ୱାପର ଯୁଗରେ ଯେପରି ଅର୍ଜୁନ ଇଚ୍ଛା ଅନିଚ୍ଛା ପ୍ରକାଶ କରି ଶେଷରେ ଭଗବାନଙ୍କର ପରମଭକ୍ତ ହୋଇ ଉଠିଥିଲେ, ସେହିପରି ଆଗ୍ରହ ଅନାଗ୍ରହକୁ ନେଇ ପରମ କାରୁଣିକ ଯୋଗେଶ୍ୱରଙ୍କ ପରମ ଭକ୍ତ ହୋଇ ସିଦ୍ଧଯୋଗୀରେ ରୂପାନ୍ତରିତ ହୋଇ ପାରିଛନ୍ତି ଗୋବିନ୍ଦ ! ଗୁରୁମାୟାରେ ଜାଗତିକମାୟାର ବିଲୁପ୍ତି ଘଟିଛି। ମାୟା ସଂସାରକୁ ସ୍ୱଚକ୍ଷୁରେ ଦର୍ଶନ କରି ତ୍ୟାଗ ପୂର୍ବକ ନିର୍ମାୟା ପୁରୁଷ ହୋଇ ଉଠିଛନ୍ତି। ଯଥାର୍ଥ ଗୁରୁ ଶିଷ୍ୟ ପ୍ରାଣରେ ଆଧାର ହୋଇ ବାହି ନିଅନ୍ତି ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ! ଗୋବିନ୍ଦ ଗୁରୁକୃପା ଲାଭ କରି ପରମ ସତ୍ୟଙ୍କୁ ସାକ୍ଷାତ କରିଛନ୍ତି ! ସ୍ୱଦେହରେ ଜଳ, ସ୍ଥଳ, ଆକାଶରେ ବିଚରଣ କରି ପାରିଥିଲେ ! କୋଡ଼ିଏ ବର୍ଷ ବୟସରୁ ଯୋଗୀ ରୂପ ଧାରଣ କରି ମାତ୍ର ଚବିଶ ବର୍ଷ ସାଧନ ପଥରେ ଚଉରାଳିଶ ବୟସରେ ଜଣେ ସିଦ୍ଧଯୋଗୀରେ ପରିଣତ ହୋଇ ପାରିଥିଲେ। ଚବିଶ ଜନ୍ମ ଧରି ଯାହା ସମ୍ଭବ ହୋଇ ପାରି ନ ଥାନ୍ତା, ଗୁରୁକୃପା ବଳରେ ତାହା ମାତ୍ର ଚବିଶ ବର୍ଷରେ ପ୍ରାପ୍ତ ହୋଇ ପାରିଥିଲେ ଗୋବିନ୍ଦ। ଧର୍ମାତ୍ମା ଶିଷ୍ୟର ଗୁରୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଯେତିକି ଗଭୀର ହେବ, ଗୁରୁକୃପା ରୂପୀ ମହାସମୁଦ୍ରରୁ ସେତିକି ଶକ୍ତି ଗ୍ରହଣ କରିପାରିବ। ଶ୍ରୀମହାବିଷ୍ଣୁଙ୍କୁ କୋଟି ବ୍ରହ୍ମାଣ୍ଡ ଠାକୁରଭାବେ ଚିନ୍ତା କଲାବେଳେ ମନୁଷ୍ୟ ସୂକ୍ଷ୍ମ ହୋଇଯାଏ। ପୁଣି ତାଙ୍କୁ ଅନ୍ତର୍ଯ୍ୟାମୀ ଭାବରେ ଗ୍ରହଣ କରିବା ବେଳେ ସେ ସୂକ୍ଷ୍ମ ହୋଇ ଯାଉଛନ୍ତି ! ପ୍ରକୃତି କୋଳରେ ଶରୀର। ସେଇ ଶରୀର ମଧ୍ୟରେ ପରମାତ୍ମାଙ୍କ ବାସ ସ୍ଥାନ! **(କ୍ରମଶଃ...)**


ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୯୪୩୭୧୩୩୭୭୭

ଉପନ୍ୟାସ



ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୨୮

**ଆ**ରେ..ମୁଁ କଣ କଲି? ତୁ ମୋ ଉପରେ କାହିଁ ସବୁବେଳେ ଗରଗର ହେଉଛୁ? ସମସ୍ତଙ୍କ ରାଗ ମୋ ଉପରେ ହିଁ ସାରୁଛୁ।

ତୁ ଖୁସି ଖୁସି ମୋ ପାଇଁ ଖାଇବାକୁ ଆଣି ଆସୁଛୁ ମାନେ ତୁ ବି ଚାହୁଁଛୁ ମୁଁ ଏମିତି ବିଲରେ ଖଟୁଥାଏ। ଧାନ ରୁଆଁ,ହଳ ଲଙ୍ଗଳ ଧରି ଜୀବନକୁ ଚଷୁଥାଏ। ନା?

କାହିଁ ଏସବୁ କାମ ଖରାପ କି? ପ୍ରଶ୍ନ କଲା ପାରୋ।

ନା,ନା ଖରାପ ନୁହଁ। ଯାଆ..ଯାଆ ତୁ ତୋ ବାଟରେ। ତୋ ମୁଣ୍ଡରେ ବୁଦ୍ଧି କାହିଁ ଭାବିବାକୁ?

କଣ ହେଲା କହ ନା ଦେବା..ମୁଁ ସତରେ ବୁଝିପାରୁନି। ତୋ ଭଳି ମୋ ମୁଣ୍ଡରେ ଏତେ ବୁଦ୍ଧି କାହିଁ ଯେ! ନିରୀହ ଛଳଛଳ ଆଖିରେ ପଚାରିଲା ସେ।

ପାଠ ପଢି ଏଇଠି ଜୀବନ ମାଟିକରି କଣ ଲାଭ ପାଇବି? ମାଆ ତ ଏଇଆ ଚାହୁଁନଥିଲା ପାରୋ। ପରଘରେ ମୂଲ ଲାଗୁଛି ବୋଲି ସେ ତ ନିଶ୍ଚୟ ଦେଖୁଥିବ। ତେବେ ତା ଆତ୍ମା କାନ୍ଦୁଥିବ ସେଠି। ଏସବୁ କଥା ଭାବିଭାବି ମୋ ଆଖିକୁ ଆଉ ନିଦ ହେଉନି।

ତେବେ..ତୁ ତୋ ନିଜ ପେଟ ପାଳିବୁ କେମିତି?

ଆହୁରି ପାଠପଢି। ବଡ ଚାକିରୀ କରି।

ତା ପାଇଁ ତ ଫେର୍ ଟଙ୍କା ଦରକାର ହେବ ନା? ପ୍ରଶ୍ନ କଲା ପାରୋ।

ସେଇ ଚିନ୍ତାରେ ତ ମୁଁ ଘାରି ହେଉଛି।

କଣ କରିହେବ ଭାବୁନୁ। ଯଦି ବାଟ ମିଳିଯିବ ତେବେ ମୋତେ ଜଣାଇବୁ। ମୁଁ ନିଶ୍ଚେ ସାହାଯ୍ୟ କରିବି। ଆତ୍ମୀୟତାର ସହିତ କହିଲା ପାରୋ। ତା କଥାରେ ଏତେ ସଙ୍କୋଚତା ଥିଲା ଯେ ଦେବଦାସ ବି ଖୁସି ହୋଇଗଲା। ମନରେ ପୁଣି ଆକାଶକୁ ଛୁଇଁବାର ନିଶା ଚଢିଗଲା।

ଦେବଦାସକୁ ଖୁସି ହେବା ଦେଖି ପାରୋ ପୁଣି ସରାଗରେ କହିଲା-ଏବେ ତ ଖାଇଦେ। ଆରେ ଲେମ୍ବୁ ଆଚାର ବି ଆଣିଚି। ତା ସହିତ ରସଗୋଲା ବି। ସବୁ ତୋ ପସନ୍ଦର ଜିନିସ। ମନା କରନି। ଚକୁଳି ପିଠା ଗୋଲ ହୋଇନି ବୋଲି ଥଟ୍ଟା କରିବୁନି।

ଟିଫିନ୍ ଖୋଲି ପିଠାକୁ ଦେଖି ଫେଁ କିନା ହସିଦେଲା ଦେବଦାସ। କହିଲା-ପାରୋ ଏ କେଉଁ ଦେଶର ମାନଚିତ୍ର କହିଲୁ?

ମୁହଁକୁ ଫୁଲାଇ ପାରୋ କହିଲା-ଆମ ଦେଶର ହୋଇଥିବ। ମୁଁ ଆଉ କୋଉ ଦେଶ ଦେଖିଛି ଯେ! ଦୁହେଁ ଖୁବ୍ ହସନ୍ତି। ଖାଇବା ସାରି ପୁଣି ଦେବଦାସ ତା ଅଧା ରଖିଥିବା କାମକୁ ଫେରିଯାଏ। ଆଉ ପାରୋ ତା ଘରକୁ।

ଦେବଦାସକୁ କାମ ଭାରି କଷ୍ଟ ଲାଗେ। ଭାବେ ସେ ଆଉ ପାରିବନି। ଅସମଞ୍ଜସରେ ଘାଂଟି ଚକଟି ହୁଏ। ମାଆ କଥା ଖୁବ୍ ମନେପଡେ। ରାତିରେ ନିଦ ଲାଗେନି। ନିଦ ଲାଗିଲେ ମନେହୁଏ-ମାଆ ତା ସ୍ୱପ୍ନରେ ଆସି ଯେମିତି ଧକେଇ କାନ୍ଦୁଛି।

ମଥାକୁ ଆଉଁସି ଦେଇ କହୁଛି-ବାଇଆରେ ଏଇଥିପାଇଁ କଣ ତୋତେ ବଢେଇ କୁଢେଇ ମଣିଷ କରିଥିଲି? ତୁ ଧାନ କାଟିବୁ ବୋଲି। ତୋ ହାତରେ କଟାଦାଗ..ମୁଁ କଣ ଏଇଆ ସ୍ୱପ୍ନ ଦେଖିଥିଲି? ମୁଁ କଣ ଠାକୁରଙ୍କ ପାଖେ ଏଇଆ ମନାସିଥିଲି ତୋ ପାଇଁ! ତୁ ଏଠୁ ପଳା ଆଉ କୋଉଠିକୁ। ସେଠି ଖଟିବୁ ଆଉ ପାଠ ବି ପଢିବୁ। ଏଠି ତୋତେ କେହି ସହିପାରିବେନି। ତୋ ଦୁଃଖରେ ଆହା ପଦେ କହିବା ତ ଦୂରର କଥା ବରଂ ତୋ ଅଭାବକୁ ଦେଖେଇ ତୋତେ ଦୁର୍ବଳ କରିଦେବେ। ବାପାରେ..ତୁ ଖାଲି ଭଲ ରହ। ମୁଁ ତ ତୋ ପାଇଁ କିଛି କରିପାରିଲିନି। ଭାଗ୍ୟ ସାହା ହେଲାନି। ତୁ କିନ୍ତୁ ତୋ ନିଜ ହାତରେ ତୋ ଭାଗ୍ୟ ଗଢ।

ମାଆର ସେ କଥା କେଇପଦ କାନରେ ଖୁବ୍ ଜୋରରେ ନିନାଦିତ ହେଉଥିଲା। ପଳା..ପଳା..ପାଠ ପଢିବୁ..ପାଠ ପଢିବୁ। ସେ ନିଦରୁ ଉଠି ବସିପଡେ ଦୁଃସ୍ୱପ୍ନ ଦେଖିଦେବା ପରି। ତା ଦେହରୁ ଗମ୍ ଗମ୍ ହୋଇ ନିଗିଡି ପଡେ ଝାଳ। ରାତିଯାକ ଖାଲି ଭାବିହୁଏ। କଣ କରିବ ନକରିବ ଭାବିଭାବି ସେମିତି ଅନିଦ୍ରା ରହିଯାଏ।

ସେଇ କିଛି ବର୍ଷ କାଳ ମନ ଓ ଶରୀର ସହିତ ସଂଘର୍ଷ କରିକରି ଥକି ପଡିଥିଲା ନିଜ ଭିତରେ। ହଠାତ୍ ଦିନେ କାନ ପାଖରେ ପୁଣି ଗୁଞ୍ଜରିତ ହେଲା ମାଆ କଥା-ପାଠ ପଢ। ବାସ୍..ଏଥର ସେ ଚାଲିଲା ପାରୋ ବାପା ପାଖକୁ। +୨ ତ ସରିଥିଲା। ତା ଭିତରେ ବର୍ଷଟିଏ ଚାଲିଗଲା ମାଆ ଯିବା ଦୁଃଖରେ। ନିଜ ପେଟ ପାଟଣା ଚିନ୍ତାରେ। ମଆ ଘରେ ରଖିଥିବା ଗାଈ ପଘାରେ ହାତ ମାରୁମାରୁ ତାଠୁ ବହେ ନାତ ମାଇଲା। ନାକ ବି ଫାଟିଗଲା। ଗୋବରରେ ଗୋଳିହୋଇ ନିଜ ମହକ ସାରିଦେଲା! ଛେଳିମାନଙ୍କୁ ପଡିଆକୁ ନେଲା ବେଳେ ଛେଳି ଛୁଆ ହଜିଗଲା। କିଛି କାମ ତା ଦ୍ୱାରା ହେଲା ନାହିଁ। ଭାବିଲା ସେ କଣଟା ବା କରିପାରିବ!

ମୂଲ ଲାଗି ଖୁବ୍ କଷ୍ଟ ରେ ଚଳିଗଲା ସିନା ହେଲେ ପଢା ଖର୍ଚ୍ଚ କେଉଁଠୁ ଆଣିବ? ମାଆ ତ କେବେ କିଛି କାମ କରେଇ ଦେଇନି ଆଗରୁ। ଏବେ ଘର ବାଡି ବନ୍ଧା ବ୍ୟତୀତ ଆଉ ଚାରା ନଥିଲା କିଛି! ଆଉ ମନେପଡିଲା ପାର ଓରଫ ପାର୍ବତୀ କଥା। ସେ ବି ଏ ଦୁଃସ୍ଥିତିରେ ସାହାରା ହୋଇଛି। ଏବେ ସେ ବହୁ ଚିନ୍ତା କରି ବ୍ୟାଙ୍ଗାଲୋର୍ ଯିବାକୁ ସ୍ଥିର କଲା। ସେଠି ମାମୁ ଘର ଗାଁର ଲେଖାଯୋଖା ଆଶିଷ ଭାଇଙ୍କ ସହାୟତାରେ କାମ କରିବ ଓ ପାଠ ବି ପଢିବ। ସେ ବି ସହଯୋଗର ହାତ ବଢାଇଛନ୍ତି। ମାଆ ଯିବାପରେ ତା ପ୍ରକୃତ ଦୁଃଖକୁ ବୁଝିପାରିଛନ୍ତି। ସାହିଭାଇଙ୍କ କଟାଳ ଓ ଅସହିଷ୍ଣୁତାକୁ ବୁଝିପାରିଛନ୍ତି। ତେଣୁ ସେ ଫୋନ୍‌ରେ କହିଛନ୍ତି-ଶୀଘ୍ର ଚାଲି ଆ'ଭବିଷ୍ୟତ ଗଢିବାକୁ।

ପାରୋ ଅବଶ୍ୟ ବହୁତ ମାନସିକ ଶକ୍ତି ଦେଇଛି। ଆସିଲା ଦେିନ ଗ୍ରାମଦେବୀଙ୍କୁ ମାଜଣା କରି ଭୋଗ କରି ତାର ଶୁଭ ମନାସିଛି। ଦେବଦାସ ଜାଣେ ସେ ଏସବୁ କାହିଁ କରୁଛି-ତା ଟଙ୍କା ଫେରସ୍ତ ପାଇଁ। ସେ କିନ୍ତୁ ଅବିଚଳିତା। ଦେବଦାସ କଣ ଭାବୁଛି ତାର ଯେମିତି କୌଣସି ପରବାୟ ନାହିଁ।

ତା ହାତକୁ ନଡିଆରୁ ଖଣ୍ଡେ ବଢାଇଦେଇ କହୁଛି-ହେଇଟି,ମନଦେଇ ପଢିବୁ ଯେମିତି। ତୋ ଉପରେ ସମସ୍ତଙ୍କ ଆଶା ଭରସା ଅଛି।

ହଁ ଜାଣେ ସେସବୁ।

ଶୁଣିଛି,ସେ କାଳେ ଗୋଟେ ବଡ ସହର।

ହଁ। ସଂକ୍ଷିପ୍ତ ଉତର କଲା ଦେବାଦାସ।

ସେଠିକୁ ଯାଇ ଆମ ସାଙ୍ଗମାନଙ୍କୁ କି ଗାଁକୁ ଭୁଲିଯିବୁନି ତ?

(କ୍ରମଶଃ...)

ବିଶେଷ କବିତା

# ନିଜ ପାଇଁ ଏକ ଚିଠି



କେଦାର ମିଶ୍ର

ନିଜ ଠିକଣାରେ ନିଜକୁ ଚିଠି ଲେଖି
ମୁଁ ପଠେଇଦିଏ ନିଜ ପାଖକୁ
ଗୋଟେ କଳା କପଡାର ସୂର୍ଯ୍ୟୋଦୟ, ପାଣି ଗଳୁଥିବା ଗୋଟେ ମଙ୍ଗଳ କଳସ
ଓ ଯୁଦ୍ଧଭୂମିରେ ମରଣମୁଖୀ ଗୋଟେ ନଈ।

ଧୀରେ ଧୀରେ ଚାଲିବାକୁ ଆରମ୍ଭ କରେ କାଳ କାଳରୁ ଅଥର୍ବ ମୋର ଆୟୁଷ
ପକ୍ଷୀକୁ ଭେଟେ ଡାଳରେ, ତାକୁ ପଚାରେ କେମିତି ଦିଶେ ପ୍ରେମରେ ପଡିଥିବା ଆକାଶ
ମାଟି ତଳୁ ସଲବଲ୍ ଜିଆକୁ ପଚାରେ ପୃଥିବୀର ପୁରୁଣ କ୍ଷେତ କଥା
କୋଳି ଗଛକୁ ପଚାରେ ଦୁଃଖର ସୁଆଦ ଓ ମହୁମାଛିକୁ ମାଗେ କାଠୁଆ ଫୁଲର ସନ୍ଦେଶ
ଆସ୍ତେ ଆସ୍ତେ ମୁଁ ପାଲଟିଯାଏ ରାସ୍ତାରେ ଚଳ ପ୍ରଚଳ ଏକ ଆଲମାରୀ
ମୋ ଭିତରେ ଥାକ ଥାକ ଆକାଶ, ପାତାଳ ଓ ପୃଥିବୀ।



ମୁଁ ଭାବେ, ଏ ପୃଥିବୀ ଏମିତି ହେବାର ନଥିଲା
ଏମିତି ଗୁମ୍ ମାରି ବସିବାର ନଥିଲା ଏ ଆକାଶ
ମୋର ଇଚ୍ଛା ଅନୁସାରେ ପାତାଳ ଆଡକୁ ଯାଇଥାନ୍ତା ଆକାଶରୁ
ଓହ୍ଲେଇ ଆସିଥିବା ନଦୀ
ମୋର ଇ ହେବାର ଥିଲା ଜଗତ ଓ ଜଗତ ସେପାଖର ଦୃଶ୍ୟ ଅଦୃଶ୍ୟ ଛବି।

ନିଜେ ନିଜ ଲାଗି ମୁଁ ତିଆରି ଥିଲି ଗୋଟେ ପ୍ରେମ କାହାଣୀ
ସେ କାହାଣୀରେ ମୁଁ ତମକୁ ଚୋରେଇ ଆଣିଥିଲି ପବନରୁ
ତମେ ପବନର ପାତାଳ ଅନ୍ଧାରରେ ପାହାଡି ରାଗର ମୂର୍ଚ୍ଛନା
ତମକୁ ଘୋଡା ପିଠିରେ ବସେଇ ମୁଁ ଉଡି ଯାଉଥିଲି ଆକାଶକୁ
ବେଳେ ବେଳେ ତମକୁ ମୁଁ ଫୁଟେଇ ଦେଉଥିଲି ଇନ୍ଦ୍ରସଭାରେ ପାରିଜାତ ପରି।
ସେ ପ୍ରେମ କାହାଣୀରେ ଆମର ଚେହେରା ସମାନ
ତମ ହାତର ଚୁଡି ଓ ମୋ ହାତରେ ମଲ୍ଲୀ ମାଳ
ତମ ଓଠରେ ମହୁର ଝରଣା ଓ ମୋ ଗାଲରେ ଇନ୍ଦ୍ରଧନୁର ଡେଣା
ଆମେ ପ୍ରେମ କରୁ କରୁ ହଳେ ମେଘ ହୋଇ ବର୍ଷି ଯାଉଥିଲେ ମାଟିରେ
ଓ ମିଳେଇ ଯାଉଥିଲେ ମାଟିରେ।

ଏବେ ଜାଣୁଛି, ସେ କାହାଣୀରେ ତମେ ଥିଲ, ମୁଁ କିନ୍ତୁ କେଉଁଠି ନଥିଲି
ସେ କାହାଣୀ ଯେତିକି ସତ ଥିଲା, ତା'ଠୁ ବେଶୀ ମିଛରେ ମଜ୍ଜି ଥିଲି।
ଆଜି ସେ କାହାଣୀ ଲେଖିଛି ଏଇ ଚିଠିରେ
ଲେଖିଛି ରକ୍ତକୁ ମିଶେଇ ପାଣିରେ
ପାଣିକୁ ଘୋରିଛି ଜଳ ଧାରାରେ
ଜଳଧାରକୁ ଦର୍ପଣ ଦେଖେଇଛି ଶୂନ୍ୟରେ
ଦେଖେ, କେବେ ଆସି ପହଞ୍ଚୁଛି ମୋର ଚିଠି, ମୋର ଠିକଣାରେ!!



ବିନୋଦିନୀ ନିବାସ
୨୬୫/୧୭୩୬ଏ, ଶାସ୍ତ୍ରୀ ନଗର, ୟୁନିଟ୍-୪
ଭୁବନେଶ୍ୱର-୭୫୧୦୦୯

# କୁନାବାପାଙ୍କ କୁନି କଥା

୪୨



**ଏ**ଇ କିଛିଦିନ ତଳେ, କୋଡିଏ ବର୍ଷ ପୁରୁଣା, କୃଷ୍ଣସାର ମୃଗ ଶିକାର ମାମଲାର ଶୁଣାଣି କରି, କୋର୍ଟ ସଲମାନଙ୍କୁ ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡ ସହ ଦଶହଜାର ଟଙ୍କାର ଜରିମାନା ଆଦାୟ କରିବାକୁ କହିଲେ। ଯେହେତୁ ପାଞ୍ଚବର୍ଷର କାରାଦଣ୍ଡ ହେଲା, ସେଇ କୋର୍ଟରୁ ସିଧା ଜେଲ ଗଲେ ସଲମାନ, କିନ୍ତୁ ତାଙ୍କର ଅନ୍ୟ କଳାକାର ଶିକାରୀ ସାଥିମାନେ ନିର୍ଦ୍ଦୋଶରେ ଖଲାସ ହେଲେ। ଏଇ ଖବରଟା ସଲମାନଙ୍କ ପ୍ରଶଂସକ ମହଲକୁ ଦୁଃଖ ଓ ଆଶଙ୍କାର କଳାବାଦଲରେ ଢାଙ୍କିଦେଲା। ପ୍ରାୟ ସବୁଘରେ କେହି ନା କେହି ତାଙ୍କର ପ୍ରଶଂସକ ଥିବେ। ତେଣୁ ଦେଶସାରା ଏଇ ଖବର ଚାଞ୍ଚଲ୍ୟ ଖେଳେଇଦେଲା। କିଏ କହିଲା ମୋତେ ଜେଲକୁ ପଠାଅ, ହେଲେ ଭାଇଜାନଙ୍କୁ ଛାଡିଦିଅ। କିଏ କହିଲା, ସେ ଜଣେ ପଶୁପକ୍ଷୀ ପ୍ରେମୀ, ଏଭଳି ଘୃଣ୍ୟ କାମ ସେ କେବେବି କରିପାରିବେନି। କିଏ କହିଲା, ମଲା ହରିଣଟାକୁ ଆଣି, ତାଙ୍କୁ ଫସାଯାଇଥିଲା ଏମିତି ଅନେକ କଥା। ପୁଣି, ତାଙ୍କର ଜାମିନ ହେଇଗଲା ଦୁଇଦିନ ପରେ। ସମସ୍ତେ ଖୁସି। ଜେଲରୁ ଘରକୁ ଫେରିବା ବାଟରେ ପ୍ରଶଂସକଙ୍କର ପ୍ରବଳ ଭିଡ ହୋଇଥିଲା ତାଙ୍କ ଦାଣ୍ଡ ଦୁଆରେ। ଯାହା କୁହ, ସେଲିବ୍ରିଟି ହେବତ ଏମିତି। ଏଇ କଥାକୁ ନେଇ କୁନାବାପା କିଛି ଲୋକଙ୍କର ପ୍ରତିକ୍ରିୟା ପାଇଥିଲେ।

କୁନାବାପା ଘରେ ବସି ଖବର ଦେଖୁଥିବା ବେଳେ, କୁନାବୋଉ କହିଲେ, କ'ଣ ଗୋଟେ ହରିଣ ମାରିଦେଲେ ଯେ, ଜେଲ ଯିବାକୁ ପଡିବ। ଆଉ କ'ଣ କେହି ହରିଣ ଶିକାର କରୁନାହାନ୍ତି, ନା'ମାଂସ ଖାଉ ନାହାନ୍ତି? ସବୁଦିନ ଛକରେ ଗଣ୍ଡାଏ ଛେଳି ବଳି ପଡୁଛନ୍ତି। ଘର ପାଖ ପତିବାବୁ ଏ ବିଷୟରେ କହିଲେ, ରାମଚନ୍ଦ୍ର ମଧ୍ୟ ମୃଗ ଶିକାର କରିଥିଲେ, ଆଉ ଏଇ ବନ ବିଭାଗରେ ଚାକିରିଆ ବି ମଝିରେ ମଝିରେ ମିରିଗ କାଟି ଖାଉଛନ୍ତି, ସେଟାକୁ କେହି ଦେଖିବନି। ଡେଙ୍ଗା ମୁଣ୍ଡରେ ଠେଙ୍ଗା ନ୍ୟାୟରେ, ସେଲିବ୍ରିଟି ବୋଲି ସବୁ ଦୋଷ ତାଙ୍କର। ଛକରେ ଟୋକା ପଞ୍ଝା ଖଟିରେ କଥା ହେଉଥିଲେ, ବୋଧେ ହରିଣ ମାଂସରେ ସୁନ୍ଦର ସ୍ୱାସ୍ଥ୍ୟର ରହସ୍ୟ ଅଛି। ତାକୁ ଖାଇ ଦେଖୁନ ସଲମନ ଖାନ କିମିତି ବଡି କରିଛି। ହରିଣଟାଏ ମାରିଲା ଯେ, ଜାତୀୟ ପଶୁ ବାଘକୁ ମାରିଲା ଭଳିଆ କେସ ଠୁଙ୍କୁଛନ୍ତି। ଯା ବିରୁଦ୍ଧରେ ଆନ୍ଦୋଳନ ହେବା ଉଚିତ। ବସ ଷ୍ଟାଣ୍ଡ ଖଟିରେ ପହଞ୍ଚିଲେ କୁନାବାପା। ସେଠି ଏ ଚର୍ଚ୍ଚାର ଆରମ୍ଭ ହୋଇଯାଇଥାଏ। ଗେଣ୍ଡୁ ବାବୁ କହିଲେ, ଆହେ କିଏ ଗୋଟେ ମଲା ହରିଣକୁ ଦେଖେଇ ବିଚରା ସଲମନଟାକୁ ହଇରାଣ କରୁଛି। ଢ଼େଲା ଆଖିଆ ମନୁବାବୁ, କହିଲେ, ଆହେ ହରିଣଟା ଏକାସାଙ୍ଗେ ଏତେଗୁଡେ ସେଲିବ୍ରିଟିଙ୍କୁ ଦେଖି ତା'ର ହାର୍ଟଫେଲ ହେଇ ମରିଯାଇଥିବ। ତା'ର ଶବକୁ ଉଦ୍ଧାର କରି ବନ ବିଭାଗ ଜିମା ଦେଲାବେଳେ ଏଇସବୁ ଘଟଣା ହୋଇଥି। ଚା' ଦୋକାନି ସୁରିଆ ଚା' କପ ବଢ଼େଇ ଦେଇ କହିଲା, ନାଇଁ ହୋ, ସଲମାନ କେବେବି ଜୀବ ହତ୍ୟା କରିପାରିବେନି। ମୁଁ ପରା ତାଙ୍କ ବିଷୟରେ ଜାଣିଛି। ସେ ଜଣେ ବଡ ପଶୁପ୍ରେମୀ। ଦିଲନ ବାବୁ, ସୁରିଆ କଥା ଉପରେ ମାଡିବସି କହିଲେ, ନାଇଁରେ ସୁର, ସିଏ ଜଙ୍ଗଲକୁ ହରିଣଙ୍କୁ ଚା' ବିସ୍କୁଟ ଖୁଆଇବାକୁ ଯାଇଥିଲେ। ହରିଣ ଗୁଡା ଘାସଖାଇ ବୋର୍ ହେଇଯାଉଥିବେ, ତାଙ୍କର ଟେଷ୍ଟ ଚେଞ୍ଜ କରିବାକୁ ବିସ୍କୁଟ ଖୁଆଇଲା ବେଳକୁ, ହରିଣ ଯାଙ୍କୁ ଚିହ୍ନିପାରି ହୃଦଘାତରେ ମରିଛି। ତୁଚ୍ଛାରେ, ଏଡେବଡ ଲୋକଟାର ଇମେଜ ଖରାପ କରୁଛନ୍ତି। ଧେଡୁବାବୁ କହିଲେ, ନାଇଁ, ଏଇ କିଛିବର୍ଷ ତଳେ ଗୋଟେ ଫଟ ଭାଇରାଲ ହୋଇଥିଲା। ମୃଗଟି ତା'ର ପଛ ଗୋଡରେ ବନ୍ଧୁକ ନେଇ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଛି। ଶେଷରେ ଆମ ନବଭାଇ କହିଲେ, ଆରେ ସିଏ ସଲମାନ ଖାନ୍, ତା'ର ସାର୍ଟ ଚିରିଯାଇ ବା ବୋତାମ ଖୋଲି ଛାତି ଆଉ ବାହା ଦେଖାଗଲେ, ଆଚ୍ଛା ଆଚ୍ଛା ଟୋକିଠୁ ଦରବୁଢ଼ୀଙ୍କର ହାର୍ଟଫେଲ ହେଇଯାଏ। ଏ ଛାର ହରିଣର ଔକାତ କେତେ? ଶେଷରେ ହରିଆନ୍ନା କହିଲେ, ଆରେ ସେଇଆ ପରା, ଯାର ବଡିଦେଖି ହରିଣୀମାନେ ଫିଦା। ହରିଣ ପ୍ରେମରେ ଧୋକା ଖାଇଲା, ତେଣୁ ଆତ୍ମହତ୍ୟା କରିଥିବ। କୁନାବାପା ଭାବିଲେ, ଯାହାବି ହେଉ ଆଇନର ଲମ୍ବାହାତକୁ ଆଉ ବେଶୀ ପରିଶ୍ରମ କରିବାକୁ ନପଡୁ। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ମେଘ



ରସାନନ୍ଦ ସାହୁ



**ଯେ**ବେ ଆକାଶର
ବିପୁଳ କାନଭାସରେ
ମେଘର ଭାସମାନ ସିଲହଟ୍
ଛବିଟିଏ ଦେଖେ
ତ କା'ର କୋମଳ ଅନୁଭବର
ଗୋପନିୟତାରେ ମୁଁ
ବତୁରିଯାଏ।

ଉପରେ କଳାଘୁମୁର ମେଘର
ଭରା ଆକାଶର ପଣତ
ତଳେ କାଶତଣ୍ଡିର ଅଭ୍ର
ଆବାହନୀ ମେଘ
ମଝିରେ 'ଭି'ସେପର
ଉଡନ୍ତା ମାଳମାଳ ବଗଙ୍କ
ମେଘର ମେଖଳା
ଆଃ - ମୋ'ଠି ସେ
ନା ତା'ଠି ମୁଁ
ଭ୍ରମରେ ପଡିଯାଏ।

ଚଳୁଏ ଜଳରେ ସାତ ସମୁଦ୍ର
ଶୋଷିହେଲା ପରି
ପାପୁଲିଏ ନୀଳମେଘ
ଗିଳିଦିଏ ମୋ
ସାରା ସତ୍ତା।

ଚିରୁଡାଏ ଦରଫୁଟିଲା ଲାସ୍ୟରେ
ବନ୍ଧାପଡେ ମୋ
ଅର୍କ୍ଷିତ, ବିବଶ ପୌରୁଷ।

ମୁଁ ତାକୁ ଦେଖିନି
କି ଦେଖିବାକୁ ଇଚ୍ଛା ନାହିଁ
କାଳେ ଜୀଇଁବାର ଏ ରାହାକୁ
ଗ୍ରାସିଦେବ ଅକାଳ ବୈଧବ୍ୟ

ଉଇ ଚରିଯିବେ
ଏତେ ଯୁଗର ସଯତ୍ନ ସାଇତା
କୌମାର୍ଯ୍ୟରେ।

ସେ ସେଇମିତି
ଫାଜିଲ, ମନୋଇ
ଅଭିମାନରେ ଗୁମ୍‌ସୁମ୍
କିଛି ବୁଝା ବୁଝା
କିଛି ଅବୁଝା ଅବୁଝା
କିଛି ଜଣା ଜଣା
କିଛି ଅଜଣା ଅଜଣା
ଥାଉ।

ଓ ବିଜୁଳିକନ୍ୟା ପରି
ଅକ୍ଷତ କୁଆଁରୀ ହେଇ
ମୋ ଭିତରେ ରହିଥାଉ।
ବାସ୍ - ରହିଥାଉ।





ପ୍ଲଟ ନଂ-୪୯୯/୧୪୮୬
ସାଇ ବିହାର, ଟଙ୍କପାଣି ରୋଡ,
ଭୁବନେଶ୍ୱର-୭୫୧୦୧୮
ସମ୍ପର୍କ-୯୪୩୯୫୮୩୬୭୮

# ପଡିଶା ଘର ଝିଅ



ଦିବ୍ୟଜ୍ୟୋତି ମହାନ୍ତି

**ସ**ଙ୍କେତର ଠିକ୍ ସାମ୍ନା ଘର ହେଉଛି ସଙ୍ଗୀତାର। ଦୁହେଁ ଛୋଟବେଳୁ ସାଙ୍ଗ ହୋଇ ପଢିଛନ୍ତି ବଢିଛନ୍ତି। ସାଙ୍ଗ ହୋଇ କେତେ ଖେଳ ଖେଳିଛନ୍ତି। ବାଗୁଡି, ବୋହୁଚୋରି, ସଢ଼େଇ ଖେଳଠୁ ଆରମ୍ଭ କରି ଆହୁରି କେତେ କ'ଣ। ଜଣେ ଜଣଙ୍କଠୁ ଗୋଟିଏ ମୂହୁର୍ତ୍ତ ବି ଅଲଗା ହୋଇ ରହିପାରନ୍ତିନି। ଆଉ ସେମାନଙ୍କୁ ବି ସେମାନଙ୍କ ଘର ଲୋକେ କେବେ ବିରୋଧ କରନ୍ତିନି ମିଳାମିଶା କରିବାରେ। ସେମାନେ ସାଙ୍ଗ ହୋଇ ସ୍କୁଲ ଯାଆନ୍ତି, ଗୋଟିଏ ଟିଫିନ୍‌ରେ ସାଙ୍ଗ ହୋଇ ଖାଆନ୍ତି। ଏପରିକି ଖେଳ ଛୁଟିରେ ସବୁ ସାଙ୍ଗମାନେ ଖେଳିଲା ବେଳେ ସେ ଦୁଇଜଣ ସାଙ୍ଗ ହୋଇ ସ୍କୁଲ ବାରଣ୍ଡାରେ ବସି ଗପ କରନ୍ତି। ସଙ୍ଗୀତା ସଙ୍କେତ ପାଇଁ ଘରୁ ଲୁଚାଇ ମା' କରିଥିବା ଚକୁଳି ପିଠା ନେଇ ଆସେ। ସଙ୍କେତ ବି ସଙ୍ଗୀତା ପାଇଁ ମା'ର ନଜର ଆଢୁଆଳରେ ତେନ୍ତୁଳି ଖଟାଠୁ ଆରମ୍ଭ କରି ବରକୋଳି ଆମ୍ବ ଖଟା ପର୍ଯ୍ୟନ୍ତ ନେଇ ଆସେ।

ମାତ୍ର ଏବେ ସେମାନଙ୍କର କେବେ କେମିତି ଭଗବାନଙ୍କ ଦୟାରୁ ଦେଖା ହୋଇଯାଏ। ଆକସ୍ମାତ ଦେଖା ହୋଇଗଲେ ମଧ୍ୟ ଦୁହେଁ ଦୁହିଁଙ୍କ ମୁହଁକୁ କେବେ ଚାହାନ୍ତିନି। ମୁହଁ ତଳକୁ ପୋତି ଦୁହେଁ ଦୁହିଁଙ୍କ ବାଟରେ ଚାଲିଯାଆନ୍ତି। ଏହାର ମାନେ ନୁହେଁ ଯେ ଜଣେ ଜଣଙ୍କୁ ଦେଖିବାକୁ ଚାହାନ୍ତିନି କିମ୍ବା ସେମାନଙ୍କ ଭିତରେ କଳି ଝଗଡା ହୋଇଥିଲା। ପ୍ରକୃତରେ ଏହାର କାରଣ ଥିଲା ସେମାନଙ୍କ ଘର ଭିତରେ ଦେଖଦେଇଥିଲା ଘୋର ଶତ୍ରୁତା ମାନେ ସାପ ନେଉଳ ଭିତରେ ଥିବା ଅହିନକୂଳ ସମ୍ପର୍କ ପରି ଶତ୍ରୁତା। ଯେଉଁଥିପାଇଁ ସଙ୍ଗୀତାର ମାଆ ତାକୁ ଆକଟ କରି କହିଥିଲେ ଦେଖ୍ ସେ ସଙ୍କେତ ସହିତା ମିଳାମିଶା କରିବା ବନ୍ଦ କର। ସେମାନେ ଆମର ମିତ୍ର ନୁହନ୍ତି ବଂର ଶତ୍ରୁ। ସଙ୍କେତକୁ ବି ତା ବାପା ସମାନ କଥା ହିଁ କୁହନ୍ତି। ସେବେଠୁ ଦୁହେଁ ଦୁହିଁକୁ କିଛି ନ କହିପାରିଲେ ବି ମନେ ମନେ ଖୁବ୍ ଝୁରି ହୁଅନ୍ତି।

ଏ ନୀରବତା ଆଖିର ଇସାରା ସେମାନଙ୍କ ଭିତରେ କେତେବେଳେ ପ୍ରେମ ପକ୍ଷୀଟେ ଜନ୍ମାଇ ଦେଇ ସାରିଥିଲା ସେ ଦୁହେଁ ବି ଜାଣି ପାରିନଥିଲେ। ପ୍ରକୃତରେ ସେମାନେ ସେଦିନ ହିଁ ଜାଣିଥିଲେ ସେମାନଙ୍କ ଭିତରର ପ୍ରେମକୁ ଯେଉଁଦିନ ସଙ୍ଗୀତା ପାଇଁ ଆସିଥିଲା ବିଦେଶ ଫେରନ୍ତା ପୁଅଟିର ବାହାଘର ପ୍ରସ୍ତାବ। ସଙ୍ଗୀତାର ବାପା ବି ଏକାଥରକେ ଏ ବାହାଘର ପ୍ରସ୍ତାବରେ ରାଜି ହୋଇଗଲେ। ଏଭଳି ପ୍ରସ୍ତାବକୁ କିଏ କ'ଣ ହାତ ଛଡା କରେ। ପୁଅ ବିଦେଶରେ ରହୁଛି। ପରିବାର ମାନ ସମ୍ମାନ ଆଭିଜାତ୍ୟ କେଉଁଥିରେ କମି ନାହିଁ। ଝିଅ ସେଠି ତାଙ୍କର ବହୁତ ଖୁସିରେ ରହିବ ରାଣୀ ହୋଇ ରହିବ। ଏହାଛଡା ଅବା ଆଉ କଣ ଦରକାର ତାଙ୍କ ପାଇଁ। ଦୁନିଆର ସବୁ ବାପା ମାନେ ତ ଏଇଆ ହିଁ ଚାହାନ୍ତି ତାଙ୍କ ପିଲାମାନେ ଯେଉଁଠି ଯେମିତି ରୁହନ୍ତୁ ନା କାହିଁକି ଖୁସିରେ ରୁହନ୍ତୁ। ସେଥିପାଇଁ ୮ ଦିନ ଭଳି ଏତେ କମ୍ ସମୟ ଭିତରେ ଏତେ ବଡ ବାହାଘର ପାଇଁ ସେ ରାଜି ହୋଇଯାଇଥିଲେ। କିନ୍ତୁ ସଙ୍ଗୀତା ଏ କଥା ଶୁଣିଲା ପରେ ତା' ପାଦ ତଳର ମାଟି ଅତଡାଟା ଯେପରି ଧସି ଯିବା ପରି ତାକୁ ମନେ ହେଉଥିଲା। ସେ ଭାବୁଥିଲା କେମିତି ଅବା ଯାଇ ବାପାଙ୍କ ଆଗେ କହିବ ଯେ ସଙ୍କେତ ହିଁ ତା ମନର ମଣିଷ ସଙ୍କେତ ବିନା ସେ ଆଉ କାହା ସହ ବାହାବେଦୀର ହୋମନିଆଁ ପାଖେ ବସି ପାରିବନାହିଁ। ଏକଥା ତା' ବାପା ଶୁଣିଲେ ତାକୁ ଜୀବନରୁ ମାରିଦେବେ। ଶେଷରେ ସେ ଘରୁ ଲୁଚି ଗାଁ ପାଖ ମନ୍ଦିରରେ ସଙ୍କେତକୁ ସବୁ କଥା କହିଲା। ତା ମୁହଁରୁ ସବୁ କଥା ଶୁଣିବା ପରେ ସଙ୍କେତ ତାକୁ ତା' ଛାତିରେ ଜାବୁଡି ଧରି ଛୋଟ ପିଲାଙ୍କ ଭଳି କାନ୍ଦି କାନ୍ଦି କହିଲା ତୋତେ ବି ମୁଁ ବହୁତ ଭଲ ପାଏ ସଙ୍ଗୀତା ମାତ୍ର ଏବେ ଆମ ହାତରେ ଆଉ ସମୟ ନାହିଁ। ସେ ଦଗାଦିଆ ଦିନନାଥ ଭଳି ସମୟଟା ବି ଆମ ପ୍ରେମ ଉପରେ ଦାଉ ସାଧୁଛି। ଆଉ ହଁ ଆମେ ଘର ଛାଡି ପଳାଇବା କଥା ବି ଚିନ୍ତା କରିପାରିବା ନାହିଁ କାରଣ ଆମ ଦୁଇ ଘର ଭିତରେ ପ୍ରଥମରୁ ଅନେକ କଳି ଝଗଡା ଲାଗି ରହିଛି। ଏଭଳି ପରିସ୍ଥିତିରେ ଯଦି ଆମେ ଘର ଛାଡି ପଳାଇବା ଆମ ଦୁହିଁଙ୍କ ଘର ଭିତରେ ଶତ୍ରୁତା ଆହୁରି ଉଗ୍ର ରୂପ ନେବ ଯାହାର କାରଣ ଆମେ ଦୁଇଜଣ ହିଁ ହେବା। ବରଂ ତା' ଛଡା ଆମ ଦୁହିଁଙ୍କ ପାଇଁ ଭଲ ହେବ ଛୋଟବେଳର ସେ ହାତୀ ଘୋଡା କଣ୍ଢେଇ ରାଜା କଣ୍ଢେଇ ରାଣୀ ଖେଳକୁ ସେଇଠି ଭୁଲିଯିବାକୁ ହେବ। ଏହା କହି ଲୁହ ଛଳ ଛଳ ଭରା ଆଖିରେ ତା' ପାଖରୁ ବିଦାୟ ନେଲା ସଙ୍କେତ।

ଏହାପରେ ସଙ୍ଗୀତା ମୂକ ପାଷାଣୀ ମୂର୍ତିଟେ ପରି ବାପାଙ୍କ ପସନ୍ଦ ମୁତାବକ ଓ ମାଆଙ୍କ କଥାରେ ବେଦୀରେ ବସି ବାହାହୋଇ ଗଲା ବିଦେଶ ଫେରନ୍ତା ପୁଅକୁ। ସଙ୍ଗୀତା ବାହା ହୋଇ ବିଦେଶ ଚାଲିଗଲା ପରେ ସଙ୍କେତ ସମସ୍ତଙ୍କଠୁ ଅନେକ ଦୂରରେ ସହରରେ ଯାଇ ରହିଲା। ସଙ୍ଗୀତା ଗଲା ପରଠୁ ସେ କେମିତି ଗୋଟେ ପାଗଳ ପାଗଳ ଭଳି ଲାଗୁଥିଲା। ସବୁବେଳେ ନୀରବ ନିଶବ୍ଦ ଗୁମ୍‌ସୁମ୍ ହୋଇ ଗୋଟିଏ ଜାଗାରେ ବସି ରହୁଥିଲା। କେତେବେଳେ ସେ ଖାନ୍‌ନଗର ଛକର କୋଳାହଳ ଭିତରେ ତ ଆଉ କେବେ କାଠ ଯୋଡି ନଈ କୂଳରେ ବସି ମନେ ମନେ କ'ଣ ସବୁ ଭାବେ ତାହା କେହି ଜାଣନ୍ତିନି। ଆଉ ବେଳେ ବେଳେ ରାତିର ନିର୍ଜନତା ଭିତରେ ସମସ୍ତ ଶୂନ୍ୟତାକୁ ଭାଙ୍ଗି ଛାତ ଉପରେ ଛିଡା ହୋଇ ବହୁ ଜୋର୍‌ରେ ଆର୍ତ ଚିତ୍କାର କରୁଥିଲା। ମାତ୍ର ତା' ଚିତ୍କାର ଶୁଣି କେବେ ସଙ୍ଗୀତା ଫେରି ଆସୁନଥିଲା କାରଣ ତା ପଡିଶା ଘର ଝିଅଟି କେବେଠୁ ଯେ ବିଦେଶୀ ଘରର ବୋହୁ ହୋଇ ଯାଇଥିଲା।

ମୋ : ୭୩୭୭୫୧୦୨୫୪
Email-mikunmohanty63@gmail.com




**ସିମୁଳିଆ ରାଜନୀତି ସରଗରମ**

# କର୍ମୀଙ୍କୁ ଅଗ୍ରାଧିକାର ମିଳିଲେ ଦଳ ବଦଳ : ପଦ୍ମ ପଣ୍ଡା



**ସୋର/ତୁଡିଗଡିଆ :** ବହୁ କଳ୍ପନା ଜଳ୍ପନା ଏବଂ ଗଣମାଧ୍ୟମରେ ପଦ୍ମନନାଙ୍କ ଦଳବଦଳ ଖବରକୁ ଅନ୍ତ କରିବା ପାଇଁ ଆଜି କୁପାରୀ ଅମ୍ବିକା ମନ୍ଦିର ପ୍ରାଙ୍ଗଣରେ ଖଇରା ବ୍ଲକର ୩୭ଟି ପଞ୍ଚାୟତର କଂଗ୍ରେସ କର୍ମିଙ୍କୁ ଡାକି ଆଗାମୀ ରାଜନୀତି ସମ୍ପର୍କରେ ମତ ଲୋଡିଛନ୍ତି । ପ୍ରାୟ ୨ହଜାର କଂଗ୍ରେସ କର୍ମି ଏହି ବୈଠକରେ ଯୋଗଦାନ କରି ସେମାନେ ତାଙ୍କର ମତ ରଖିଥିଲେ । ପ୍ରାୟ ୯୦ % କର୍ମି ପଦ୍ମନନାଙ୍କ ଥିଲେ ଏବଂ ଆଗାମି ଦିନରେ ରହିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କିଛି ପିଟା କଂଗ୍ରେସର ପୁରୁଖା କର୍ମି ଏଥିରେ ସାମାନ୍ୟ ଦ୍ୱିମତ ଥିବାର ଦେଖାଦେଇଥିଲା । ଓଡିଶା ରାଜନୀତିର ଦୃଶ୍ୟପଟ ଏବଂ ଓଡିଶା କଂଗ୍ରେସର ଦିନକୁ ଦିନ ଦୁର୍ବଳତା, ଜାତୀୟ ନେତୃତ୍ୱର ଦୁରଦର୍ଶିତା ଅଭାବ କାରଣକୁ ପାଥେୟ କରି ଓଡିଶା କଂଗ୍ରେସର ବହୁ ପୁରୁଖା ନେତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କଂଗ୍ରେସ ଛାଡି ନିଜର ରାଜନୈତିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଜେଡି କିମ୍ବା ବିଜେପିରେ ମିଶିବା ଦେଖାଦେଇଛି । ଏହି ମର୍ମରେ ସିମୁଳିଆରେ ଗତ ବିଧାନସଭା ନିର୍ବାଚନରେ ପ୍ରାୟ ୫୮ହଜାର ପାଇଥିବା ହାତ ଚିହ୍ନ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ୩୦ହଜାରକୁ ଖସି ଆସିବା ପରେ ଆଗାମି ଦିନରେ କଂଗ୍ରେସ ସିମୁଳିଆରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଏହା ସମସ୍ତଙ୍କୁ ବିସ୍ମିତ କରିଛି । ଏଣୁ ଆଗାମି ନିର୍ବାଚନରେ ବିଜେପି ଓ ବିଜେଡି ମଧ୍ୟରେ ଲଢେଇ ହେବା ସୁନିଶ୍ଚିତ ହୋଇଯାଇଛି । ଏହା ହେଲେ ୩୦ବର୍ଷ କଂଗ୍ରେସରେ ଦବଦବା ରଖିଥିବା ୩ଥରର ବିଧାୟକ, ପୂର୍ବତନ ମନ୍ତ୍ରୀଙ୍କ ଭାଗ୍ୟ ସୁତା ଖିଅରେ । ଏଣୁ ପ୍ରାୟ ଶେଷ ନିର୍ବାଚନ ଲଢୁଥିବା ପଦ୍ମ ନନାଙ୍କୁ ଯେକୌଣସି ଗୋଟିଏ ଦଳରେ ମିଶି ନିଜର ରାଜନୈତିକ ଭବିଷ୍ୟତକୁ ସୁଦୃଢ କରିବାକୁ ପଡିବ ବୋଲି ସମସ୍ତ କର୍ମିଙ୍କ ଆଗରେ ମତ ରଖିଥିଲେ । ତେଣୁ ଯେଉଁଦଳ ତାଙ୍କୁ ଏବଂ ତାଙ୍କର କର୍ମିମାନଙ୍କୁ ଅଗ୍ରାଧିକାର ଦେବ ସେ ସମସ୍ତଙ୍କୁ ନେଇ ସେ ଦଳକୁ ଲମ୍ଫ ପ୍ରଦାନ କରିବେ ବୋଲି ମଧ୍ୟ ମତ ରଖିଥିଲେ । କିଛି କର୍ମିଙ୍କ ମତାମତକୁ ସମ୍ମାନ ଦେଇ ଆଗାମି ଦିନରେ ସେ ସମସ୍ତ ପଞ୍ଚାୟତକୁ ଗ୍ରସ୍ତକରି ସମସ୍ତ ତୃଣମୂଳ ସ୍ତରର କଂଗ୍ରେସ କର୍ମିଙ୍କୁ ଭେଟି ଆଗାମୀ ରାଜନୈତିକ ନିଷ୍ପତି ନେବେ ବୋଲି ପ୍ରକାଶ କରିଥିଲେ । ଖବରରୁ ପ୍ରକାଶ ଯେ ଗତ ରାଜ୍ୟସଭା ନିର୍ବାଚନରେ ସୋମ୍ୟରଞ୍ଜନ ପଟ୍ଟନାୟକ ବିଜେଡିରୁ ରାଜ୍ୟସଭା ଟିକେଟ ନେବା ଏବଂ ବହୁ ଦିନରୁ ପିସିସି ମୁଖ୍ୟ ହେବାକୁ ଆଶାକରି ବସିଥିବା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଅସନ୍ତୁଷ୍ଟତା ପ୍ରକାଶ କରିବା ଏବଂ ବିଜେଡି କୁ ଯିବାପାଇଁ ପରୋକ୍ଷ ଡାକରାର ଆଭାସ ମିଳିବା ମଧ୍ୟ ଖବର ଶୁଣିବାକୁ ମିଳୁଛି । ଅପର ପକ୍ଷରେ ଯଦି ନିଳଗିରି ନନା ଓଡିଶା ରାଜ୍ୟ ବିଜେପିର ସଭାପତି ହୁଅନ୍ତି ତାଙ୍କ ସହିତ ଭଲ ସମ୍ପର୍କ ଥିବାରୁ ସେ ବିଜେପିକୁ ଯିବାର ମଧ ବହୁ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

# ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅଭିଯୁକ୍ତ ଖଲାସ

**ଭବାନୀପାଟଣା :** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମେଦିନିପୁର ଗ୍ରାମରେ ୨୦୧୪ ଡିସେମ୍ବର ୧୩ ତାରିଖ ଦିନ ଦିବା ୧୦ ଟାରୁ ୧୧ ଭିତରେ ଜୈନିକା ମହିଳାକୁ ଘରଭିତରେ ନିର୍ମମ ଭାବେ ହତ୍ୟାମାମଲାରେ ଦୁଇ ଜଣ ଅଭିଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଆଜି ସୋମବାର ଦିନ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ୧୩.୧୨.୨୦୧୪ ତାରିଖ ଦିନ ମେଦିନୀପୁର ଗ୍ରାମର ବିବେକାନନ୍ଦ ସାହୁଙ୍କ ସ୍ତ୍ରୀ ଭାନୁମତୀ ସାହୁ (୪୮) ନିଜ ଘରେ ଏକାଥିଲେ । କୌଣସି ଦୁର୍ବୃତ ଭାନୁମତୀ ଘରେ ଏକଲା ଥିବା ଜାଣି ଘର ଭିତରକୁ ପସି ଭାନୁମତୀକୁ ନିର୍ମମ ଭାବେ ହତ୍ୟାକରି ଫେରାର ହୋଇଯାଇଥିଲେ । ଏହି ଘଟଣା ଉକ୍ତ ସମୟରେ ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ମୃତ ଭାନୁମତୀର ସ୍ୱାମୀ ବିବେକାନନ୍ଦ ସାହୁଙ୍କ ଅଭିଯୋଗ ଅନୁଯାୟୀ ସଦର ଥାନା କେସ୍ ନଂ-୨୪୦/୨୦୧୪ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ପୋଲିସ ତନାଘନା ତଦନ୍ତ କରି ମେଦିନୀପୁର ଗ୍ରାମର ଯୁଧିଷ୍ଠିର ପଟେଲ୍ ( ୨୮) ଏବଂ ଭବାନୀପାଟଣାର ବାହାଦୂର ବଗିଚାପଡା ନରେଶ ତାଣ୍ଡି ( ୩୨) ପୋଲିସ ବିଭିନ୍ନ ଦଫାରେ ଗିରଫ୍ କରି କୋର୍ଟ ଚାଲାଣ କରିଥିଲେ । ଆଜି ସୋମବାର ଦିନ ଅତିରିକ୍ତ ଜିଲ୍ଲାଦୌରାଜଜ୍ ଧନେଶ୍ୱର ମଲ୍ଲିକ ଉକ୍ତ ମାମଲାର ବିଚାର କରି ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଯୁଧିଷ୍ଠିର ପଟେଲ୍ ଏବଂ ନରେଶ ତାଣ୍ଡିଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଅଭିଯୁକ୍ତମାନଙ୍କ ଠାରୁ ଆଇନଜିବୀ ରାଜେଶ ନାୟକ କେସ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଆଇନଜୀବି ସୁଧିର ରଞ୍ଜନ ଦାସ, ଜଗନ୍ନାଥ ପାଣିଗ୍ରାହୀ ସହଯୋଗ କରିଥିଲେ ।

# ତଳକଣ୍ଟାବାଞ୍ଜି ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ଶିକ୍ଷା

**ଭବାନୀପାଟଣା :** ଭବାନୀପାଟଣୀା ସଦରବ୍ଲକ ଅନ୍ତର୍ଗତ ତଳକଣ୍ଟାବାଞ୍ଜି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଓଡିଆ ଭାଷାର ଦକ୍ଷତା ବୃଦ୍ଧି ପାଇଁ ପ୍ରଧାନ ଶିକ୍ଷକ ସୁଧିର କୁମାର ରଥ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧର ଜ୍ଞାନ ପ୍ରଦାନ କରିବା ସହ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ସମୟରେ ବିଦ୍ୟାଳୟର ଶିକ୍ଷା କମିଟିର ସଦସ୍ୟ ମାନଙ୍କ ସହ ସହ ଶିକ୍ଷୟତ୍ରୀ ଆରତୀ ରାଣି ମହାନ୍ତି, ଅବନ୍ତୀ କୁମାରି ସାହୁ ଶିକ୍ଷାର ଉନ୍ନତି ନିମନ୍ତେ ବର୍ଣ୍ଣବୋଧର ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରିବା ସହ "ଉଜ୍ଜ୍ୱଳ" (ପଛୁଆ ଛାତ୍ରଛାତ୍ରୀ ମାନଙ୍କ ସ୍ୱତନ୍ତ୍ର ଦୃଷ୍ଟି ) କୁ ସଫଳ କରିବା ନିମନ୍ତେ ବର୍ଣ୍ଣବୋଧ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଗ୍ରୀଷ୍ମ ଛୁଟି ସମୟରେ ସମସ୍ତ ଛାତ୍ରଛାତ୍ରୀ ବର୍ଣ୍ଣବୋଧ ଜ୍ଞାନ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ । ସେଥି ନିମନ୍ତେ ଗ୍ରୀଷ୍ମ ଛୁଟିରେ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବର୍ଣ୍ଣବୋଧ କର୍ମଶାଳା ଆୟୋଜନ କରିବା ପାଇଁ ପ୍ରଧାନ ଶିକ୍ଷକ ଶ୍ରୀ ରଥ ପଦକ୍ଷେପ ନେଇଛନ୍ତି । ଏହି ଅବସରରେ ସରକାର ଯୋଗାଇ ଦେଇଥିବା ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା ।

# କନେଷ୍ଟବଲଙ୍କ ଅସଲ ରୂପ !



**ଖୋରଧା :** ନିକଟରେ ଖୋରଧା ବିଚାର ବିଭାଗ ଅଦାଲତ ପରିସରରୁ ଗାଡ଼ି ଚୋରୀ ରାକେଟରେ ସମ୍ପୃକ୍ତ ପୋଲିସ କନେଷ୍ଟବଲ ଭାରିମଲ ସମ୍ପୃକ୍ତି ଥିବା ନେଇ ସିସି ଟିଭି ଫୁଟେଜରୁ ଜଣାପଡ଼ିବା ପରେ ଘଟଣାଟିକୁ ଚପାଇ ଦେବା ନିମନ୍ତେ ଜୋରସୋରରେ ଉଦ୍ୟମ କରାଯାଉଥିଲା । କୌଣସି ଖବର ଯେପରି ଗଣମାଧମରେ ପ୍ରକାଶିତ ନ ହେବ ସେଥିପ୍ରତି ପୁଲିସ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଥିଲା । ଅତି ତରବରିଆ ଭାବରେ କନେଷ୍ଟ ବଳ ଭାରିମଲଙ୍କୁ ନିଲମ୍ବନ କରାଯାଇ ଟାଉନ ଥାନାରେ ଅବସ୍ଥାପିତ କରାଯାଇଥିଲା । ଠିକ୍ ସେହିପରି ଭାବରେ ତା.୦୭.୦୪.୨୦୧୮ରିଖ ଦିବା ୧୦ ଘଟିକା ସମୟରେ ଖୋରଧା ଟାଉନ ଥାନାରେ କାର୍ଯ୍ୟରତ କନେଷ୍ଟବଳ ଦୁଷ୍ମନ୍ତ ନାୟକ ଖୋରଧା ସହରର ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ମାଛ ମାର୍କେଟ ନିକଟରେ ନିୟୋଜିତ ଥିବା ବେଳେ ପୋଲିସ୍ ପ୍ରଶାସନ ପିନ୍ଧି ଆସକା-୪୦ ପିଇ ମାତାଲ ଅବସ୍ଥାରେ ମାଛ ମାର୍କେଟ କମ୍ପ୍ଲେକ୍ସର ବାରଣ୍ଡାରେ ଦୀର୍ଘ ସମୟ ଧରି ପଡ଼ିରହିଥିବା ଦେଖିବାକୁ ମିଳିଥିଲା । ଜଣେ କର୍ତ୍ତବ୍ୟରତ କନେଷ୍ଟବଳଙ୍କ ଏହି ମାତାଲ ରୂପ ଦେଖି ସମସ୍ତେ ହତବାକ୍ ହୋଇଯାଇଥିଲେ । କନେଷ୍ଟବଳଙ୍କର ଏହିପରି କାର୍ଯ୍ୟ ପାଇଁ ପୂର୍ବରୁ ଚାକିରୀରୁ ନିଲମ୍ବନ ହୋଇ ନୟାଗଡ଼ ଜିଲ୍ଲାକୁ ବଦଳି ହୋଇ ଯାଇଥିଲେ ମଧ ପୁନର୍ବାର ଖୋରଧା ଜିଲ୍ଲାକୁ ବଦଳି ହୋଇ ଆସି ନିଜର ଅସଲ ରୂପକୁ ଜନସାଧାରଣଙ୍କୁ ଦେଖେଇ ଦେଇଛନ୍ତି । ଏ ସମ୍ପର୍କରେ ଖୋରଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଘଟଣାଟିର ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରି କର୍ତ୍ତବ୍ୟରେ ଅବହେଳା କରିଥିବା କନେଷ୍ଟବଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଲୁଟ୍ ହେଉଛି ପଥର ଖାଦାନ

**ଖୋରଧା :** ତହସିଲ ଅଧିନସ୍ଥ ପାହାଡ଼ ଗୁଡ଼ିକ ଉପରେ ପଡ଼ିଛି ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି । ବେଆଇନ ଭାବରେ ଚାଲିଛି ବହୁ ପଥର ଖାଦାନ । ଜିଲ୍ଲା ପ୍ରଶାସନ ସବୁ ଜାଣି ମଧ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ବସିରହିଛନ୍ତି । ପ୍ରତିଦିନ ଟ୍ରାକ୍ଟର, ଟ୍ରକ୍, ୪୦୭ ଓ ହାୱାଇ ଦ୍ୱାରା ପଥର ଚୋରା ଚାଲଣ ହେଉଛି । ପ୍ରଶାସନ ଓ ଖଣି ମାଫିଆଙ୍କ ସଲାସୁତୁରାରେ ଚାଲିଛି ଏହି କାରବାର । ପଥର ଖଣି ଗୁଡ଼ିକ ଖଣି ମାଫିଆମାନେ ବେଆଇନ ଭାବରେ ଚଳାଉଥିବା ବେଳେ ସରକାରଙ୍କର ଲକ୍ଷ୍ୟାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି । ଖଣି ମାଫିଆମାନେ ଯେଉଁ ଯାଗାରେ ପଥର ବ୍ଲାଷ୍ଟିଂ କରି ସାରିଛନ୍ତିତ ଆଉ କେଉଁ ଯାଗାରେ ପଥର ବ୍ଲାଷ୍ଟିଂ କରିବେ ବୋଲି ପଥର ଖଣ୍ଡିକ ଗୁଡ଼ିକରେ ଖାଲ କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଜାଣିଶୁଣି ଜିଲ୍ଲା ପ୍ରଶାସନ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଣି ଗୁଡ଼ିକ ନିଲାମ କରାଯାଉ ନଥିବାରୁ ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି । ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲୋକ ଦେଖାଣିଆ ଚଢାଉ ଯାଉଥିବା ବେଳେ ପ୍ରକୃତ ଅପରାଧିମାନେ ଧରା ପଡୁ ନାହାଁନ୍ତି । ଏ ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।

# 'ଫାର୍ମାସିଷ୍ଟଙ୍କ ଦାବି ପ୍ରତି ନଜର ନ ଦେବା ଦୁଃଖଦାୟକ'

**ଖୋରଧା :** ଗତ ମାସ ୨୮ ତାରିଖ ଠାରୁ ଓ.ପ.ସା. ଅପସାର ଆହ୍ୱାନ କ୍ରମେ ସାରା ଓଡ଼ିଶାରେ ପ୍ରାୟ ୩ହଜାର କାର୍ଯ୍ୟରତ ସାରା ଓଡ଼ିଶାର ପ୍ରାୟ ୩ ହଜାର କାର୍ଯ୍ୟରତ ଫାର୍ମାସିଷ୍ଟମାନେ ସେମାନଙ୍କର ନ୍ୟାର୍ଯ୍ୟ ତଥା ନ୍ୟାୟଚିତ ଦାବୀ ହାସଲ ପାଇଁ ଭୁବନେଶ୍ୱର ଲୋୟର ପି.ଏମ୍.ଜି ଠାରେ ଧାରଣାରେ ବସିଥିଲେ । ସ୍ୱାସ୍ଥ୍ୟ ବିଭାଗ ତଥା ସମ୍ପୃକ୍ତ ସରକାରୀ ପଦାଧିକାରୀ ଗଣ ସମସ୍ୟାକୁ ସମାଧାନ କରିବାକୁ ଚାହୁଁନଥିବା ଅତିବ ଦୁଃଖ ଓ ପରିତାପର ବିଷୟ । ଯେଉଁଠି ସରକାର ତାଙ୍କର ସମସ୍ତ କର୍ମଚାରୀମାନଙ୍କ ପ୍ରତି ସହୃଦୟତା ଓ ସହନଶୀଳତା ପ୍ରକାଶ କରିବା ଉଦାହରଣ ସୃଷ୍ଟି କରିଛନ୍ତି ସେପରିକି ଗ୍ରାମରକ୍ଷୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସମସ୍ୟା ହୃଦବୋଧ କରି ବେତନ ଓ ପାରିଶ୍ରମିକରେ ପରିବର୍ତ୍ତନ କରି ଏକ ଶାନ୍ତ ସମୃଦ୍ଧ ଓଡ଼ିଶା ଗଠନ ପ୍ରକ୍ରିୟା ସୃଷ୍ଟି କରିପାରିଛନ୍ତି । ସେଠାରେ ଉଚ୍ଚ ଶିକ୍ଷିତ ବୈଷୟିକ ଜ୍ଞାନ କୌଶଳ ସମ୍ପନ୍ନ ଫର୍ମାସିଷ୍ଟମାନଙ୍କୁ ସ୍ୱଳ୍ପ ବେତନ ତଥା ପଦୋନତିର କୌଣସି ପନ୍ଥା ସ୍ଥିର ନ କରି ସେମାନଙ୍କୁ ସାମାଜିକ ଅର୍ଥନୈତିକ ସ୍ୱାଭିମାନଙ୍କୁ କୁଠାରଘାତ କରିବା ସମିଚିନ ନୁହେଁ । ତେଣୁ ଫର୍ମାସିଷ୍ଟମାନଙ୍କ ସମସ୍ୟା ଯଥାଶୀଘ୍ର ସମାଧାନ କରି ଜନସାଧାରଣଙ୍କୁ ପୂର୍ବ ଭଳି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବାକୁ ଓଡ଼ିଶା ଫର୍ମାସିଷ୍ଟ ସେବା ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଉପସଭାପତି, ସଭାପତି ତଥା ମୁଖ୍ୟ ପରାମର୍ଶଦାତା ହାଜି ନସିମ ଉଦ୍ଦିନ୍ ଖାନ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ପାନୀୟ ...

କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍‌ର ସଦସ୍ୟଙ୍କ ନାଁ ଘୋଷଣା କରି ଚୁପ୍ ବସିଛନ୍ତି । ମହାମେଳା-ଶିର୍‌ପୁର ନାମରେ ପୁଣି ୧୭୬ କୋଟି ୨୨ ଲକ୍ଷ ଟଙ୍କାର ନୂଆ ପ୍ରକଳ୍ପ ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଛି । ତେଣୁ ଗୃହରେ ଏହାକୁ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ହୀରାକୁଦରେ ଜଳପ୍ରବାହ କମିଛି ଏବଂ ଆଗକୁ ମଧ ଏହା ଜାରି ରହିବ । କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ କରିବା ପରିବର୍ତ୍ତେ ଗୃହକୁ ଅଚଳ କରୁଛନ୍ତି । ସେପଟେ କେନ୍ଦ୍ର ମଧ ଏନେଇ ପାତର ଅନ୍ତର କରୁଛି । ଟର୍ମ ଅଫ୍ ରେଫରେନ୍ସକୁ ନେଇ କେନ୍ଦ୍ର ସରକାର ଲୁଚକାଳି ଖେଳ ଖେଳୁଛନ୍ତି । ବିଜେପି ସରକାର ଆସିଲେ ମହାନଦୀ ସମସ୍ୟାର ସମାଧାନ ହେବ ବୋଲି କହି ରାଜ୍ୟବାସୀଙ୍କୁ ଏକ ପ୍ରକାର ଧମକ ଦିଆଯାଉଛି ବୋଲି ସେ କହିଥିଲେ । ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କେବଳ ଅନ୍ୟକୁ ଦୋଷ ଦେଉଛନ୍ତି । ଛତିଶଗଡ଼ ଏତେ ପ୍ରକଳ୍ପ କରି ପାରିଲା, ଅଥଚ ୧୮ ବର୍ଷ ହେଲା ରାଜ୍ୟ ସରକାର ଏନେଇ ଚୁପ୍ ରହିଥିଲେ । ମହାନଦୀ ପାଣି ସମୁଦ୍ରକୁ ଯାଉଛି, କିନ୍ତୁ ରାଜ୍ୟ ସରକାର ବିକଳ୍ପ ବ୍ୟାରେଜ୍ କଥା ଚିନ୍ତା କରୁନାହାନ୍ତି । ବିଜେଡି ସରକାର କେବଳ ନିର୍ବାଚନ କଥା ଚିନ୍ତା ନକରି ରାଜ୍ୟବାସୀଙ୍କ କଥା ଟିକିଏ ଭାବନ୍ତୁ ବୋଲି ସେ କଥାଛଳରେ ପରାମର୍ଶ ଦେଇଥିଲେ । ବିଜେଡି ପକ୍ଷରୁ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଏହି ପ୍ରସଙ୍ଗକୁ ନେଇ ବିଜେପି ଏବଂ ଉଭୟ ଛତିଶଗଡ଼ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ସେ କହିଥିଲେ ଯେ ଛତିଶଗଡ଼ ସରକାରଙ୍କ ଏଭଳି ମନମୁଖି କାରବାର ଜାରି ରହିଲେ ମହାନଦୀ ମୃତ ପାଲଟିଯିବ । ଏହାର ପ୍ରଭାବ ଏବେଠାରୁ ଦେଖିବାକୁ ମିଳିଲାଣି ବୋଲି ସେ ଗୃହରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାସେଶ୍ୱରୀ ପାଣିଗ୍ରାହୀ, ବେଦପ୍ରକାଶ ଅଗ୍ରୱାଲ, ରୋହିତ ପୁଜାରୀ, ତାରାପ୍ରସାଦ ବାହିନୀପତି, ଅତନୁ ସବ୍ୟସାଚୀ ନାୟକ, ଦେବୀ ମିଶ୍ର, ଦିବ୍ୟଶଙ୍କର ମିଶ୍ର, ରବିନାରାୟଣ ନାୟକ ଏବଂ ପ୍ରଦୀପ ପୁରୋହିତ ପ୍ରମୁଖ ୧୫ ଜଣ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ୯୦% ପାଣ୍ଠି...

ଆଧାର କରାଯିବା ପାଇଁ ଉଲ୍ଲେଖ ଥିବାରୁ ତାହା ଓଡ଼ିଶାକୁ ଅଧିକ ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ରାଜ୍ୟଗୁଡ଼ିକର ବିକାଶ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେବ । ୧୯୭୧ ମସିହାର ଜନଗଣନା ତଥ୍ୟକୁ ପଞ୍ଚଦଶ ଅର୍ଥ କମିଶନ୍ ବିଚାରକୁ ନେବେ ନାହିଁ । ଚତୁର୍ଦ୍ଦଶ ଅର୍ଥ କମିଶନ୍‌ଙ୍କ ସୁପାରିସ୍‌ରେ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଟିକସର ୪୨ ପ୍ରତିଶତ ପାଣ୍ଠି ଆବଣ୍ଟିତ ହେଉଥିବାବେଳେ ବାକି ପାଣ୍ଠି କେନ୍ଦ୍ର ସରକାର ବିଭିନ୍ନ ପ୍ରାୟୋଜିତ ଯୋଜନାରେ ଅର୍ଥ କମିଶନ୍‌ଙ୍କ ଦ୍ୱାରା ଧାର୍ଯ୍ୟ ଗାଇଡ୍‌ଲାଇନ୍‌ରେ ଆବଣ୍ଟିତ ହୋଇଥାଏ । କେନ୍ଦ୍ରୀୟ ଟିକସକୁ ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଇଁ ଆବଣ୍ଟନ କଲା ବେଳେ ପ୍ରଥମଥର ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ୍ ୧୯୭୧ ମସିହା ଜନଗଣନାର ୯୦ ପ୍ରତିଶତ ଓ ୨୦୧୧ ଜନଗଣନାର ୧୦ ପ୍ରତିଶତକୁ ବିଚାରକୁ ନେଇଥିଲେ । ମାତ୍ର ପଞ୍ଚଦଶ ଅର୍ଥ କମିଶନ୍ ଶତପ୍ରତିଶତ ୨୦୧୧ ଜନଗଣନାକୁ ବିଚାରକୁ ନେବାର ଥିବାରୁ ବିକାଶ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ । ପୂର୍ବରୁ କେନ୍ଦ୍ର ସରକାର ଟିକସ ଅର୍ଥର ଭାଗବଣ୍ଟାରେ ରାଜ୍ୟର ଅଂଶଧନକୁ ହ୍ରାସ କରିଥିବାବେଳେ ଏବେ ଜନସଂଖ୍ୟାରେ ସେମାନଙ୍କର ଅଂଶକୁ ହ୍ରାସ କଲେ ତା'ର ଦୀର୍ଘକାଳୀନ ପ୍ରଭାବ ବିକାଶ ପ୍ରକ୍ରିୟା ଉପରେ ପଡ଼ିବ । ଟର୍ମ ଅଫ୍ ରେଫରେନ୍ସ(ଟିଓଆର୍) ପାଇଁ ଓଡ଼ିଶା ଦେଇଥିବା ପରାମର୍ଶକୁ ମଧ କେନ୍ଦ୍ର ସରକାର ଅଣଦେଖା କରିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଦର୍ଶାଇଛନ୍ତି । ସେହିପରି 'ନ୍ୟୁ ଇଣ୍ଡିଆ-୨୦୨୨'ର ଲକ୍ଷ୍ୟକୁ ହାସଲ କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନ୍‌ଙ୍କୁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଟିଓଆର୍‌ରେ ବାଧ କରିଥିବା ଭଳି ଜଣାପଡୁଛି । ଏପରିକି ଟିଓଆର୍‌ରେ କମିଶନଙ୍କ ପ୍ରାଥମିକତା ଓ ଉଦ୍‌ବେଗକୁ ମଧ୍ୟ କେନ୍ଦ୍ର ସରକାର ଅଣଦେଖା କରିବାକୁ ପଛାଇନାହାନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସୂଚନାଯୋଗ୍ୟ ଟର୍ମସ୍ ଅଫ୍ ରେଫରେନ୍ସକୁ ବିରୋଧ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଯଥା-କେରଳ, କର୍ଣ୍ଣାଟକ, ପୁଡୁଚେରୀ,ଆନ୍ଧ୍ରପ୍ରଦେଶ ଚଳିତ ସପ୍ତାହରେ ଏକ ବୈଠକ କରିସାରିଥିବାବେଳେ ଆସନ୍ତା ମାସରେ ବିଶାଖାପାଟଣାରେ ହେବାକୁ ଥିବା ଅନୁରୂପ ବୈଠକରେ ଓଡ଼ିଶା, ପଶ୍ଚିମବଙ୍ଗ, ଦିଲ୍ଲୀ, ପଞ୍ଜାବ ଆଦି ସାମିଲ ହେବେ ବୋଲି ସୂଚନା ମିଳିଛି ।

### ଏବେ କ୍ରୋମାଇଟ୍ ...

କରିଥିବା ଯୋଗୁ ରାଜ୍ୟ ସରକାର ଗତ ମାସରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଲଡ୍ ଫିଲ୍ଡ (ଏମ୍‌ସିଏଲ)କୁ ୮୩୦୦ କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ପଠାଇଥିଲେ । ବେଆଇନ ଖଣି ଖନନ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଗତ ଅଗଷ୍ଟ ୨ ତାରିଖ ରାୟ ଅନୁଯାୟୀ ରାଜ୍ୟ ସରକାର ୧୩୧ଟି ଲୁହାପଥର ଓ ମ୍ୟାଙ୍ଗାନିଜ୍ ଖଣିକୁ ୧୭୫୭୬.୦୦କୋଟି ଟଙ୍କାର ଜୋରିମାନା ପଇଠ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ୧୧,୮୦୦ କୋଟି ଟଙ୍କାର ଜୋରିମାନା ଆଦାୟ କରିବାରେ ସକ୍ଷମ ହୋଇଛନ୍ତି ।

### ସୁପ୍ରିମ୍‌କୋର୍ଟ ...

ମଧ୍ୟରେ ରହି କର୍ତ୍ତବ୍ୟ ସଂପାଦନ କରିବାକୁ ପଡ଼ିବ । ଆଇନ ନଥିଲେ ସେ ସମ୍ପର୍କରେ ରୁଲିଂ ଦେଇ ପାରିବେ । ମାତ୍ର ଆମେ ଏକ ଲିଖିତ ସମ୍ବିଧାନକୁ ଆଧାର କରି ଚାଲୁଛୁ, ଯେଉଁଥିରେ କ୍ଷମତାର ବିକେନ୍ଦ୍ରୀକରଣ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି । ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନିଜ ନିଜ ସୀମା ମଧ୍ୟରେ ରହିବାକୁ ହେବ । ଯଦି ସର୍ବୋଚ୍ଚ ଅଦାଲତ କୁହନ୍ତି, ଦେଶର ନ୍ୟାୟପାଳିକା ସମ୍ବିଧାନକୁ ବଜାୟ ରଖିବାକୁ ବାଧ, ତାହାହେଲେ ସଂସଦ ଏବଂ ବ୍ୟବସ୍ଥାପିକା କାର୍ଯ୍ୟ ଉପରେ ଅଦାଲତ ହସ୍ତକ୍ଷେପ କରିବା ଅନୁଚିତ ହେବ । ଏହା ସଂସଦ ଦ୍ୱାରା ଗୃହୀତ ଆଇନର ବିରୁଦ୍ଧାଚରଣ ହେବ । ଅନୁସୂଚିତ ଜାତି-ଜନଜାତି ଆଇନ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ଗତ ୨ ତାରିଖରେ ଦଳିତ ଗୋଷ୍ଠୀ ପକ୍ଷରୁ ଦେଶବ୍ୟାପୀ ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା । ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଶତାଧିକ ଆହତ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ମୋଦି ସରକାରଙ୍କୁ ବିଭିନ୍ନ ଦଳିତ ଗୋଷ୍ଠୀ ଓ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିଲେ । ସର୍ବୋଚ୍ଚ ଅଦାଲତରେ ସରକାର ଆଇନ ସପକ୍ଷରେ ଦୃଢ଼ ମତ ରଖିବାରେ ବ୍ୟର୍ଥ ହୋଇଛନ୍ତି ବୋଲି ଅଭିଯୋଗ ହୋଇଥିଲା । ପୂର୍ବରୁ ରାୟକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା । କିନ୍ତୁ କୋର୍ଟଙ୍କ ରାୟକୁ ଭଲ ଭାବରେ ଅଧ୍ୟୟନ କରାଯାଇ ନାହିଁ ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ ।

### ୯ ଜଣଙ୍କୁ ...

ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା । ଏ ନେଇ ମୃତ ଆସିନଙ୍କ ସାନ ଝିଅ ମେଲିତା ପୁଟାସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ତଦନ୍ତ ମୁତାବକ ଗ୍ରାମରେ ଜଣେ ବ୍ୟକ୍ତି ସପ୍ନ ଦେଖିଥିଲେ ଯେ, ତାଙ୍କ ଗାଁର ଆସିନ, ଆମ୍ବେଲା ଓ ଝିଅ ଆସମନୀ ଗୁଣି ଗାରେଡ଼ି କରି ଗାଁର ଲୋକଙ୍କୁ ଅନାୟସରେ ହତ୍ୟା କରୁଛନ୍ତି । ଏହି ଅନ୍ଧବିଶ୍ୱାସ ତଥା ସପ୍ନାଦେଶକୁ ନେଇ ଗାଁର ୧୦ ଜଣ ବ୍ୟକ୍ତି ୩ ଜଣଙ୍କୁ ଏକ ଗାଈ ଗୁହାଳରେ ବାନ୍ଧି ଦେଇଥିଲେ । ସେମାନଙ୍କ ଆଗରେ ଆସିନଙ୍କ ସାନଝିଅ ମେଲିତାଙ୍କୁ ମଧ ବାନ୍ଧି ଦେଇଥିଲେ । ଏହାପରେ ସେମାନେ ତିନି ଜଣଙ୍କୁ ପ୍ରବଳ ମାଡ଼ ମାରିବା ଗୁଣିଗାରେଡ଼ି କରୁଥିବା ନେଇ ସ୍ୱୀକାର କରିବାକୁ ୩ ଜଣଙ୍କୁ ବାଧ କରାଯାଇଥିଲା । ହେଲେ ଏଥିରେ ସେମାନେ ଆଦୌ ରାଜି ନ ହେବାରୁ ସେମାନଙ୍କ ଶରୀରରେ ଜୋର୍ ଜବରଦସ୍ତ କୀଟନାଶକ ଇଞ୍ଜେକ୍‌ସନ୍ ଦେଇଥିଲେ । ହେଲେ ଇଞ୍ଜେକ୍ସନ ନେବା ପରେ ସେମାନଙ୍କ ମୃତ୍ୟୁ ନହେବାରୁ ତାଙ୍କୁ ଗାଁ ମୁଣ୍ଡରେ ଅମାନୁଷିକ ଭାବେ ହତ୍ୟା କରି ଅଭିଯୁକ୍ତମାନେ ପୋଡ଼ି ଦେଇଥିଲେ । ଏଭଳି ବିଭତ୍ସ ଘଟଣା ମେଲିତାଙ୍କ ଆଗରେ ଘଟିଥିବା ବେଳେ ଏହି ଘଟଣା ବାହାରେ ପ୍ରଘଟ ନ କରିବାକୁ ଅଭିଯୁକ୍ତ ମାନେ ଧମକ ଦେବା ସହ କଡା ଚେତାବାନୀ ମଧ ଦେଇଥିଲେ । ତେବେ ମେଲିତା କୌଶଳକ୍ରମେ ଘଟଣା ସ୍ଥଳରୁ ଖସି ଆସି ପୁଟାସିଂ ଥାନାରେ ଏ ସମ୍ପର୍କରେ ଏତଲା ଦାଏର କରିଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ମାମଲାର ପ୍ରତ୍ୟକ୍ଷଦର୍ଶୀ ମେଲିତା ଶବର, ତା' ମାମୁଙ୍କ ସମେତ ମୋଟ ୧୧ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ଆଧାରରେ ଗତ ବୁଧବାର ମାନ୍ୟବର ଏଡିଜେ ଡ. ଶୁଭେନ୍ଦୁ କୁମାର ପତି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତେବେ ଏଡିଜେ ତାଙ୍କ ରାୟକୁ ୪୮ ଘଣ୍ଟା ସଂରକ୍ଷିତ ରଖିବା ପରେ ଶୁକ୍ରବାର ୯ ଜଣ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲା ପରିଚାଳନା କରୁଥିଲେ ସରକାରୀ ଓକିଲ କୃଷନ ସେନାପତି ଓ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ ।

### ଡବ୍ଲୁ୍ୟସିଏଲ୍‌କୁ ...

ଘନିଷ୍ଠ ସମନ୍ୱୟ ରକ୍ଷା କରିବା ଜରୁରୀ । କିନ୍ତୁ ଯେଉଁ ସଂସ୍ଥାକୁ କୋଇଲା ଖଣି ଆବଣ୍ଟିତ ହୋଇଛି ତା'ର ମୁଖ୍ୟାଳୟ ନାଗପୁରରେ ରହିଥିବାରୁ ସ୍ଥାନୀୟ ସମସ୍ୟାର ସମାଧାନ ଠିକ୍ ଭାବେ ହେବା ସମ୍ଭବପର ନୁହେଁ । ଯାହାକି ପରବର୍ତ୍ତୀ ସମୟରେ କୋଇଲା ଖଣି ଖନନ କାର୍ଯ୍ୟକୁ ପ୍ରଭାବିତ କରିବ । ରାଜ୍ୟରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଏମ୍‌ସିଏଲ୍ ୨୦୧୭-୧୮ ଆର୍ଥିକ ବର୍ଷରେ ୧୪୩ ମିଲିୟନ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ଉତ୍ପାଦନ କରିଛି । ବିସ୍ଥାପିତ ଅଞ୍ଚଳର ଲୋକଙ୍କ ଥଇଥାନ ଓ ପୁନଃବସତି କ୍ଷେତ୍ରରେ ଏମ୍‌ସିଏଲ୍‌ର ଆଭିମୁଖ୍ୟ ବେଶ୍ ଭଲ । ଏମ୍‌ସିଏଲ୍ ସହ ରାଜ୍ୟର ଭାଗିଦାରୀ ମଧ ଅଧିକ ନିବିଡ଼ ହୋଇପାରିବ । ଯଦି ଏମ୍‌ସିଏଲ୍ ଏତେ ସଂଖ୍ୟକ କୋଇଲା ଖଣି ପରିଚାଳନା କରିବାରେ ଅସମର୍ଥ ହେଉଛି ତା'ହେଲେ ତାଳଚେର କୋଲ୍‌ଫିଲ୍ଡସ୍ ପାଇଁ ଅନ୍ୟ ଏକ ସହଯୋଗୀ ସଂସ୍ଥା ସ୍ଥାପନ କରିବା ଦିଗରେ ସିଆଇଏଲ୍ ବିଚାର କରିପାରିବ । ଆଇବି ଭ୍ୟାଲିରେ ଏମ୍‌ସିଏଲ୍ ନିଜର ଖନନ ପ୍ରକ୍ରିୟାକୁ ମଧ ତ୍ୱରାନ୍ୱିତ କରିପାରିବ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

### ଜଗମୋହନ ...

ମରାମତି ପାଇଁ ଜଗମୋହନ ଭକ୍ତଙ୍କ ପାଇଁ ଖୋଲାଯିବା ଉଚିତ ଏବଂ ଏହା ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର ଆବଶ୍ୟକ । ଜଗମୋହନ ନ ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାହାନା ନ ନେଉ । ସେହିପରି ଅଦାଲତ ଦର୍ଶାଇଥିଲେ ଯେ କିପରି ସାଧାରଣ ଭକ୍ତ ଜଗମୋହନ ଦର୍ଶନ କରିପାରିବେ ତାହା ହେଉଛି ମନ୍ଦିର ପ୍ରଶାସନର ଦାୟିତ୍ୱ । ମାମଲାର ଶୁଣାଣିବେଳେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନାଙ୍କ ପକ୍ଷରୁ ଅଦାଲତରେ ସତ୍ୟପାଠ ଦାଖଲ କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ ଗତ ମାର୍ଚ୍ଚ ୨୦ ତାରିଖରେ ଜଗମୋହନ ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲିବା ସମ୍ପର୍କରେ ଗଠିତ ମ୍ୟାନେଜିଂ କମିଟିରେ ଆଲୋଚନା ହୋଇଛି । ଏଥିରେ ନିଷ୍ପତ୍ତି ହୋଇଛି ଯେ ଭକ୍ତମାନେ ଜୟବିଜୟ ଦ୍ୱାର ଦେଇ ଜଗମୋହନ ଓ ନାଟମଣ୍ଡପ ଯାଇପାରିବେ । ତେବେ ଜୟବିଜୟ ଦ୍ୱାରରୁ ପଥର ଖସୁଥିବାରୁ ଏହାର ତୁରନ୍ତ ମରାମତି ଆବଶ୍ୟକ । ଏଥିପାଇଁ ୧୮୦ ଦିନ ସମୟର ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖ ଅକ୍ଷୟ ତୃତୀୟାରୁ ମହାପ୍ରଭୁଙ୍କ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ବିଭିନ୍ନ ପ୍ରସ୍ତୁତି ଓ କାର୍ଯ୍ୟ ଆରମ୍ଭ ହେବ । ଏହି ପରିପ୍ରେକ୍ଷୀରେ ନାଟମଣ୍ଡପକୁ ଏହାର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ୯୦ ଦିନ ପାଇଁ ହସ୍ତାନ୍ତର କରିବା ସମ୍ଭବପର ନୁହେଁ । ଏଣୁ ୨୦୧୮ ରଥଯାତ୍ରା ଶେଷ ପରେ ଏହା ସମ୍ଭବ ବୋଲି ଦାଖଲ ସତ୍ୟପାଠରେ କୁହାଯାଇଥିଲା । ତେବେ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ସମ୍ପର୍କରେ ସମସ୍ତ ଔପଚାରିକ କାର୍ଯ୍ୟ ଏପ୍ରିଲ୍ ୪ ତାରିଖରେ ଶେଷ ହୋଇଥିବା ସେଥିରେ ଉଲ୍ଲେଖ କରାଯାଇଥିଲା ।

# ସାଇବର କ୍ରାଇମ୍ ଉପରେ କର୍ମଶାଳା

**ଭବାନୀପାଟଣା :** ବର୍ତ୍ତମାନ ବିଜ୍ଞାନ ଯେତେ ଯେତେ ଆଗେଇ ଚାଲିଛି ସେହି ପରିମାଣରେ ସାଇବର କ୍ରାଇମ ମଧ ଦୃତ ଗତିରେ ସାରା ଭାରତ ବର୍ଷରେ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବା ଏବଂ ଲୋକମାନଙ୍କ ଭିତରେ ସଚେତନତା ଜାଗରଣ ସୃଷ୍ଟି କରିବା ପାଇଁ ଗତ ୮ ତାରିଖ ଦିନ ଭବାନୀପାଟଣା ମାରୱାଡି ଯୁବମଞ୍ଚ ତରଫରୁ ସ୍ଥାନୀୟ ହୋଟେଲ ଭାଗିରଥି ଇନ୍ ପରିସରରେ ସାଇବର କ୍ରାଇମ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଭବାନୀପାଟଣାର ରୋଶନଲାଲ ଅଗ୍ରୱାଲ ନାମକ ବ୍ୟବସାୟୀ କିପରି ୨ ଲକ୍ଷ ଟଙ୍କା ସାଇବର କ୍ରାଇମ ଦ୍ୱାରା ଠକେଇ ପଡିଥିଲେ ଏବଂ ପ ରବର୍ତ୍ତୀ ସମୟରେ ଶ୍ରୀ ଅଗ୍ରୱାଲ ଜିଲ୍ଲା ପୋଲିସ ସାଇବର କ୍ରାଇମ ବିଭାଗ ଓ ସାଇବର ବ୍ଲକ ଇଣ୍ଡିଆ ସହାୟତାରେ କିପରି ଠକେଇ ହୋଇଥିବା ଉକ୍ତ ଟଙ୍କା ଫେରି ପାଇଲେ ତା ପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ବର୍ତ୍ତମାନ ସାରା ଭାରତ ବର୍ଷରେ ସାଇବର କ୍ରାଇମ ଦିନକୁ ଦିନକୁ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ଉପାୟରେ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ସାଇବର କ୍ରାଇମ ଦ୍ୱାରା ଠକେଇ ହେବା ସହିତ ସାଇବର କ୍ରାଇମ ଦ୍ୱାରା ୱାଟସଫ୍, ଫେସବୁକ୍, ଟୁଇଟର ଆଦି ହେଙ୍ଗ କରାଯାଉଛି । ଯାହାକି ବହୁଲୋକ ସାଇବର କ୍ରାଇମ ଦ୍ୱାରା ଠକେଇରେ ପଡୁଛନ୍ତି । ଏହାର ସଚେତନତା ସୃଷ୍ଟି କରିବା ପାଇଁ ଭବାନୀପାଟଣା ମାରୱାଡି ଯୁବ ମଞ୍ଚ ତରଫରୁ ଗତ ୮ ତାରିଖ ଦିନ ସନ୍ଧ୍ୟାରେ ସ୍ଥାନୀୟ ହୋଟେଲ ଭାଗିରଥି ଇନ୍ ପରିସରରେ ଅନଲାଇନ ସେଫ୍‌ଟି ଓ ସାଇବର କ୍ରାଇମ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାକୁ କଳାହାଣ୍ଡି ଏସ୍‌ପି ସନ୍ଦିପ ସମ୍ପଦ ମାଦକର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ଦାଶ ଓ ଏଏସ୍‌ପି ଗୋପିନାଥ ମଣିପାତ୍ର, ଏସ୍‌ଡିପିଓ ଭବାନୀପାଟଣା ବିରଞ୍ଚି ନାରାୟଣ ଦେହୁରୀ, ଭବାନୀପାଟଣା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଏହି କର୍ମଶାଳାର ସାଇବର କ୍ରାଇମ ଉପରେ ପୁଙ୍ଖାନୁ ପୁଙ୍ଖ ତଥ୍ୟ ଓ ତାର ସଚେତନତା ଉପରେ ସାଇବର ବ୍ଲକ ଇଣ୍ଡିଆ ତରଫରୁ ସାଇବର କ୍ରାଇମ ବିଶେଷଜ୍ଞ ଅଭୟ ସିଂହ ଶାଗର ଓ ରବି ପାଗରିଆ ଯୋଗଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ମାରୱାଡି ଯୁବ ମଞ୍ଚର କୋଷାଧକ୍ଷ ଦିପକ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ସୁମନ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ ।

# ଅଭୟଦାୟୀ ମା' ମଲ୍ଲ୍ୟାଶୁଣୀ



ଉପସ୍ଥାପନା : କୈଳାସ ପରିଡ଼ା



ମା'ର ପଣତ ତଳେ ସନ୍ତାନ ଯେ ଅବଶ୍ୟ ସୁରକ୍ଷିତ ଏଥିରେ ତର୍କ କରିବାର କିଛି ନାହିଁ। ଦୁଃଖ ସୁଖ ସବୁ ସମୟରେ ତା'ରି ଚରଣ ତଳେ ଲୋଟିଗଲେ ମା' ଅବଶ୍ୟ ଅଭୟ ଦିଏ। ବିପତ୍ତି ଦାଉରୁ ରକ୍ଷା କରେ। ଜନ୍ମଦାତ୍ରୀ ଜନନୀଠାରୁ ଆଉ ଏକ ଶକ୍ତିମୟୀ, ଇଚ୍ଛାମୟୀ, କରୁଣାମୟୀ ଓ ମହିମାମୟୀ ମା' ମଲ୍ଲ୍ୟାଶୁଣୀ ସେ। ତା'ରି ଆରାଧନା କଲେ, ତା'ଠାରେ ଆପଣାକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କଲେ ଦୁଃଖ ନାହିଁ, ଶଙ୍କା ନାହିଁ। ଗଭୀର ଆତ୍ମାପ୍ରତ୍ୟୟ, ନିଷ୍ଠା ଓ ଭକ୍ତି ଜଣାଇଲେ ଦେବୀ ପ୍ରଫୁଲ୍ଲ ଚିତ୍ତରେ ଅଶେଷ କଲ୍ୟାଣର ବାରିଧାରା ମସ୍ତକରେ ଢାଳି ଦିଅନ୍ତି। ସେ ଦେବୀ ମା' ମଲ୍ଲ୍ୟାଶୁଣୀ। ବୌଦ୍ଧ ଚେତନାରେ ସେ ଭୈରବୀ। ମାନବୀୟ ପରିକଳ୍ପନାରେ ସୃଷ୍ଟି, ସ୍ଥିତି, ପ୍ରଳୟର ମହାଶକ୍ତି ଓ ବିଶ୍ୱ ଚେତନାରେ ସେ ପ୍ରଜ୍ଞା ପାରମିତା। ତନ୍ତ୍ର ମାନ୍ୟତାରେ ଭୈରବୀ । ମା' ମଲ୍ୟାଶୁଣୀ ସ୍ୱପ୍ନରେ ଭକ୍ତଙ୍କୁ ଦେଇଥାନ୍ତି ଦର୍ଶନ। ଅର୍ଦ୍ଧରାତ୍ରିରେ ତୁଳସୀ ବାସ୍ନା ସହ ରୁଣୁଝୁଣୁ ଶବ୍ଦରେ ମଲ୍ଲ୍ୟାଭୂଇଁ ହୋଇ ଉଠେ ନିନାଦିତ। ବିଶ୍ୱ କଲ୍ୟାଣାର୍ଥେ 'ମଲ୍ଲ୍ୟାଶୁଣୀ' ନାମରେ ବିରାଜିତ। ସାମ୍ବାଦିକ କୈଳାସ ପରିଡ଼ା (ବାବୁଲି)ଙ୍କ ସ୍ୱତନ୍ତ୍ର ପ୍ରତିବେଦନ....

ପାରାଦ୍ୱୀପ-ଦୈତାରୀ ୫ ନମ୍ବର ଜାତୀୟ ରାଜପଥ (ଏନଏଚ) ର 'କୁନ୍ଦଳ' ଏକ ପ୍ରମୁଖ ଛକ। ଛକରୁ କିଛି ବାଟ ଚାଲିଚାଲି ଗଲେ ଏକ ମନୋମୁଗ୍ଧକର ପ୍ରକ୍ୟତିକ ପରିବେଶ ମଧ୍ୟରେ ମା' ମଲ୍ଲ୍ୟାଶୁଣୀ ଦେବୀ ପୀଠ ଅବସ୍ଥିତ। ୪ ଶହ ବର୍ଷରୁ ଉର୍ଦ୍ଧ୍ୱ ହେଲା ମା' ପୂଜା ପାଇ ଆସୁଥିବାର କିମ୍ବଦନ୍ତୀ କୁହେ। ଇତିହାସର ଜନଶ୍ରୁତି ଅନୁଯାୟୀ ବହୁକାଳ ପୂର୍ବେ ଆଜିର ମା' ମଲ୍ଲ୍ୟାଶୁଣୀ ଦେବୀ ପୀଠ ଅଞ୍ଚଳଟି ନିଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଜଙ୍ଗଲରେ ବ୍ୟାଘ୍ର, ଭାଲୁଙ୍କ ଭଳି ହିଂସ୍ର ଜୀବଜନ୍ତୁ ରହୁଥିଲେ। ଜଙ୍ଗଲ ସନ୍ନିକଟରେ ରହିଥିଲେ କଂସାରୀ ରାଜା। ରାଜପ୍ରସାଦର ଦ୍ୱାରଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କଂସାର ହେତୁ ସେ 'କଂସାରୀ ରାଜା' ଭାବେ ଉତ୍କଳ ଭୂମିରେ ଥିଲେ ସର୍ବଜନବିଦୀତ। ଏକଦା କଣତା (ଅଧୁନା ଗରଗାଳି ଗାଁ)ର ନୈଷ୍ଠିକ ବ୍ରାହ୍ମଣ କାଙ୍ଗାଳି ଦାସ ଜଙ୍ଗଲକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟି ଫେରିଲା ବେଳକୁ ସଞ୍ଜ ନଇଁ ଆସୁଥାଏ। ଘାସ ପାଛିଆକୁ ମଥାରେ ଥୋଇ ଫେରୁଥିବାବେଳେ ଏକ ଅଲୌକିକ ଆଲୋକ ଦାସଙ୍କ ଆଖି ଆଗରେ କ୍ଷିପ୍ର ଗତିରେ ଯାଇ ଜଙ୍ଗଲରେ ମିଳେଇ ଯାଇଥିଲା। ମଧ୍ୟରାତ୍ରରେ କାଙ୍ଗଳି ଶୟନ କରିଥିବା ବେଳେ ସ୍ୱପ୍ନାଦେଶରେ ମା' ଦିବ୍ୟବଚନ ପ୍ରଦାନ କରିଥିଲେ। 'ମୁଁ ହରଙ୍କ କ୍ରୋଧାନ୍ୱିତର ଅଭିଶାପରେ ଏଠାରେ ପଡ଼ିରହିଛି। ମୁଁ ମାନବୀ ନୁହେଁ, ଦେବୀ। ମୋତେ ଏଠାରୁ ଉଦ୍ଧରି ପୂଜା କରିବାର ବ୍ୟବସ୍ଥା କରିବୁ'। ସ୍ୱପ୍ନାଦେଶ ଦେଇ କାଙ୍ଗଳି ଗାଁ ଲୋକଙ୍କୁ ଅବଗତ କରାଇବା ପରେ ସମସ୍ତେ ପୂଜା କରି ଭକ୍ତ ସ୍ଥାନ ଖୋଳିବାରୁ ଏକ ପାଷାଣ ପ୍ରତିମା ପାଇଲେ। ଏହି ପାଷାଣ ପ୍ରତିମା ମାଆ ମଲ୍ୟାଶୁଣୀ ରୂପରେ ପୂଜା ପାଇଲେ ଓ ଏବେ ବିଶ୍ୱକଲ୍ୟାଣୀମୟୀ ଭାବେ ଅଶେଷ କଲ୍ୟାଣ ସାଧିତ କରୁଥିବାରୁ ପ୍ରତ୍ୟକ୍ଷ ଠାକୁରାଣୀ ମା' ମଲ୍ୟାଶୁଣୀ ଭାବେ ପୂଜା ପାଉଛନ୍ତି। ମା'ଙ୍କ ବାମ ପାର୍ଶ୍ୱରେ ଗୋପୀନାଥ, ଦକ୍ଷିଣରେ ଜଟେଶ୍ୱର ମହାଦେବ, ସମ୍ମୁଖରେ ପ୍ରଭୂ ଶ୍ୟାମ ସୁନ୍ଦର ଭଳି ଅନେକ କ୍ଷୁଦ୍ର ବୃହତ ତୀର୍ଥ ସ୍ଥଳ ରହିଛି। ତୀର୍ଥମାନଙ୍କର ମଧ ଭାଗ ଦେବଭୂମି ମଲ୍ୟାଭୂଇଁରେ ମା' ମଲ୍ୟାଶୁଣୀ (ପଶ୍ଚିମାମୁଖୀ ମଙ୍ଗଳା) ଅବସ୍ଥାପିତ।

ପୌରାଣିକ ଆଖ୍ୟାନ

ହରିଦ୍ୱାରଠାରୁ ଅନତି ଦୂରରେ ଗଙ୍ଗା ନଦୀର ତିନୋଟି ଧାରା ମିଳିତ ହୋଇଛନ୍ତି। ଏହି ତୀର୍ଥସ୍ଥଳରେ ସ୍ନାନ ତର୍ପଣ ଆଦି କରିବା ଫଳରେ ପିତୃ ଋଣରୁ ମୁକ୍ତି ଲାଭ ମିଳେ ବୋଲି କଥିତ ଅଛି। ସତ୍ୟଯୁଗରେ ଏହି ପୀଠରେ ବ୍ରହ୍ମାଙ୍କ ପୁତ୍ର ଦକ୍ଷ ପ୍ରଜାପତି ଏକ ଯଜ୍ଞର ଆୟୋଜନ କରିଥିଲେ। ସଂସାରୀ ତ୍ୟାଗୀ, ଦିଗମ୍ବର ଶିବ ଦକ୍ଷଙ୍କର ଜାମାତା ଥିଲେ ହେଁ ସେ ଯଜ୍ଞକୁ ଆମନ୍ତ୍ରିତ ହୋଇନଥିଲେ। ମାତା ପାର୍ବତୀ ପିତାଙ୍କର ଏହି ଯଜ୍ଞରେ ଯୋଗ ଦେବା ପାଇଁ ଈଶ୍ୱରଙ୍କ ଅନୁମତି ପ୍ରାର୍ଥନା କରନ୍ତେ କ୍ରୁଦ୍ଧ ଶିବଙ୍କର ବାରଣ ସତ୍ତ୍ୱେ ମାତା ପାର୍ବତୀ ନିମନ୍ତ୍ରିତ ଭାବେ ପିତାଙ୍କର ଯଜ୍ଞରେ ଉପସ୍ଥିତ ହେଲେ। କନ୍ୟାକୁ ଦେଖି ଦକ୍ଷ ଆନନ୍ଦିତ ହେବା ପରିବର୍ତ୍ତେ ଶିବଙ୍କୁ ଭର୍ତ୍ସନା କରିବା ଆରମ୍ଭ କଲେ। ଅପମାନ ଜର୍ଜରିତ ଦେବୀ ଶିବଙ୍କ



ଅପମାନ ସହ୍ୟ କରିନପାରି ଯଜ୍ଞ କୁଣ୍ଡକୁ ଡେଇଁ ପ୍ରାଣ ବିସର୍ଜନ କଲେ। ମହେଶ୍ୱର ମହାଯୋଗେଶ୍ୱର ଶିବ ଧ୍ୟାନ ବଳରେ ଏହି କାଣ୍ଡ ସମ୍ପର୍କରେ ଅବଗତ ହୋଇ ମହାକାଳ ରୂପ ଧାରଣ କରି ଖଡଗା, ତ୍ରିଶୁଳ ସହ ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ। ପ୍ରଭୂଙ୍କର ମହାରୁଦ୍ର ରୂପ ସଂଦର୍ଶନରେ ଭୟଭୀତ ଦେବରଷି ସ୍ୱ ସ୍ୱ ଆସ୍ଥାନକୁ ପଳାୟନ କଲେ। କ୍ରୋଧ ଜର୍ଜରିତ ଶିବ ଦକ୍ଷ ପ୍ରଜାପତିଙ୍କର ଦର୍ପୋନ୍ନତ ମସ୍ତକକୁ ସ୍କନ୍ଧଚ୍ୟୁତ କଲେ ଏବଂ ଦେବୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଯଜ୍ଞକୁଣ୍ଡରୁ ପିଙ୍ଗି ମହାତାଣ୍ଡବ ନୃତ୍ୟ ଆରମ୍ଭ କଲେ। ସାରା ସୃଷ୍ଟିରେ ଧ୍ୱଂସର ଲୀଳା ଆରମ୍ଭ ହୋଇଗଲା ଏବଂ ରୁଦ୍ର କୋପାନଳରେ ସୃଷ୍ଟି ବିନାଶ ହେବାକୁ ବସିଲା। ଦେବଗଣ ଏହି ସଙ୍କଟରୁ ପରିତ୍ରାଣ ନିମିତ୍ତ କୃଷ୍ଣଙ୍କୁ ପ୍ରାର୍ଥନା କଲେ। ପରମପିତା ମହାବିଷ୍ଣୁ ଏହି ସଙ୍କଟର ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଲେ ଏବଂ ସ୍ୱୟଂ ଶଙ୍ଖ, ଚକ୍ର, ଗଦା, ପଦ୍ମରେ ଭୂଷିତ ହୋଇ ଦକ୍ଷଙ୍କ ଯଜ୍ଞସ୍ଥଳରେ ପହଞ୍ଚି ଅଦୃଶ୍ୟ ଭାବରେ ରହିଲେ। ସତୀ ଶିରୋମଣିଙ୍କ ଶବକୁ ପ୍ରଭୂ ଶିବ ଉପରକୁ ଫିଙ୍ଗନ୍ତେ ମହାବିଷ୍ଣୁ ସୁଦର୍ଶନ ଯୋଗେ



ଉକ୍ତ ଶରୀରକୁ ଖଣ୍ଡବିଖଣ୍ଡିତ କଲେ। ଖଣ୍ଡବିଖଣ୍ଡିତ ଅଂଶଗୁଡିକ ବିଚ୍ଛିନ୍ନ ହୋଇ ବିଭିନ୍ନ ସ୍ଥାନରେ ପଡିବା ଫଳରେ ଉକ୍ତ ସ୍ଥାନମାନଙ୍କରେ ଦେବୀପୀଠର ସୃଷ୍ଟି ହେଲା। ଶାସ୍ତ୍ରାନୁଯାୟୀ:

ବିମଳା ପାଦପୀଠଞ୍ଚ
ନପୀଠଞ୍ଚ ତାରିଣୀ
କାମାକ୍ଷୀ ଯୋନିପୀଠଞ୍ଚ
ମୁଖପୀଠଞ୍ଚ କାଳିକା
ହସ୍ତପୀଠଞ୍ଚ ମଲ୍ଲ୍ୟାଶୁଣୀ
କେଶପୀଠଞ୍ଚ ଗୋଜବାୟାଣୀ

ଉକ୍ତ ପୀଠଗୁଡିକ ମଧ୍ୟରେ ବିରଜା(ଯାଜପୁର), ବିମଳା(ପୁରୀ), ସମଲେଶ୍ୱରୀ(ସମ୍ବଲପୁର), ଚଣ୍ଡୀ(କଟକ), ଭଗବତୀ(ବାଣପୁର), ଶାରଳା(ଝଙ୍କଡ), ରାମଚଣ୍ଡୀ(କୋଣାର୍କ), ହିଙ୍ଗୁଳାଇ(ତାଳଚେର), ଗୌରୀ(ଭୁବନେଶ୍ୱର), ପଶ୍ଚିମାମୁଖୀ ମଙ୍ଗଳା(କଣତା, ଅଧୁନା ଗରଗାଳି), ମୋହିନୀ, ଭବାନୀ, ମାଳେଶ୍ୱରୀ, ବାଳିକା ଇତ୍ୟାଦି ଅନେକ ନାମ। ବ୍ରହ୍ମା ଏସବୁ ନାମ ଦେଇଥିବା କଥିତ ରହିଛି। କେଶରୀ ବଂଶର ରାଜା ଯଯାତିକେଶରୀ ବିରଜାକ୍ଷେତ୍ରରେ ଦଶାଶ୍ୱମେଧ ଯଜ୍ଞ ସମାପନ କରି ଫେରିବା ପଥରେ କଂସାରୀ ରାଜାଙ୍କ ପ୍ରାସାଦରେ ରାତ୍ରି ବିଶ୍ରାମ ନେଇଥିଲେ। ଯାହାକି ରାଜା ଘଞ୍ଚ ଜଙ୍ଗଲରେ ଏକ ଭୟାନକ ବିପତ୍ତିରୁ ଉଦ୍ଧାର ପାଇଥିବାରୁ ମା'ଙ୍କୁ ମଲ୍ୟାଶୁଣୀ ମା' ବୋଲି ସମ୍ବୋଧନ କରିଥିବା ସ୍ୱର୍ଗତ ମାଧବ ପଟ୍ଟନାୟକଙ୍କ ରଚିତ ବୈଷ୍ଣବ ଲୀଳାମୃତରେ ବର୍ଣ୍ଣିତ ହୋଇଛି। ସେଠାରେ ରାଜା ଯଯାତିକେଶରୀ ବଂଶର, କଂସାରୀ ରାଜାଙ୍କ ମିଳିତ ଉଦ୍ୟମରେ ଏକ ଭବ୍ୟ ମନ୍ଦିର ଗଢ଼ାଯାଇଥିଲା। ମନ୍ଦିରର ଅପୂର୍ବ କାରୁକାର୍ଯ୍ୟ ଐତିହ୍ୟ ସମ୍ପନ୍ନ ଭଗ୍ନାବଶେଷ, ମୂର୍ତ୍ତି ମଲ୍ଲ୍ୟାଭୂଇଁରୁ ମିଳିଥିବାରୁ ଏହାର ପ୍ରାମାଣିକ ତଥ୍ୟକୁ ପରିଦୃଷ୍ଟ କରୁଥିବା ପରି ମନେହୁଏ। ଐତିହ୍ୟପୂର୍ଣ୍ଣ ଭଗ୍ନାବଶେଷରେ ମା' କୋଳରେ ରତ୍ନ ଭଣ୍ଡାର ଧରିଥିବା ସହ ପୃଥିବୀକୁ ମୁଣ୍ଡାଇଥିବାର ବିଲକ୍ଷଣ ରହିଥିବାରୁ ମଲ୍ଲ୍ୟାଭୂଇଁ ସମ୍ପ୍ରତି ସାଧନାର ପୀଠଭାବେ ବିବେଚିତ ଓ ପରିଗଣିତ ହୋଇଛି। ମା'ଙ୍କ କ୍ଷେତ୍ରରେ ସାତରେଖା, ତିନି ନଦୀ, ତିନୋଟି ସିଦ୍ଧ ବିବର, ଦ୍ୱାଦଶ ମାଧବ, ଚାରି ଭୈରବ, ଅଷ୍ଟଚଣ୍ଡିକା, ଅଡ଼ଷଠଟି ତୀର୍ଥସ୍ଥାନ ଓ ସାତୋଟି କ୍ଷୁଦ୍ର ବ୍ୟହତ ପର୍ବତ ବିଦ୍ୟମାନ ହେତୁ ମା'ଙ୍କ ମହିମା ଏବେ ଲୋକଙ୍କ ମଧ୍ୟରେ ଅଗାଢ଼ ଧର୍ମୀୟଭାବନା ଜାଗ୍ରତ କରାଇବା ସହ ଆଶିଷ ପ୍ରଦାନ କରୁଥିବାରୁ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ପୂଜିତ।

ମା'ଙ୍କ ପୀଠରେ ପାଦ ଥାପିବା ମାତ୍ରେ ଭରିଯାଏ ପବିତ୍ରତା। ଅଗ୍ନି ସଂଯୋଗୀତ ସଳିତା ଜଳୁଥିବା ବେଳେ ପ୍ରବଳ ପବନରେ ବି ଲିଭେନାହିଁ। ପୀଠରେ କେହି ହୁକୁମ କରନ୍ତି ନାହିଁ, ହୁକୁମ ଦିଅନ୍ତି ମା' ନିଜେ। ମା'ଙ୍କ କରୁଣାରୁ ଅନେକ ଭକ୍ତ ରୋଗ, ବ୍ୟାଧି ଭଳି ସମସ୍ୟାରୁ ଆରୋଗ୍ୟ ଲାଭ କରିଛନ୍ତି। ଅଷ୍ଟମୀ, ସଂକ୍ରାନ୍ତି, ପୂର୍ଣ୍ଣିମା, ଅମାବାସ୍ୟା, ଚତୁର୍ଦ୍ଦଶୀ ମଙ୍ଗଳବାର, ଗୁରୁବାରରେ ଯଥାବିଧି ସ୍ନାନକରି ଯେଉଁମାନେ ମା' ମାଲ୍ୟାଶୁଣୀ ଦେବୀଙ୍କୁ ଦର୍ଶନ କରନ୍ତି, ସେମାନେ ଅଭିଷ୍ଟ ଫଳ ଲଭିଥାନ୍ତି। ଶାସ୍ତ୍ରରେ ଅଛି, ଆଠଦିନ କାଶୀରେ ଗୋଟିଏ ଦିନ ଅହୋରାତ୍ର ପୁରୁଷୋତ୍ତମ କ୍ଷେତ୍ରରେ ବାସ କରିବାରେ ମନୁଷ୍ୟ ଯେଉଁ ଫଳ ପାଇଥାଏ, ମା' ମାଲ୍ୟାଶୁଣୀଙ୍କ ମୁଖ ଦର୍ଶନରେ ସେହି ଫଳ ମିଳିଥାଏ। ମା' ପ୍ରତ୍ୟହ ତିଥିବାର ଅନୁଯାୟୀ ବିଭିନ୍ନ ରଙ୍ଗର ଶାଢ଼ୀ ପିନ୍ଧନ୍ତି। ଯାହା ଶାସ୍ତ୍ରାଦି ମତେ ହୁଏ। ସ୍ୱର୍ଣ୍ଣ, ରୂପା ଅଳଙ୍କାରରେ ମା' ଆଭୂଷିତ ହୋଇ ବରପ୍ରଦାନ କରିଥାନ୍ତି। ପୁଷ୍ପଗୁଚ୍ଛ ହୋଇ ବରପ୍ରଦାନ କରିଥାନ୍ତି। ପୁଷ୍ପଗୁଚ୍ଛରେ ମା'ମଲ୍ୟାଶୁଣୀ କଲ୍ୟାଣମୟୀ ପାଲଟି ଯାଇଥାନ୍ତି। ଶ୍ରୀ ରାମ ନବମୀଠାରୁ ସପ୍ତଶତୀ ଚଣ୍ଡୀପାଠର ଆୟୋଜନ ଅନନ୍ୟ। ପୀଠେ ମହାହୋମ ଅନୁପମ। ଫଳରେ ମା' ଅଞ୍ଚଳବାସୀଙ୍କ ନିଜ କୂଳର ଇଷ୍ଟ ଦେବତା ବୋଲି ବିଶ୍ୱାସ କରିଆସୁଥିବା କଥିତ ଅଛି। ସବୁ ମଙ୍ଗଳ କାର୍ଯ୍ୟରେ ମା'ଙ୍କୁ ସର୍ବପ୍ରଥମେ ଆବାହନ, ପୂଜାର୍ଚ୍ଚନା କଲେ ଅଶେଷ କୃପା ମିଳିଥାଏ। ମା'ଙ୍କ ସମ୍ମୁଖରେ ଥିବା ଗଡ଼ରେ ବିରାଜିଛନ୍ତି ମଲ୍ୟାବୁଢା। ମଲ୍ୟାଭୂଇଁରେ ଗଢିଉଠିଛି ମଲ୍ୟାଶୁଣୀ ବିଦ୍ୟାପୀଠ, ଗରଗାଳି ଓ ମଲ୍ୟାଶୁଣୀ ଶିଶୁ ମନ୍ଦିର ଗରପାଲି। ମା'ଙ୍କ ଆଶିଷ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତିତ୍ୱ ହାସଲ କରି ବିଭିନ୍ନ ସ୍ତରରେ ଅବସ୍ଥାପିତ ହେବା ଏକ ଅନୁପମ ଅନୁଭୂତ ହୋଇଛି।

*ସାମ୍ବାଦିକ, ଗରଗାଳି, ଯାଜପୁର*





## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ

**ଖୋରଧା :** ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବିଭାଗୀୟ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମିଳନୀ କକ୍ଷରେ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଭୁବନେଶ୍ୱର ଲୋକସଭା ସାଂସଦ ଡ଼ଃ.ପ୍ରଶନ୍ନ କୁମାର ପାଟଶାଣୀ ସ୍ୱାଗତ ଭାଷଣ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ଉପରେ



ଆଲୋକପାତ କରିଥିଲେ। ଖୋରଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଜିଲ୍ଲା ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସଂଗେ ସଂଗେ ହସପିଟାଲରେ ବ୍ୟବହୃତ ହେଉଥିବା ଏ.ସି ଏବଂ ଫ୍ୟାନ ଗୁଡ଼ିକ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋରଧାର ବିଧାୟକ ରାଜେନ୍ଦ୍ର କୁମାର ସାହୁ ହସପିଟାଲର ମୁଖ୍ୟରାସ୍ତାକୁ ଚଉଡ଼ା କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ କମିଟି କରି ଜାଗା ଏନକ୍ଲୋଜ କରି ତାର ପ୍ରତିକାର କରିବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡ଼ି.ପି.ଏମ୍ ଶ୍ରୀମତୀ ଗୀତାଞ୍ଜଳି ଦାଶ ଏନ.ଏଚ୍.ଏମ୍ କାର୍ଯ୍ୟକ୍ରମ ଉପରେ ଦୃଷ୍ଟିପାତ କରିଥିଲେ। ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଟାଙ୍ଗୀ ଏବଂ ଅନ୍ୟାନ୍ୟ ହସପିଟାଲର ଆନୁସାଙ୍ଗିକ ସୁବିଧା ଏବଂ ଅସୁବିଧା ଉପରେ ଦୃଷ୍ଟିପାତ କରିଥିଲେ। ଅଧକ୍ଷ ବ୍ଲକ୍ ସମିତି ନିଜ ନିଜ ବ୍ଲକ୍‌ରେ ଥିବା ସ୍ୱାସ୍ଥ୍ୟ ସେବା ଉପରେ ସୂଚନା ଦେଇଥିଲେ। ଏହି ସଭାରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଜନ୍ମ ମାଟିରେ ରାଜ୍ୟସଭା ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ବିପୁଳ ସମ୍ବର୍ଦ୍ଧନା

**ଜଗତସିଂହପୁର :** ଜନ୍ମ ମାଟି ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରକାଶ ଥାଉକି, ନବନିର୍ବାଚିତ ସାଂସଦ ପ୍ରଫେସର ସାମନ୍ତ ରାଜ୍ୟସଭାରେ ଶପଥ ନେଇ ଦିଲ୍ଲୀରୁ ପ୍ରଥମେ ଜନ୍ମ ସ୍ଥାନ କଲରାବାଙ୍କ ଗ୍ରାମକୁ ଆସିଥିଲେ। ଏହି ଅବସରରେ ସାଂସଦ ଶ୍ରୀଯୁକ୍ତ ସାମନ୍ତଙ୍କୁ ଗ୍ରାମ ଆରମ୍ଭରୁ ହଜାର ହଜାର ଶୁଭେଚ୍ଛୁ, ଗ୍ରାମବାସୀ, ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ଆଣିଥିଲେ । କଲରାବାଙ୍କ ନୀଳିମାରାଣୀ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ପୁରୋଧା ଭାବେ ୧୦୮ ହନୁମାନ ମନ୍ଦିରର ଅଧକ୍ଷ ବାବା ରାମ ନାରାୟଣ ଦାସ ଯୋଗଦେଇ ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ନିଷ୍ଠାର ସହ ଆଜକୁ ୩୦ ବର୍ଷ ଧରି ଶିକ୍ଷାର ଉନ୍ନତି ପାଇଁ ଏବଂ ସମାଜସେବା କାର୍ଯ୍ୟ କରୁଥିବାରୁ ଆଜି ସେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି । ବାବା ରାମନାରାୟଣ ଦାସ ଆହୁରି କହିଲେ ଯେ, ପ୍ରଫେସର ସାମନ୍ତଙ୍କ ଈଶ୍ୱର ବିଶ୍ୱାସ, ଏକାଗ୍ରତା ଓ କର୍ମ ଯୋଗୁ ସେ ଆଜି କେବଳ ଓଡିଶାର ନୁହଁନ୍ତି ସମଗ୍ର ଭାରତ ବର୍ଷର ଗୌରବ ବୋଲି କହିଥିଲେ । ଏହି ସମାରୋହରେ ଜାତୀୟ ଭାଷା ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ସଭାପତି ବିଜୟ କୁମାର ସ୍ୱାଇଁ ସମଗ୍ର ବିଶ୍ୱରେ ଗୋଟିଏ ଭଲ ମଣିଷ ଆଜି ଅଭାବ ଦେଖାଦେଇଥିବାବେଳେ ନବନିର୍ବାଚିତ ରାଜ୍ୟ ସଭା



ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଜଣେ ରାଜ୍ୟ, ଦେଶ ତଥା ବିଶ୍ୱର ଅତି ଭଲ ମଣିଷ ଅଟନ୍ତି । ଜଣେ ଭଲ ମଣିଷକୁ ଏତେଦିନ ପରେ ରାଜ୍ୟସଭାକୁ ମନୋନୀତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶ୍ରୀ ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ । ଶ୍ରୀ ସ୍ୱାଇଁ ଆହୁରୀ କହିଲେ ଯେ, ପ୍ରଫେସର ସାମନ୍ତଙ୍କ ବାଲ୍ୟ କାଳ ଅତ୍ୟନ୍ତ ଅଭାବ, ଅନାଟନ ଓ ଦାରିଦ୍ର୍ୟର ଚରମ ସୀମାରେ ପହଂଚିଥିଲା । ଏହି ଦାରିଦ୍ର ସହ ସଂଗ୍ରାମ କରି ଜନଜାତି ପିଲାମାନଙ୍କର ଶିକ୍ଷାର ଉନ୍ନତି ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ଏବଂ ସର୍ବ ପ୍ରଥମ କିସ୍ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ପ୍ରଫେସର ସାମନ୍ତ ଜଣେ ଆନ୍ତର୍ଜାତିକ ସମାଜସେବି ଓ ବିଶିଷ୍ଟ ଶିକ୍ଷାବିତ୍। ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିବାରୁ ତାହା କେବଳ ଓଡିଶା ନୁହେଁ ଭାରତ ବର୍ଷର ଗର୍ବ ଓ ଗୌରବ ଅଟନ୍ତି । ସାଂସଦ ଶ୍ରୀ ସାମନ୍ତ ରାଜ୍ୟ ସଭାରେ ବିଜୁ ଜନତା ଦଳର ଦାବିକୁ ଉପସ୍ଥାପନ କରି ରାଜ୍ୟକୁ ଭାରତ ବର୍ଷର ୧ନଂ ଆଦର୍ଶ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି କହିଥିଲେ । ଏଥିରେ ନୀଳିମାରାଣୀ ମେମୋରିଆଲ୍ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ଅନ୍ତର୍ଯାମୀ ସାମନ୍ତ ପୌରହିତ୍ୟ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ରାଜ୍ୟ ସଭା ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ କହିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋର ଭଲ କାମକୁ ସ୍ୱୀକୃତି ଦେଇଛନ୍ତି ଏବଂ ମୋତେ ରାଜ୍ୟ ସଭାକୁ ପଠାଇଥିବାରୁ ମୁଁ ତାଙ୍କ ନିକଟରେ ଚିର ଋଣି ଓ କୃତଜ୍ଞ । ଶ୍ରୀ ସାମନ୍ତ ଆହୁରୀ କହିଲେଯେ, ମୋର ପିଲା ଦିନ ସଂଘର୍ଷ ପୂର୍ଣ୍ଣ ଜୀବନ ଅଟେ । ଅନେକ ସଂଘର୍ଷ କରି ମୋ ପୂଜ୍ୟା ମା ନୀଳିମାଦେବୀଙ୍କର ଆଦେଶ ଅନୁଯାୟୀ ମୁଁ ଧନ ଚୋରି କରିନାହିଁ କିମ୍ବା ମାତୃଜାତୀ ପ୍ରତି ଅସମ୍ମାନ କରିନାହିଁ । ମୋର ନିନ୍ଦୁକମାନେ ଯେତେ ନିନ୍ଦା କରିବେ ତାହା ମୋ ପାଇଁ ଅଧିକ କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇବ । ସେ ଆହୁରି କହିଲେ ଯେ, ଭଗବାନ ଯାହାକୁ ଚାରି ହାତରେ ଆଶୀର୍ବାଦ କରିବେ ମଣିଷ ଦୁଇ ହାତରେ ତାର କିଛି ବିଗାଡି ପାରିବନାହିଁ । ଏଥିରେ ଗ୍ରାମ ସମିତି ସଭାପତି ଅଞ୍ଜନ କୁମାର ସାମନ୍ତ, ସମ୍ପାଦକ ଅଭିନ ଚନ୍ଦ୍ର କେସ, ସାଂସଦ ଶ୍ରୀ ସାମନ୍ତଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଡିଶାର ୮୨ ଗୋଟି ଅନୁଷ୍ଠାନ ପକ୍ଷରୁ ସାଂସଦ ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କାଦମ୍ବିନୀ ସାମ୍ପାଦିକା ଡ. ଇତି ସାମନ୍ତ ପରିଚାଳନା କରିଥିବାବେଳେ ଦୁର୍ଗାଚରଣ ସାମନ୍ତ ଧନ୍ୟବାଦ ଦେଇଥିଲେ।






PLOT FOR SALE @ BHUBANESWAR



Yellow Zone, 30ft wide Road
Mouza - Dakhina Mundamuhan
(Near CV Ramana Collage)
100ft Proposed BDA Road
Contact Immediately
8658607286 / 8917571455

30ft Internal Road
Mouza - Pandiapada
Contact Immediately :
8658607286
8917571455



# ପଣ୍ୟ କାରବାରରେ ସହଯୋଗୀ ସଂସ୍ଥାକୁ ସମ୍ବର୍ଦ୍ଧିତ କରିବ ପାରାଦୀପ ବନ୍ଦର




**ପାରାଦୀପ :** ପାରାଦୀପ ବନ୍ଦର ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ୧୦୨ ମିଲିୟନ ମେଟ୍ରିକ ଟନ ପଣ୍ୟ କାରବାର କରି ଏବଂ ରେକର୍ଡ ଓ କିର୍ତ୍ତିମାନ ସ୍ଥାପନ କରିଥିଲେ । ଏ ପରିପ୍ରେକ୍ଷୀରେ ବନ୍ଦର ପ୍ରଶାସନ ସାତ ଦିନ ବ୍ୟାପି ଉତ୍ସବ ପାଳନ କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏ ଏଥିରେ ସହଯୋଗ କରିଥିବା ସମସ୍ତ ସଂସ୍ଥା ଏବଂ ମୁଖ୍ୟତଃ ଭାବରେ ବନ୍ଦର ପଣ୍ୟ କାରବାରରେ ସହଯାଗୀ ପ୍ରକାଶ ଯେ ଚଳିତ ବର୍ଷ ପଣ୍ୟ କାରବାରରେ ବିଭିନ୍ନ କ୍ଷେତ୍ରରେ ଲାଭ କରିଥିବା ସଂସ୍ଥା ଗୁଡ଼ିକୁ ବନ୍ଦର ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରିବାର ଯୋଜନା ରହିଛି । ତେବେ ପଣ୍ୟ ଆମଦାନୀ କ୍ଷେତ୍ରରେ ଆଇଓସିଏଲ୍ ୨୯-୧୧ ମିଲିୟନ ମେଟ୍ରିକ ଟନ (ଏମ୍ଏମ୍‌ଟି) କାରବାର କରି ପ୍ରଥମ ସ୍ଥାନରେ ଥିବାବେଳେ ଭୂଷଣ ଷ୍ଟିଲ ଲିମିଟେଡ୍ ୫.୩ ଏମ୍.ଏମ୍‌ଟି ଏବଂ ଇଫକୋ ୩.୯ ଏମ୍.ଏମ୍‌ଟି କାରବାର କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟାନ୍ୟ ପଣ୍ୟ ରପ୍ତାନୀ କ୍ଷେତ୍ରରେ ଟିଏନଜିଇଡିସିଓ ୮.୩୨୩ ଏମ୍ଏମ୍‌ଟି, ଏସାରଷ୍ଟିଲ ୪.୨୯୨ ଏମ୍ଏମ୍‌ଟି ଓ ଏନ୍‌ଟିଇସିଏଲ ୩.୮୬୮ ପଣ୍ୟ କାରବାର କରି ଯଥାକ୍ରମେ ପ୍ରଥମେ, ଦ୍ୱିତୀୟ, ଓ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ଷ୍ଟିଭେଡୋରିଙ୍ଗ କ୍ଷେତ୍ରରେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ ଚଳିତ ବର୍ଷ ୧୨.୬୧୧ ଏମ୍ଏମ୍‌ଟି ପଣ୍ୟ କାରବାର କରି ପୂର୍ବବର୍ଷ କରି ପ୍ରଥମ ସ୍ଥାନ ବଜାୟ ରଖିଥିବାବେଳେ ରିପ୍ଲେ ଆଣ୍ଡ କୋ ୪.୫୦୩ ଏମ୍ଏମ୍‌ଟି ଓ ଏସିଇ କମରସିଆଲ ପ୍ରାଇଭେଟ ଲିମିଟେଡ ୩.୯୭୩ ଏମ୍ଏମ୍‌ଟି ପଣ୍ୟ କାରବାର କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ସିପିଙ୍ଗ ଏଜେଣ୍ଟ ବିଭାଗରେ ସିଟ୍ରନ୍ସ ସିପ୍ ମ୍ୟାନେଜମେଣ୍ଟ ସର୍ଭିସ ପ୍ରା.ଲିଃ ୨୪୨ ଟି ଜାହାଜ, ଏଭରେଟ ଇଣ୍ଡିଆ ପ୍ରା.ଲିଃ ୨୨୫ ଜାହାଜ ଓ ଆଟଲାଣ୍ଟିକ ସିପିଙ୍ଗ ପ୍ରା.ଲିଃ ୧୭୪ ଜାହାଜ କାରବାର କରି ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

## ଗୃହ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ

# ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ବଢ଼ିଛି



**ଭୁବନେଶ୍ୱର :** ଓଡ଼ିଶାରେ ପୂର୍ବବର୍ଷ ତୁଳନାରେ ଧର୍ତ୍ତବ୍ୟ ଅପରାଧ ମାମଲା ବଢ଼ିଛି । ଦୁଷ୍କର୍ମ, ଚୋରି, ଲୁଟ୍, ରାହାଜାନି,ମୋଟରଯାନ ଦୁର୍ଘଟଣା ବୃଦ୍ଧି ପାଇଥିବାବେଳେ ହତ୍ୟା,ଡକାୟତି ମାମଲା ହ୍ରାସ ପାଇଛି । ତେବେ ଉଦ୍‌ବେଗଜନକ ଭାବେ ରାଜ୍ୟରେ ୬ଜଣ ମହିଳା ଦୈନିକ ଦୁଷ୍କର୍ମର ଶିକାର ହୋଇଛନ୍ତି । ୨୦୧୬ ମସିହାରେ ରାଜ୍ୟରେ ମୋଟ ୧ଲକ୍ଷ ୩ହଜାର ୬୦୨ଟି ଧର୍ତ୍ତବ୍ୟ ମାମଲା ରୁଜୁ ହୋଇଥିବାବେଳେ ୨୦୧୭ ମସିହାରେ ଏହା ୧ଲକ୍ଷ ୩ହଜାର ୮୬୬କୁ ବୃଦ୍ଧି ପାଇଛି । ୨୦୧୫ ମସିହାରେ ମୋଟ ୧ଲକ୍ଷ ୩ହଜାର ୨୦୦ ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିଲା । ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଅନୁସାରେ ୨୦୧୭ ମସିହାରେ ରାଜ୍ୟରେ ୨୨୨୧ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବାବେଳେ ୨୦୧୬ରେ ୨୧୪୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଥିଲା । ତେବେ ୨୦୧୭ ମସିହାରେ ୩୯୩୫ ସିନ୍ଧିଚୋରି, ୯୦୮୩ଟି ଚୋରି , ୨୯୬୦ଟି ଠକେଇ, ୨୦୪୮ଟି ଲୁଟ୍, ୧୨୬୭ଟି ହତ୍ୟା, ୫୩୪ଟି ଡକାୟତି, ୧୦୮୫୫ଟି ମୋଟର ଯାନ ଦୁର୍ଘଟଣା ମାମଲା ପଞ୍ଜିକୃତ ହୋଇଛି । ତେବେ ୨୦୧୬ ମସିହାରେ ରାଜ୍ୟରେ ୪୦୦୪ଟି ସିନ୍ଧିଚୋରି, ୯୦୪୪ଟି ଚୋରି, ୨୦୧୨ଟି ଲୁଟ୍, ୧୩୨୮ଟି ହତ୍ୟା, ୩୧୯୭ଟି ଠକେଇ ଓ ୧୦,୫୩୨ଟି ମୋଟର ଯାନ ଦୁର୍ଘଟଣା ମାମଲା ପଞ୍ଜିକୃତ ହୋଇଥିଲା । ସେହିପରି ୨୦୧୭ ମସିହାରେ ରାଜ୍ୟରେ ନକ୍ସଲ ସମସ୍ୟା ଅପେକ୍ଷାକୃତ ଭଲ ରହିଛି । ବର୍ଷକ ମଧ୍ୟରେ ପୁଲିସ୍ ପ୍ରୟାସ ଯୋଗୁ ନକ୍ସଲଙ୍କ ସହ ମୋଟ ୧୫ଟି ଘଟଣାରେ ଗୁଳି ବିନିମୟ ହୋଇଛି । କିନ୍ତୁ ୨୦୧୬ରେ ନକ୍ସଲଙ୍କ ସହ ୩୩ଥର ଗୁଳି ବିନିୟମ ହୋଇଥିଲା । ସେହିପରି ୨୦୧୭ ମସିହାରେ ୭ଜଣ ନକ୍ସଲ କ୍ୟାଡ଼ର ପ୍ରାଣ ହରାଇଥିବାବେଳେ ୩୫ଜଣ ଗିରଫ ଓ ୨୬ଜଣ ଆତ୍ମସମର୍ପଣ କରିଥିଲେ । ୨୦୧୭ ମସିହାରେ ରାଜ୍ୟରେ କୌଣସି ଆତଙ୍କବାଦୀ ଗତିବିଧି ହୋଇନଥିବା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଜଣାପଡ଼ିଛି । ସେହିପରି ୨୦୧୭ ମସିହାରେ ରାଜ୍ୟରେ ମୋଟ ୫୫୬୨ଟି ଯୌତୁକ ମାମଲା ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୩୩୪୭ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି । ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ହିଂସାର ୨୬୨୯ଟି ମାମଲା ରୁଜୁ ହୋଇଥିବାବେଳେ ୯୨୭ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି । ୨୦୧୭ରେ ରାଜ୍ୟ ମାନବାଧିକାର କମିଶନ ମୋଟ ୭୭ଟି ଅଭିଯୋଗ ପାଇଥିବାବେଳେ ରାଜ୍ୟ ମହିଳା କମିଶନ ୪୦ଟି ଅଭିଯୋଗ ପାଇଥିଲେ । ରାଜ୍ୟରେ ଭିଆଇପିଙ୍କ ସୁରକ୍ଷା ପାଇଁ ୧୩୨୨ରୁ ଉର୍ଦ୍ଧ୍ୱ ଅଫିସରଙ୍କୁ ପ୍ରଶିକ୍ଷିତ ଦିଆଯାଇଛି ।

# ନକ୍ସଲ ହିଂସା ଜାରି ରହିଲେ ଦୃଢ଼ ହସ୍ତରେ ଦମନ କରାଯିବ : ଡିଜିପି



**ରାୟଗଡା :** ମାଓବାଦୀ ନିଜ ଲକ୍ଷ୍ୟ ହାସଲ ପାଇଁ ନିରୀହଙ୍କୁ ହତ୍ୟା କରୁଛନ୍ତି । ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ । ମୁଖ୍ୟସ୍ରୋତକୁ ଫେରିଲେ ମାଓବାଦୀଙ୍କ ଲକ୍ଷ୍ୟ ପୂରଣ ପାଇଁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ କରାଯିବ । ନକ୍ସଲମାନେ ଯଦି ହିଂସା ଜାରି ରଖନ୍ତି ତାହାହେଲେ ଦୃଢ ହସ୍ତରେ ଦମନ କରାଯିବ ବୋଲି ରାୟଗଡା ଗସ୍ତରେ ଆସି ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରଶାଦ ଶର୍ମା କହିଛନ୍ତି । ରାୟଗଡା ଜିଲ୍ଲା ନିୟମଗିରି ଅଞ୍ଚଳର ସକଟାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଡିଭିଏଫ ଯବାନ ସଞ୍ଜୟ ମାଝିଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ଗୃହ ବିଭାଗ ଗୁରୁତର ସହ ଗ୍ରହଣ କରିଛି । ଏହି ଘଟଣାର ୪୮ ଘଣ୍ଟା ପୂରି ନଥିବା ବେଳେ ଅଚନାକ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା, ଏଡିଜି (ଅପରେସନ) ଆର ପି କୋଚେ ଗୁଇନ୍ଦା ବିଭାଗ ଏଡିଜି ଆର.କେ ଶର୍ମା, ଏସ୍‌ଆଡବ୍ଲ୍ୟୁ ଏଡିଜି ଘନଶ୍ୟାମ ଉପାଧ୍ୟାୟ ପ୍ରମୁଖ ହେଲିକପ୍ଟର ଯୋଗେ ସେଠାକୁ ଯାଇଥିଲେ । ସେଠାରୁ ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟରେ ରାୟଗଡା ସମେତ ପଡୋଶୀ କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଜିଲ୍ଲାରେ ମାଓବାଦୀଙ୍କ ସ୍ଥିତି ଓ ଗତିବିଧି ସଂପର୍କରେ ସମୀକ୍ଷା କରିଥିଲେ । ପଡୋଶୀ ଜିଲ୍ଲା ପୋଲିସ ଏବଂ ଫୋର୍ସ ସହ ସମନ୍ୱୟ ରକ୍ଷାକରୀ ଯୁଗ୍ମ କମ୍ବିଂ ଅପରେସନ ଉପରେ ଡିଜି ଡ. ଶର୍ମା ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଏସ.ସାଇନି, ରାୟଗଡା ଏସ୍.ପି ରାହୁଲ ପି. ଆର, କୋରାପୁଟ ଏସ୍‌ପି କେ.ବି ସିଂ, କନ୍ଧମାଳ ଏସ୍‌ପି, ସିଆରପିଏଫ୍ ଡିଆଇଜି ହରି ଜିନ୍ଦର ସିଂହ, ଏସଓଜି କମାଣ୍ଡାଣ୍ଟ, ରାୟଗଡା ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର, ଗୁଣପୁର ଉପ-ଜିଲ୍ଲାପାଳ ଅମ୍ରିତ ରତୁରାଜ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ୨ ଘଣ୍ଟା ଧରି ସମୀକ୍ଷା ପରେ ଡି.ଜି ଗଣମାଧମକୁ ସୂଚନା ଦେଇ ଲ୍ୟାଣ୍ଡମାଇନ ବିସ୍ଫୋରଣ ପରେ ଜିଲ୍ଲାରେ ମାଓବାଦୀ ସକ୍ରୀୟ ଥିବା ସ୍ପଷ୍ଟ ହୋଇଛି । ତେଣୁ ମାଓଦମନ ପାଇଁ ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ । ଏହି ଅବସରରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟଣାରେ ସହୀଦ ସଞ୍ଜୟ ମାଝୀଙ୍କ ବାପାଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଡିଜି ଭେଟିବା ସହ ସମବେଦନା ଜଣାଇଥିଲେ । ତାଙ୍କ ପରିବାରର ଜଣକୁ ଚାକିରୀ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ତରଫରୁ କ୍ଷତି ପୂରଣ ବାବଦକୁ ୧୬ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିବାପରେ ଆକାଶ ମାର୍ଗରୁ ସ୍ଥିତି ଅନୁଧ୍ୟାନ କରି ପୁଣି ଭୁବନେଶ୍ୱର ଫେରି ଯାଇଥିଲେ ।

# ପାରାଦୀପ ରାସ୍ତା ପାଲଟିଛି ମରଣଯନ୍ତା



**ପାରାଦୀପ :** ସାରା ଦେଶରେ ପାରାଦୀପ ବନ୍ଦରର ସଫଳତା ଚର୍ଚ୍ଚାରେ ଥିବାବେଳେ ବନ୍ଦର ସହରର ପରିବେଶ ଓ ରାସ୍ତାଘାଟ ଏବେ ମରଣଯନ୍ତା ପାଲଟିଛି । ସଂପ୍ରତିକ ପରିସ୍ଥିତିରେ ସହରବାସୀ ପ୍ରଦ୍ୟୁଷଣ ଜନିତ କଷ୍ଟ ଭୋଗ କରୁଥିଲା ବେଳେ ବନ୍ଦରର ଅଧାପାନ୍ତରିଆ କାର୍ଯ୍ୟ ଏହି କଷ୍ଟକୁ ଦ୍ୱିଗୁଣିତ କରିଛି । ଜଦିଓ ବନ୍ଦର ପ୍ରଶାସନ ରାସ୍ତାଘାଟର ମରାମତି ଓ ନୂତନ ପାଇପଲାଇନ୍ କାର୍ଯ୍ୟ ଆରମ୍ଭ କରିଛନ୍ତି । କିନ୍ତୁ ବହୁ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ ଛକରେ ମାସାଧିକାଳ ହେବ କାର୍ଯ୍ୟ ବନ୍ଦ ଯୋଗୁ ଅନ୍ତେବାସୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେବେଳେ ଯେ ଏସବୁ କାରଣୁ ବଡ ଧରଣର ଦୃର୍ଘଟଣା ଘଟିବ । ତାହା କେବଳ ଦେଖିବାକୁ ବାକି ରହିଛି । ବନ୍ଦରର ଉନ୍ନତି ଓ ପଣ୍ୟ କାରବାରରେ ଉତ୍କର୍ଷତା ଆଣିବା ପାଇଁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏଙ୍କ ପ୍ରଚେଷ୍ଟା ଓ ତତ୍‌ଜନୀତ ବ୍ୟସ୍ତତାର ସୁଯୋଗ ନେଇଁ ବନ୍ଦରରୁ ମୋଟା ଅଙ୍କର ଦରମା ପାଉଥିବା ଓ ଏସବୁ କାର୍ଯ୍ୟ ଦେଖିବାପାଇଁ ନିଯୁକ୍ତ ବିଭାଗୀୟ ଯନ୍ତ୍ରୀ ସତେଯେମିତି ଏସବୁ ପ୍ରତି ଆଖିବୁଜିଦେଇଛନ୍ତି । ଜୟଦେବ ସଦନ ଛକ ହେଉଛି ବନ୍ଦର ସହର ପାରାଦୀପର ହାର୍ଟ ଲାଇନ୍ ଅର୍ଥାତ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଛକ । ଏହି ଛକ ସ୍କୁଲ, କଲେଜ, ହୋଟେଲ, ବ୍ୟାଙ୍କ, ପୌର ପରିଷଦ କାର୍ଯ୍ୟାଳୟ ଏବଂ ଅନେକ ସରକାରୀ, ବେସରକାରୀ, ବନ୍ଦର ବ୍ୟବହାରକାରୀ ଓ ବହୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ମାନଙ୍କର କାର୍ଯ୍ୟାଳୟକୁ ଯିବାର ମୁଖ୍ୟବାଟ । କିନ୍ତୁ ଆଜକୁ ଏକ ମାସରୁ ଉର୍ଦ୍ଧ୍ୱଦିନ ହେବ ଏହି ଛକ ବାଟେ ଯାଉଥିବା ଏକ ପାଇପଲାଇନର କାର୍ଯ୍ୟ ଅଧାପାନ୍ତେରିଆ ହୋଇ ପଡିରହିଛି । ସେଠାରେ ଏକ ବଡ ଗର୍ତ୍ତମଧ୍ୟରେ ପାଇପଲାଇନ୍ ପାଇଁ ରଡ ଅତି ବିପଦଜନକ ଅବସ୍ଥାରେ ରହିଛି । ନା ବନ୍ଦର ଯନ୍ତ୍ରୀ ନା ଠିକାଦାର କାହାର ଦେଖା ନାହିଁ । ତେବେ ଏଥିପ୍ରତି ବନ୍ଦର ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାରଣରେ ଦାବି ହେଉଛି ।

# ବଳାତ୍କାର ଭିଡିଓ ଭାଇରାଲ ମାମଲା : ମୁଖ୍ୟ ଆସାମୀ ସହ ଦୁଇ ଗିରଫ



**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାର ଜୁନାଗଡ ଥାନା ଅଧିନର ଜୁନାଗଡ ସହରର ଜୈନିକ ଯୁବତୀକୁ ଜୋରଜବରଦସ୍ତି ମଟର ସାଇକେଲରେ ଅପହରଣ କରି ନେବା ପରେ ତାକୁ ବଳତ୍କାର କରିବା ଓ ପରେ ତାର ଗୁପ୍ତାଙ୍ଗ ଅଧିସ୍ଥାନକୁ ମୋବାଇଲରେ ସୁଟିଂ କରି ଭିଡିଓ ଭାଇରାଲ କରିବା ସମ୍ପର୍କରେ ସମ୍ପୃକ୍ତ ଯୁବତୀ ଜୁନାଗଡ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ତନାଘନା ତଦନ୍ତ କରି ଘଟଣାର ମୁଖ୍ୟ ଆସାମୀ ସହିତ ଅନ୍ୟ ଦୁଇ ସହ ଯୋଗୀକୁ ଗିରଫ୍ କରି କୋର୍ଟ ଚାଲାଣ କରାଯାଇଛି ଓ ଅଭିଯୁକ୍ତିମାନେ ବ୍ୟବହାର କରିଥିବା ମଟର ସାଇକେଲ ଓ ମୋବାଇଲକୁ ପୋଲିସ ଜବତ କରି ଅଧିକ ତଦନ୍ତ କରୁଥିବା ସମ୍ପର୍କରେ ଆଜି ରବିବାର ଦିନ ଦିବା ୧୧ ଘଣ୍ଟା ସମୟରେ କଳାହାଣ୍ଡି ଏସ୍‌ପି ସନ୍ଦିପ ମାଦକର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଆଜି ରବିବାର ଦିନ ଦିବା ୧୧ ଘଣ୍ଟା ସମୟରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ କଳାହାଣ୍ଡି ଏସ୍‌ପି ସନ୍ଦିପ ମାଦକର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ଯେ ଗତ ୧୭.୦୩.୨୦୧୮ ତାରିଖ ସନ୍ଧ୍ୟା ୭ ଟା ବେଳେ ଜୁନାଗଡ ସହରର ତାଲବନ୍ଧପଡାର ଜୈନିକା ଯୁବତୀ (୧୮) ନିକଟସ୍ଥ ଶିବ ସାଗର ପଡାରେ ଥିବା ଶନି ମନ୍ଦିରକୁ ପୂଜା କରିବା ପାଇଁ ଯାଇ ଘରକୁ ଫେରୁଥିବା ସମୟରେ ଭତ୍ରାଗୁଡା ଗ୍ରାମର ଚିତ୍ତରଞ୍ଜନ ଗୁରୁ (୨୨) ଓ ତାଙ୍କ ସହଯୋଗୀ ମୁକୁନ୍ଦ ଗୁରୁ (୨୦) ଏବଂ ସୁଶାନ୍ତ ପ୍ରଧାନୀ ( ୧୯ ) ଏକ ପଲସର୍ ମଟର ସାଇକଲ ନଂ- ଓଡି୦୮ ଇ ୧୮୮୯ ରେ ଆସିଥିଲେ । ଚିତ୍ତରଞ୍ଜନ ଓ ଅନ୍ୟ ଦୁଇ ଜଣ ସମ୍ପୃକ୍ତ ଯୁବତୀର ପାଟି ବନ୍ଦ କରି ଜୋରଜବରଦସ୍ତି ଉକ୍ତ ମଟର ସାଇକେଲରେ ତାକୁ ବସାଇ ନିକଟସ୍ଥ ଭତ୍ରାଜୋର ନଦୀ ନିକଟକୁ ନେଇଥିଲେ । ସେଠାରେ ଚିତ୍ତରଞ୍ଜନ ଜୋରଜବରଦସ୍ତି ସମ୍ପୃକ୍ତ ଯୁବତୀକୁ ବଳତ୍କାର କରିଥିଲେ । ଚିତ୍ତରଞ୍ଜନ ବଳତ୍କାର କରିବା ପରେ ସେ ଏବଂ ତାର ଅନ୍ୟ ଦୁଇ ସଂଯୋଗୀ ମୁକୁନ୍ଦ ଗୁରୁ ଓ ସୁଶାନ୍ତ ପ୍ରଧାନୀ ଉକ୍ତ ଯୁବତୀର ଗୁପ୍ତାଙ୍ଗ ର ମୋବାଇଲରେ ଭିଡିଓ ଉଠାଇଥିଲେ । ପରେ ସମ୍ପୃକ୍ତ ଯୁବତୀକୁ ମଟର ସାଇକେଲରେ ଆଣି ରାତି ୧୦ ଟା ସମୟରେ ଜୁନାଗଡ ସହରରେ ଛାଡି ଦେଇ ଚାଲିଯାଇଥିଲେ । ଏହି ଘଟଣା ସମ୍ପର୍କରେ ଯଦି କାହାକୁ କିଛି କହିବୁ କିମ୍ବା ପୋଲିସ ଜଣାଇଲେ ଏହି ମୋବାଇଲରେ ସୁଟିଂ କରାଯାଇଥିବା ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ । ସମ୍ପୃକ୍ତ ଯୁବତୀ ଲୋକଲଜ୍ଜା ଓ ଜୀବନ ପ୍ରତୀ ଭୟ ଥିବା ହେତୁ ସେ ଘଟଣା ସମ୍ପର୍କରେ କାହାକୁ କିଛି କହିନଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ଭିଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଯୁବତୀ ୬.୦୪.୨୦୧୮ ତାରିଖ ଦିନ ଘଟଣା ସମ୍ପର୍କରେ ଜୁନାଗଡ ଥାନାରେ ଲିଖିତ ଏତଲା ଦେଇଥିଲା । ଜୁନାଗଡ ଥାନା କେସ୍ ନଂ- ୧୧୪/ ୬.୦୪.୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା । ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କଳାହାଣ୍ଡି ଏସ୍‌ପି ସନ୍ଦିପ ମାଦକର ତୁରନ୍ତ ଘଟଣା ତଦନ୍ତ କରି ଆସାମୀ ମାନଙ୍କୁ ଗିରଫ କରିବା ପାଇଁ ଜୁନାଗଡ ଥାନାକୁ ନିର୍ଦ୍ଦେଶ ଦେବା ସହିତ ଅତିରିକ୍ତ ଏସ୍‌ପି ଗୋପିନାଥ ମଣିପାତ୍ରଙ୍କୁ ଘଟଣା ତଦନ୍ତ କରିବା ପାଇଁ ପଠାଇଥିଲେ । ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ଶ୍ରୀ ମଣିପାତ୍ର ଓ ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରି ଘଟଣାର ତଦନ୍ତ କରି ଗତ ୭ ତାରିଖ ଦିନ ମୁଖ୍ୟ ଅଭିଯୁକ୍ତ ଚିତ୍ତରଞ୍ଜନ ଗୁରୁ, ମୁକୁନ୍ଦ ଗୁରୁ ଏବଂ ସୁଶାନ୍ତ ପ୍ରଧାନୀକୁ ଧରିବାରେ ସଫଳ ହୋଇଥିଲେ । ସେମାନେ ଘଟଣା ସମୟରେ ବ୍ୟବହାର କରିଥିବା ଅଭିଯୁକ୍ତ ମାନଙ୍କ ଠାରୁ ମଟର ସାଇକେଲ ନଂ- ଓଡି୦୮ ଇ ୧୮୮୯ ଓ ଭିଡିଓ ସୁଟିଂ କରିଥିବା ମୋବାଇଲ ଦୁଇଟି ଜବତ କରିଥିଲେ । ସେମାନଙ୍କୁ ପୋଲିସ ଜେରା କରିବା ସମୟରେ ଏହି ଘଟଣା ସେମାନେ ଘଟାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଆଜି ରବିବାର ଦିନ ସେମାନଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ପି ଶ୍ରୀ ମାଦକର ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଗୋପିନାଥ ମଣିପାତ୍ର, ଡିଏସ୍‌ପି ( ଡିଆଇବି ) ସୁନୀଲ କୁମାର ଆଚାର୍ଯ୍ୟ, ଭବାନୀପାଟଣା ଆଇଆଇସି ସତ୍ୟନାରାୟଣ ପ୍ରଧାନ ଏବଂ ଜୁନାଗଡ ଆଇଆଇସି ରାଜେନ୍ଦ୍ର କୁମାର ଦେହୁରି ଉପସ୍ଥିତ ଥିଲେ ।

# କଳାହାଣ୍ଡିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ଦାବି

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ କଳାହାଣ୍ଡି ଯୁବ ଲେଖକ ସମାବେଶ ପକ୍ଷରୁ ଦାବି କରାଯାଇଛି । ଏନେଇ କଳାହାଣ୍ଡି ଯୁବ ଲେଖକ ସମାବେଶ ପକ୍ଷରୁ ଓଡିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଚ୍ଚ ଶିକ୍ଷା ମନ୍ତ୍ରୀ ତଥା ଉଚ୍ଚ ଶିକ୍ଷା ସଚିବଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରେରଣ କରାଯାଇଛି । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପାଇଁ କଳାହାଣ୍ଡି ହେଉଛି ପ୍ରକୃଷ୍ଟ ସ୍ଥାନ । କାରଣ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ବିଭିନ୍ନ କାରଣ ଯୋଗୁଁ ଆଂଚଳିକ ବୈଷମ୍ୟ ବୃଦ୍ଧି ପାଇ ଚାଲିଥିବାବେଳେ ଓଡ଼ିଆ ତଥା ଓଡ଼ିଆ ଭାଷା ସାହିତ୍ୟକୁ କଳାହାଣ୍ଡିର ଅବଦାନ ଅତୁଳନୀୟ । ଜିଲ୍ଲାରେ ଓଡ଼ିଆକୁ ମାତ୍ରାଧିକ ଭଲପାଇବା ଲୋକଙ୍କର ଯେପରି ଅଭାବ ନାହିଁ, ସେହିପରି ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ କଳାହାଣ୍ଡିରେ ଉପଲବ୍ଧ । ଜିଲ୍ଲାରେ ଉତ୍ତମ ରେଳ ଓ ସଡ଼କ ଯୋଗାଯୋଗ, ପ୍ରାକୃତିକ ସହିତ ଆଧୁନିକ ଭିତ୍ତିଭୂମି ମଧ୍ୟ ସହଜରେ ଉପଲବ୍ଧ ହୋଇପାରିବ । ଏଥିପାଇଁ ରାଜଧାନୀଠାରୁ କଳାହାଣ୍ଡିର ଦୂରତା ବାଧକ ହେବନାହିଁ । କାରଣ ଦେଶର ଅନ୍ୟ ଭାଷାଭିତିକ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ରାଜଧାନୀରୁ ଯଥେଷ୍ଟ ଦୂରରେ ରହିଥିଲେ ହେଁ କୌଣସି ସମସ୍ୟା ଦେଖା ଦେଇନାହିଁ । ସେଥିମଧ୍ୟରୁ ତାଞ୍ଜାଭୁର ସ୍ଥିତ ତାମିଲ ବିଶ୍ୱବିଦ୍ୟାଳୟ (ତାମିଲନାଡୁ ରାଜଧାନୀ ଚେନ୍ନାଇଠାରୁ ୩୪୧ କି.ମି. ଦୂରତା), ହାମ୍ପି ସ୍ଥିତ କନ୍ନଡ଼ ବିଶ୍ୱବିଦ୍ୟାଳୟ (କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁଠାରୁ ୩୫୨ କି.ମି.), ଭକ୍କଡ, ତିରୁର, ମଲପ୍ପୁରମ୍ ସ୍ଥିତ ମଲୟାଲମ ବିଶ୍ୱବିଦ୍ୟାଳୟ (କେରଳ ରାଜଧାନୀ ଥିରୁଅନନ୍ତପୁରମ୍ ଠାରୁ ୩୩୮ କି.ମି.) ଅନ୍ୟତମ । ଏଥିସହ ରାଜ୍ୟର ୮ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ୫ଟି ବିଶ୍ୱବିଦ୍ୟାଳୟ (ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, କଟକ ସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ)ରେ ଓଡ଼ିଆ ପ୍ରଫେସର୍ ପଦବୀ ଖାଲି ପଡ଼ିଛି । ବିଭିନ୍ନ ମହାବିଦ୍ୟାଳୟରେ ଖାଲି ଥିବା ଓଡ଼ିଆ ଅଧ୍ୟାପକ ପଦବୀ ପୂରଣ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପରି ଶାସ୍ତ୍ରୀୟ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ସମାବେଶ ପକ୍ଷରୁ ଦାବି କରାଯାଇଛି । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣାର ଓଡ଼ିଆ ଏମ୍.ଫିଲ୍ ପାଠ୍ୟକ୍ରମ ଚଳିତ ବର୍ଷରୁ ବନ୍ଦ ହୋଇଯାଇଛି । ଏହାକୁ ପୁନଃପ୍ରଚଳନ କରାଯିବାକୁ ଏବଂ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱ ଓଡ଼ିଆ ସମ୍ମିଳନୀ କଳାହାଣ୍ଡିରେ ଆୟୋଜନ କରାଯିବାକୁ ସମାବେଶ ଦାବି କରିଛି । ଏ ନେଇ ଯୁବ ସମାବେଶ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରାଯିବା ସହ ଏହା ହେଲେ ଶିକ୍ଷାର ମାନଚିତ୍ରରେ କଳାହାଣ୍ଡିର ସ୍ଥାନ ଆହୁରି ଉଚ୍ଚରେ ରହିବ ବୋଲି ପ୍ରକାଶ କରାଯାଇଛି । ଜନମତ ସଂଗ୍ରହ ପାଇଁ ଆଗାମୀ ଦିନରେ ଜିଲ୍ଲାର ତେରଗୋଟି ବ୍ଲକରୁ ତେରଶହ ପୋଷ୍ଟକାର୍ଡ ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯିବ ବୋଲି ସମାବେଶର ଆବାହକ ସୁଶୀଲ କୁମାର ବାଗ, ସୁଧୀର କୁମାର ଧଙ୍ଗଡାମାଝୀ, ଜୟଦ୍ରଥ ସୁନାଙ୍କ ସମେତ ସଦସ୍ୟ ଯାଦବେନ୍ଦ୍ର ସାହା, ଡିଲେଶ୍ୱର ରଣା, ପରମା ନାଏକ ପ୍ରମୁଖ ଏହି ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି ।

Evos EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from
N.H., Petrol Pump




3200/- Sq.ft
Construction will Start from March 2017
Member Of
AFORD
State Bank of India
Finance Available
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near
Jagasara, BDA Housing Project



27-40 Lakhs
www.evos.co.in
Mob.: 9438383699, 9040051152

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି